

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA — ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ



IAS COLLECTOR
PARUL PATAWARI

| Vol.5 | Issue- 47 | May 2 to 8, 2022, | Jagatsinghpur | Page-8 | Rs. 5/- |
|---|---|---|---|---|---|
| ବର୍ଷ-୫ | ସଂଖ୍ୟା- ୪୭ | ମଇ ୨ ରୁ ୮, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା |


# ଯୋବ୍ରା ବ୍ୟାରେଜରେ ଫାଟ

**କଟକ(ତପନ ମହାନ୍ତି):-** ଯୋବ୍ରା ବ୍ୟାରେଜ ପୋଲ ବିପଦପୂର୍ଣ୍ଣ ହୋଇପଡ଼ିଛି। ପୋଲ ମଝିରେ ଫାଟିଯାଇ ଆଁକରିବା ସହିତ ଗର୍ତ୍ତ ମଧ ସୃଷ୍ଟି ହୋଛି। ଏହି ଗର୍ତ୍ତ ଯୋଗୁଁ ପ୍ରତିଦିନ ଅନେକ ଛୋଟବଡ଼ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିଲେ ହେଁ ଏହାର ମରାମତି ଦିଗରେ ବିଭାଗ ପକ୍ଷରୁ କୌଣସି ପକ୍ଷେପ ନିଆଯାଉ ନ ଥିବାରୁ ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ଏହି ପୋଲଦ୍ୱାରା କଟକ ସହର ଅନ୍ୟ ଜିଲ୍ଲା ସହିତ ଯୋଡ଼ି ହୋଇପାରିଛି। ପୋଲର କଦର୍ଯ୍ୟ ରାସ୍ତାପାଇଁ ଯାତାୟତା ପ୍ରଭାବିତ ହୋଇଛି। ପୋଲର ଏକାଧିକ ସ୍ଥାନରେ ବିରାଟ ଗର୍ତ୍ତ ସୃଷ୍ଟି ହେଲାଣି। ଏହାର ମରାମତି ଦିଗରେ ପଦକ୍ଷେପ ନିଆଯାଉନାହିଁ। ଯୋବ୍ରାଠାରେ ମହାନଦୀ ଉପରେ ନିର୍ମିତ ହୋଇଥିବା ପ୍ରାୟ ୨ କି.ମି ଲମ୍ବର ଏହି ପୋଲଟି କଟକ, ଜଗତପୁର ଓ ଚୌଦ୍ୱାର ରାସ୍ତାକୁ ସଂଯୋଗ କରୁଛି। ଏହାଛଡ଼ା କଟକ ବଡ଼ ଡାକ୍ତରଖାନା, ରେଳଷ୍ଟେସନ, ବସଷ୍ଟାଣ୍ଡ, ମାଲଗୋଦାମ ସହିତ ସଂଖ୍ୟାଧିକ ପ୍ରମୁଖ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସହରରେ ରହିଥିବାରୁ ଦିନ ହେଉ କି ରାତି ଶହ ଶହ ସଂଖ୍ୟାର



ଯାନବାହନ ପ୍ରତିଦିନ ଏହି ପୋଲଦେଇ ଯା'ଆସ କରିଥାଏ। ଫଳରେ ଗମନାଗମନ କ୍ଷେତ୍ରରେ ଏହି ପୋଲ୍ ବେଶ୍ ଗୁରୁତ୍ୱ ବହନ କରୁଥିଲେ ହେଁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବନରୁ ଏହାର ଅବସ୍ଥା ଅଧିକ ବିପଦପୂର୍ଣ୍ଣ ହୋଇପଡ଼ିଛି। ପୋଲର ଏକାଧିକ ସ୍ଥାନରେ ଫାଟ ସୃଷ୍ଟି ହେବା ସହିତ ଗର୍ତ୍ତ ମଧ ଦେଖାଦେଇଛି। ଏହାଦ୍ୱାରା ଅନେକ ସମୟରେ ଦୁର୍ଘଟଣା ଘଟି ପଥଚାରୀ ଆହତ ହେଉଛନ୍ତି। ଅଧିକାଂଶ ଦୁଇଚକିଆ ଗାଡ଼ି ଚାକଲ ଖାଲରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ହଠାତ୍ ଦୁର୍ଘଟଣା ଘଟିଲେ ପୋଲର ଦୁଇ ପାର୍ଶ୍ୱରେ ଆସୁଥିବା ଯାନବାହନଗୁଡ଼ିକର ଲମ୍ବାଧାନି ସୃଷ୍ଟି ହେଉଛି। ରାତିରେ ଏହି ପୋଲ ଅଧିକ ବିପଦପୂର୍ଣ୍ଣ ହୋଇପଡୁଛି। ଅଧିକାଂଶ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଆଲୋକ ଜଳୁନାହିଁ। ଫଳରେ ଦୁର୍ଘଟଣା ବୃଦ୍ଧି ପଶଇବା ସହିତ ଅନ୍ଧକାର ଯୋଗୁଁ ପୋଲରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲିଟିଛି। ଏଭିଳି ସମସ୍ୟା ୭ ମାସରୁ ଅଧିକ ହେବ ଲାଗିରହିଥିଲେ ହେଁ ଏ ଦିଗରେ ପଦକ୍ଷେପ ନିଆଯାଉନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା କି ପ୍ରତିଦିନ ଏହି ପୋଲ ଦେଇ ବହୁ ମନ୍ତ୍ରୀ ଓ ଯନ୍ତ୍ରୀ ଯାଆସ କରୁଥିଲେ ହେଁ ଏଭଳି ଅବସ୍ଥା ଉପରେ କାହାର ନଜର ନ ପଡ଼ିବା ଘଟଣା ସାଧାରଣରେ ଚକିତ ସୃଷ୍ଟି କରିଛି।

# ପ୍ରାର୍ଥୀ ଦେଖି ନିଷ୍ପତ୍ତି:ନବୀନ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ନୂଆଦିଲ୍ଲୀ ଗସ୍ତରେ ଥିବା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଷ୍ଟ୍ରପତି ନିର୍ବାଚନ ପ୍ରସଙ୍ଗରେ ଏଥର ବି ନିଜ ଆଭିମୁଖ୍ୟ ସ୍ପଷ୍ଟ କଲେ ନାହିଁ। ସାମ୍ବାଦିକମାନେ ଏ ପ୍ରସଙ୍ଗରେ ତାଙ୍କ ମତାମତ ଲୋଡିବାରୁ ଶ୍ରୀ ପଟ୍ଟନାୟକ କହିଲେ ଯେ ନିର୍ବାଚନରେ ପ୍ରାର୍ଥୀ କିଏ ହେବ ତାହା ଗୁରୁତ୍ୱପୂର୍ଣ୍ଣ। ଏବେଠାରୁ ରାଷ୍ଟ୍ରପତି ନିର୍ବାଚନକୁ (ପୃଷ୍ଠା-୨)

# ଓଡ଼ିଆରେ ନାମ ଫଳକ



**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଓଡ଼ିଆରେ ଲେଖାଯିବ ନାମ ଫଳକ। ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ନାମଫଳକ ଓଡ଼ିଆ ଭାଷାରେ ଲେଖିବା ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏ ନେଇ ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ପ୍ରଦୀପ ଜେନା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା (ପୃଷ୍ଠା-୨)

# ତୁ-ତୁ-ମେଁ-ମେଁ, ଦ୍ୱନ୍ଦ୍ୱରେ ଅପରାଜିତା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବିଜେପି ଅପରାଜିତାଙ୍କୁ ଏକଲା କରିଦେବା ପରେ ଏବେ ଅପରାଜିତାଙ୍କ ରାଜନୈତିକ କ୍ୟାରିୟର ଉପରେ ପ୍ରଶ୍ନବାଚୀ। ଦଳ ଛାଡିବେ କି ଅପରାଜିତା ? କେଉଁ ଦଳରେ ଯୋଗ ଦେବେ? ମୁଖ୍ୟମନ୍ତ୍ରୀଙ୍କ ଚେହେରା ହେବେ କି ୨୦୨୪ ନିର୍ବାଚନରେ ଏମିତି ଅନେକ ପ୍ରଶ୍ନ ଅପରାଜିତାଙ୍କୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି।

ଆଗକୁ ୨୦୨୪ ନିର୍ବାଚନ। ଏ ନେଇ ରାଜନୈତିକ ଦଳ ନିଜ ସଂଗଠନକୁ ମଜବୁତ କରିବାରେ ଲାଗିଛନ୍ତି କିନ୍ତୁ ବିଜେପିରେ ସଂଗଠନ ବଢ଼ିବା ବଦଳରେ ଛିଡୁନି। ୨୦୧୯ ନିର୍ବାଚନ ପରେ ପରେ ବିଜେପିରେ ଏକ ପ୍ରକାର ନେତୃତ୍ୱ





ପତିଆରା ଓ ବିଜେପି ବିଜେଡି ମଧରେ ଫ୍ରେଣ୍ଡସିପ୍ ପଲିଟିକ୍ସ ଏକ ପ୍ରକାର ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା। ଏହି ଦ୍ୱନ୍ଦ୍ୱ ବିଜେପିର ବରିଷ୍ଠ ନେତାଙ୍କ ସହ କର୍ମୀଙ୍କ ମନରେ ଜନ୍ମି ଥିଲା। ତେବେ ଏହି ଫ୍ରେଣ୍ଡସିପ୍ ପଲିଟିକ୍ସ ଭିତରୁ ବିଦ୍ରୋହର ସ୍ୱର ଉଠିଥିଲା। ବିଜେପି ଏକ କ୍ୟାଡର ଭିତ୍ତିକ ଦଳ ହୋଇଥିବାରୁ ବାହାରୁ ଯାଇଥିବା ନେତାଙ୍କ ପାଇଁ ଅନୂକୁଳ ହୋଇପାରିଲା ନାହିଁ। ଆଉ ଏହାକୁ ନେଇ ବିଜେପିର ବରିଷ୍ଠ ନେତା ଅପରାଜିତା ଓ ବିଜୟ ମହାପାତ୍ରଙ୍କ ସମେତ ଅନେକ ନେତାଙ୍କ ବିଜେପିରେ ଅସନ୍ତୋଷ ଦେଖିବାକୁ ମିଳିଥିଲା।

ସାଂସଦ ଅପରାଜିତା ଜଗା ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ପଦଯାତ୍ରା କରିଛନ୍ତି। କିନ୍ତୁ ଅନ୍ୟପଟେ ଶ୍ରୀମନ୍ଦିର ବଞ୍ଚାଓ ଅଭିଯାନରେ ବିଜେପି ଅପରାଜିତା ଷଡଙ୍ଗୀଙ୍କ ହାତ ଛାଡିଦେଇଛି। ଦେଖିବାକୁ ଗଲେ ଶ୍ରୀମନ୍ଦିର ପ୍ରକଳ୍ପକୁ ବିଜେପି ତରଫରୁ କୌଣସି ବିରୋଧ କରାଯାଇନାହିଁ କିନ୍ତୁ ଅପରାଜିତା ଦଳରୁ ଅଲଗା ହୋଇ ବିରୋଧ କରିବା ତାହା କେଉଁ ଆଭିମୁଖ୍ୟକୁ ଦର୍ଶାଉଛି ? ଆଉ ଏହି ବିଜେପିର ରାଜନୀତିକୁ ନେଇ ଖୋଦ୍ ବିଜେପି କର୍ମୀମାନେ ଏକ ପ୍ରକାର ଦ୍ୱନ୍ଦ୍ୱରେ ପଡିଛନ୍ତି।

ବ୍ୟକ୍ତିଗତ ଭାବେ ଏହାର ନେତୃତ୍ୱ ନେଇଛନ୍ତି (ପୃଷ୍ଠା-୨)

# ପୁଣି ପୂର୍ବତନ ବିଧାୟିକାଙ୍କ ଘରେ

## ରାଜନୈତିକ ମହଲରେ ଭିନ୍ନ ଚର୍ଚ୍ଚା

**ଯାଜପୁର(ସଂପର୍କବାର୍ତ୍ତା):-** ପୁଣି ଚର୍ଚ୍ଚାରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ। ଏଥର କୌଣସି ରାଜନୈତିକ କାର୍ଯ୍ୟ କିମ୍ବା ଆନ୍ଦୋଳନ ପାଇଁ ନୁହେଁ ବରଂ ଜଣେ ପୂର୍ବତନ ବିଧାୟିକାଙ୍କ ଘରକୁ ଗସ୍ତକରି ଚର୍ଚ୍ଚାରେ ଅପରାଜିତା। ପୂର୍ବତନ କୋରେଇ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ଘରକୁ ସାଂସଦ ଅପରାଜିତା ଷଡଙ୍ଗୀ ଗସ୍ତ କରିଛନ୍ତି। ସୂଚନା ଅନୁଯାୟୀ, ଶନିବାର ମଧ୍ୟାହ୍ନରେ ଭୁବନେଶ୍ୱର ସାଂସଦ ବ୍ୟାସନଗର ମୁଣ୍ଡମାଳ ସ୍ଥିତ ପୂର୍ବତନ କୋରେଇ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ବାସଭବନରେ ପହଞ୍ଚିଥିଲେ।

ସେଠାରେ ଅପରାଜିତା ଦୀର୍ଘ ୧ ଘଣ୍ଟା (ପୃଷ୍ଠା-୨)

# ଉତ୍ତରାଧିକାରୀ-ହାସ୍ୟାସ୍ପଦ ଓ ବିଭ୍ରାନ୍ତିକର !

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି)**

କିଛି ଦିନ ତଳେ ସାମାଜିକ ଗଣମାଧମରେ ଗୋଟିଏ ରୋଚକ ଖବର ପ୍ରକାଶ ପାଇଥିଲା। ଏଥିରେ ଦର୍ଶାଯାଇଥିଲା ଯେ, ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁଜାତା କାର୍ତ୍ତିକେୟନ ପାଣ୍ଡିଆନ୍ ଏବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଉତ୍ତରାଧିକାରୀ। ଏହି ଖବରକୁ ନେଇ ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି କରିଛି। ସୁଜାତା କାର୍ତ୍ତିକେୟନଙ୍କ ସ୍ୱାମୀ ଭି.କାର୍ତ୍ତିକେୟନ ପାଣ୍ଡିଆନ୍ ହେଉଛନ୍ତି ରାଜ୍ୟ ସରକାରଙ୍କ ୫-ଟି ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ। ରାଜ୍ୟ ରାଜନୀତି ଓ ପ୍ରଶାସନିକ କାର୍ଯ୍ୟରେ ତାଙ୍କର ଦବଦବା ରହିଛି ସତ୍ୟ। ତାଙ୍କର କାର୍ଯ୍ୟଦକ୍ଷତା ସକାସେ ସେ ମୁଖ୍ୟମନ୍ତ୍ରିଙ୍କ ଅତି ନିକଟତର। ରାଜ୍ୟର ଓ ବିଜୁ ଜନତା ଦଳର ପ୍ରଗତି ସକାସେ ଅହରହ କାର୍ଯ୍ୟରତ। ସେ ମଧ ହୃଦୟଙ୍ଗମ କରିଛନ୍ତି ରାଜନୈତିକ ଉତ୍ତରାଧିକାରୀରେ କେବଳ ବଂଶବାଦ ହିଁ ଗ୍ରହଣୀୟ। ଓଡ଼ିଶାରେ ପୂର୍ବରୁ ଥରେ "ମିଡ୍‌ନାଇଟ୍ ଅପରେସନ୍" ହୋଇସାରିଛି ଓ ତା'ର ପରିଣାମ କ'ଣ ତାହା ସମସ୍ତଙ୍କୁ ଜଣା। ଦ୍ୱିତୀୟ ଉଦାହରଣ ତାମିଲନାଡୁରେ ଜୟଲଳିତାଙ୍କ କ୍ଷେତ୍ରରେ ଘଟିସାରିଛି। ତେଣୁ ପାଣ୍ଡିଆନ୍ ଜଣେ ଦକ୍ଷ ଓ ସକରାତ୍ମକ ପ୍ରଶାସନିକ ଅଧିକାରୀ। ଏପରି ଭୁଲ୍ ନିଷ୍ପତ୍ତି ସପକ୍ଷରେ ଯିବାର ପ୍ରଶ୍ନ ଉଠୁନାହିଁ। ତାଙ୍କୁ ବଦନାମ କରିବାରେ ଏହା



ଗୋଟିଏ ରାଜନୈତିକ ଚାଲ୍ ହୋଇଥାଏ ପରେ।

ଓଡ଼ିଶାରେ ଶାସନ କରୁଥିବା ବିଜୁ ଜନତା ଦଳ ଗୋଟିଏ ଶକ୍ତିଶାଳୀ ଆଞ୍ଚଳିକ ଦଳର ମାନ୍ୟତା ପାଇସାରିଛି। ଦୀର୍ଘ ୨୨ ବର୍ଷ ଧରି ଲଗାତର ଏହା ଶାସନ ବ୍ୟବସ୍ଥାରେ ରହିଛି। ଏହାର ସୁପ୍ରିମୋ ନବୀନ ପଟ୍ଟନାୟକ ୨୨ ବର୍ଷ ଧରି ମୁଖ୍ୟମନ୍ତ୍ରୀ ରହି ଲଗାତାର ଶାସନ କରିବାର ସମସ୍ତ ରେକର୍ଡ ଭାଙ୍ଗି ସାରିଛନ୍ତି। ଓଡ଼ିଶାର ଦିବଙ୍ଗତ ନେତା ବିଜୁ ପଟ୍ଟନାୟକଙ୍କ ପୁତ୍ର ହେଉଛନ୍ତି ନବୀନ ପଟ୍ଟନାୟକ। ତାଙ୍କରି ଲୋକପ୍ରିୟତାକୁ ଆଧାର କରି ଦଳର ନାମ ବିଜୁ ଜନତା ଦଳ(ବିଜେଡି) ରଖାଯାଇଥିଲା। ଦଳ ଆଜି ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଛି। ତାହା କେବଳ ବିଜୁ ପଟ୍ଟନାୟକଙ୍କ ନାମରେ ଓଡ଼ିଶାବାସୀ ବିଜୁ ବାବୁଙ୍କୁ ଭଲ ପାଆନ୍ତି। ତେଣୁ ବିଜୁ ବାବୁଙ୍କ ଦେହାନ୍ତ ପରେ ରାଜ୍ୟବାସୀ ସହଜରେ ତାଙ୍କ ସୁପୁତ୍ର ନବୀନ ବାବୁଙ୍କୁ ଗ୍ରହଣ କରିନେଇଥିଲେ। ଯାହା ଫଳରେ ରାଜ୍ୟବାସୀଙ୍କ ଭଲ ପାଇବାଟା ଆଜି ପର୍ଯ୍ୟନ୍ତ ତାଙ୍କ ପ୍ରତି ବଳବତ୍ତର ରହିଛି। ଭାରତ ବର୍ଷରେ ଯେତେ ଆଞ୍ଚଳିକ ଦଳ ସକ୍ରିୟ ରହିଛି ତାହା କେବଳ ବଂଶଗତ ଅଂଶିଦାର ସକାସେ ତିଷ୍ଠିକରି ରହିଛି। ବିଜୁ ଜନତା ଦଳରେ ଏହାର ବ୍ୟକ୍ତିକ୍ରମ ହେବାର ବି ପ୍ରଶ୍ନ ଉଠୁନାହିଁ। ହଁ ଏହା ମଧ ସତ୍ୟ ଯେ ନବୀନ ପଟ୍ଟନାୟକ ଅବିବାହିତ ମାତ୍ର ତାଙ୍କର ଉତ୍ତରାଧିକାରୀ ଭାବରେ ତାଙ୍କର ପୁତୁରା ଅରୁଣ ପଟ୍ଟନାୟକ ଅଛନ୍ତି। ତାଙ୍କ କଥା ଏ ପର୍ଯ୍ୟନ୍ତ ପରିସରଭୁକ୍ତ ହୋଇନାହିଁ। କାରଣ ନବୀନ ପଟ୍ଟନାୟକଙ୍କ ଉତ୍ତରାଧିକାରୀ ଖୋଜିବାର ସମୟ ଏବେ ଆସିନାହିଁ। ସେ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି। ଜାତୀୟ ରାଜନୀତିରେ ତାଙ୍କର ଏବେ ବି ଦବଦବା ରହିଛି। ରାଜନୈତିକ ଗୋଟିଚାଳନା ଠିକ୍ ଭାବରେ କରିପାରୁଛନ୍ତି। ୨୦୨୪ରେ ରାଜ୍ୟରେ ସାଧାରଣ ନିର୍ବାଚନ ତା ପୂର୍ବରୁ ଏପରି ଆକଳନ ନିହାତି ପକ୍ଷେ ହାସ୍ୟାସ୍ପଦ।

# ବାତ୍ୟା ଚିତ୍ର ଅସ୍ପଷ୍ଟ



ଲଘୁଚାପ ନିଶ୍ଚିତ କିନ୍ତୁ ବାତ୍ୟା ହେବକି ନାହିଁ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ଆସନ୍ତା ୪ ତାରିଖରେ ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ ବୋଲି କହିଛନ୍ତି ଭାରତୀୟ ପାଣିପାଗ (ପୃଷ୍ଠା-୨)

# କଟକରେ ୭ ମହଲା କୋଠା ଅଟକିଛି କାହିଁକି ?

**କଟକ(ତପନ ମହାନ୍ତି):-** ୧୩୩ କୋଟିର ପ୍ରକଳ୍ପ। ୭ ମହଲା ବିଶିଷ୍ଟବିଶାଳା କୋଠା। ୨୦୧୯ରେ ଆରମ୍ଭ ହେଲା। ୨୦୨୧ ମାର୍ଚ୍ଚ ସୁଦ୍ଧା ନିର୍ମାଣ ଶେଷ କରାଯାଇ କୋଠାକୁ ଶିଶୁଭବନକୁ ହସ୍ତାନ୍ତର କରାଯିବ ବୋଲି ଏଗ୍ରିମେଣ୍ଟ ହୋଇଥିଲା। କିନ୍ତୁ ୨୦୨୧ ମାର୍ଚ୍ଚ ଯାଇ ୨୦୨୨ ମାର୍ଚ୍ଚ ଗଲାଣି। କୋଠା ନିର୍ମାଣ ଶେଷ ହେଉନି। କେବେ କୋଠାର ନିର୍ମାଣ ଶେଷ ହୋଇ ଶିଶୁଭୁବନ ଦଖଲକୁ ନେବ ତାହା ମଧ ସ୍ପଷ୍ଟ ହେଉନି। ନିର୍ମାଣ ବିଳମ୍ବ ଯୋଗୁଁ ନୂଆ ରୂପ ନେବାକୁ ଯାଉଥିବା ଶିଶୁଭବନ ଏବେ ଅଧାରେ ଅଟକିଛି।


ଶିଶୁଭବନର ରୂପରେଖକୁ ଏମିତି ଯୋଜନା କରାଯାଇଥିଲା। ୪୧୬ ବେଡ୍ ବିଶିଷ୍ଟ ଥିବା ଶିଶୁଭବନ ୬୦୦ ବେଡ୍ ବିଶିଷ୍ଟ ହେବ। ଆଇସିୟୁ, ଏସ୍‌ଏନ୍‌ସିୟୁ, ନ୍ୟୁବର୍ଣ୍ଣ କେୟାର ୟୁନିଟ୍‌ର ସଂପ୍ରସାରଣ କରାଯିବ। ଶିଶୁଭବନରେ ନିର୍ମାଣଧୀନ ୭ ମହଲା କୋଠା କାର୍ଯ୍ୟକାରୀ ହେବା ପରେ ନ୍ୟୁରୋଲୋଜି, ନେଫ୍ରୋଲୋଜି, କାର୍ଡ଼ିଓଲୋଜି ଭଳି ସୁପରସ୍ପେଶାଲିଟି ଚିକିତ୍ସା ସୁବିଧା ଶିଶୁଭବନରେ ଆରମ୍ଭ କରାଯିବ ବୋଲି ସରକାର ଯୋଜନା କରିଥିଲେ। ବିଶେଷ କରି ଶିଶୁଭବନର ଏମର୍ଜେନ୍ସି କେୟାର ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବ ବୋଲି ଯୋଜନା ପ୍ରସ୍ତୁତ ହୋଇଥିଲା। ନବଜାତକଙ୍କ ପାଇଁ ୪୦ଟି ଆଇସିୟୁ ବେଡ୍, ପେଡ଼ିଆଟ୍ରିକ୍, ଇଣ୍ଟେନସିଭ୍ କେୟାର ୟୁନିଟ୍ (ପିକ୍)ରେ ୧୫ଟି ଆଇସିୟୁ ୩୦ଟି ଷ୍ଟେପ୍‌ଡାଉନ୍ ବେଡ୍ ରହିବାକୁ ବ୍ୟବସ୍ଥା କରାଯାଇଥିଲା। ବର୍ତ୍ତମାନ ସ୍ଥିତିରେ ଶିଶୁଭବନରେ ପିକୁ (ପେଡ଼ିଆଟ୍ରିକ ଇଣ୍ଟେନସିଭ୍ କେୟାର ୟୁନିଟ୍) ଓ ନିକ୍ (ନିଓନାଟ୍‌ଲ କେୟାର ୟୁନିଟ୍)ରେ ମୋଟ୍ ୨୧ଟି ଆଇସିୟୁ ବେଡ୍ ରହିଛି। କାଜୁଆଲଟିକୁ ମଧ ଅଧିକ କ୍ରିୟାଶୀଳ କରାଯିବାକୁ ଯୋଜନା କରାଯାଇଥିଲା। କାଜୁଆଲଟିକୁ ରୋଗୀ ଆସିବା ମାତ୍ରେ ତାଙ୍କର ତୁରନ୍ତ ପ୍ରାଥମିକ ଚିକିତ୍ସା ପରେ ତୁରନ୍ତ ସେ ଆବଶ୍ୟକ କରୁଥିବା ୱାର୍ଡ଼କୁ ରେଫର୍ କରାଯିବ। ପ୍ରଥମେ ସଂପ୍ରସାରଣ, ତା'ପରେ ଏମର୍ଜେନ୍ସି କେୟାର ଓ ପରବର୍ତ୍ତି ଅବସ୍ଥାରେ ସୁପର୍ ସ୍ପେଶିଆଲିଟି ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି କୁହାଯାଇଥିଲା। ଏହାବାଦ୍ ଶିଶୁଭବନ ପରିସରରେ ଡାକ୍ତରୀ ଛାତ୍ରୀଛାତ୍ରୀଙ୍କ ପାଇଁ ୧୨୦ ବେଡ୍ ବିଶିଷ୍ଟ ହଷ୍ଟେଲ୍, ୨୦୦ ରୋଗୀ ସମ୍ପର୍କୀୟଙ୍କ ରହିବା ଭଳି ସେଡ୍ ନିର୍ମାଣ କରାଯିବ ବୋଲି କୁହାଯାଇଥିଲା। ୭ ମହଲା କୋଠାକୁ ଲାଗି ଶିଶୁ ଭବନର ମୁଖ୍ୟ ଫାଟକ ରହିବ। ଶିଶୁଭବନ ପରିସରରେ ଥିବା ପୋଖରୀକୁ ପୁନରୁଦ୍ଧାର କରାଯାଇ ଏହାର ଚାରିପଟେ ଆମ୍ବୁଲାନ୍ସ ରହିବା ବ୍ୟବସ୍ଥା କରାଯିବ। ମାତ୍ର ଏବେ ସମସ୍ତ ଯୋଜନା କେବଳ ଫାଇଲ ଭିତରେ ରହିଯାଇଛି। ୨୦୧୯ ଫେବୃଆରୀ ମାସରୁ ଆରମ୍ଭ ହୋଇଥିବା ଏହି କୋଠା ନିର୍ମାଣ ଅଦ୍ୟାବଧି ଶେଷ ହୋଇପାରିନାହିଁ। ପ୍ରଥମେ ୨୦୨୧ ମାର୍ଚ୍ଚ ସୁଦ୍ଧା କୋଠା ନିର୍ମାଣ ଶେଷ ହେବ ବୋଲି ଡେଡଲାଇନ୍ ଦିଆଯାଇଥିଲା। ଏହି ସମୟ ମଧରେ ନିର୍ମାଣ ଶେଷ ନ ହେବାରୁ ୨୦୨୧ ନଭେମ୍ବରକୁ କଣ୍ଟା ଘୁଞ୍ଚା (ପୃଷ୍ଠା-୨)

# ପୁଣି ୭ କୋଟି ଚଳୁ !

ବର୍ଷକ ପୂର୍ବେ ନୂଆବଜାର କାଳିଆବୋଦାଠାରେ ୨କି.ମି. ରାସ୍ତା ନୂଆ କରି ହୋଇଥିଲା। ପୂର୍ତ୍ତ ବିଭାଗ-୨ କନିଷ୍ଠ ଯନ୍ତ୍ରୀ କହିବା ଅନୁସାରେ ଏଥିରେ ୬କୋଟି ୮୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। କିନ୍ତୁ ରାସ୍ତା ନିର୍ମାଣ ଯେଉଁ ନିମୟରେ ହେବା କଥା ତାହା ନ କରି ରାସ୍ତା ଅଧାପନ୍ତରିଆ ରଖି ଠିକାସଂସ୍ଥା ଛାଡ଼ି ଦେଇଥିଲା। ଏ ସଂପର୍କରେ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇବା ପରେ ତରବରିଆ ଭାବରେ ରାସ୍ତାରେ ତାଳି ପକାଇ ଦିଆଯାଇଥିଲା। କିନ୍ତୁ ଏବେ କାଳିଆବୋଦାଠାରୁ ନୂଆବଜାରକୁ ଆସିବା ରାସ୍ତାର ଅନେକ ସ୍ଥାନ ଦବିଯାଇ ଖାଲ ହେଲାଣି ଅନେକ ସ୍ଥାନରୁ ବଜୁରୀ ପିଚୁ ଉଠି ଗଲାଣି। ଯୁବନେତା ଜ୍ୟୋତି ରଞ୍ଜନ ରାୟ(ବୁଲୁ)ଙ୍କ ଅଭିଯୋଗ ଅନୁଯାୟୀ ନିମ୍ନମାନର କାମଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏପଟେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକଙ୍କ ଆର୍ଶୀବାଦ ପାଇଁ ଇଂଞ୍ଜିନିୟର ଜଣକ କଟକ ସହରରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ରହି ଲୁଟି ଚାଲିଛି ବୋଲି ଅଞ୍ଚଳବାସୀ କୁହନ୍ତି। ଆଉ କିଛି ବର୍ଷ ରହିଲେ କଟକର ମାଟି ଗୋଡ଼ି ବିକ୍ରି କରି ଖାଇଯିବ ବୋଲି କୁହନ୍ତି। ତାଙ୍କ ବଦଳି ଅଜର ଆସିଲା ମାତ୍ରେକେ ଲକ୍ଷାଧିକ ଟଙ୍କା ପକେଇ ରହିବାର ମାନେ କ'ଣ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ପୂର୍ବତନ ବିଧାୟକ ଯଦି କହୁଛନ୍ତି ସର୍ଚ୍ଚୋଟ ତା'ହେଲେ ଉକ୍ତ ଇଞ୍ଜିନିୟରଙ୍କୁ ବଦଳି କରି ଦେଖାନ୍ତୁ। ନା ବଦଳି କରିପାରିବେ ନାହିଁ କାରଣ ତାଙ୍କୁ ପିସିଟା କମିଯିବ କରି ଦେଖାନ୍ତୁ। ନା ବଦଳି କରିପାରିବେ ନାହିଁ କାରଣ ତାଙ୍କୁ ପିସିଟା କମିଯିବ ବୋଲି ଅଭିଯୋଗ ହେଉଛି। ୬ କୋଟି ୮୭ ଲକ୍ଷ ଟଙ୍କାକୁ ଭିଜିଲାନ୍ସ ତଦନ୍ତ କରାଗଲେ ନେତା ଇଞ୍ଜିନିୟର ଏବଂ ଠିକାଦାର ସମସ୍ତେ ବନ୍ଧ ହେବେ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୁଏ।

# ଓଡିଶାର ଦୁଇ ଏନଜିଓଙ୍କ ପଞ୍ଜିକରଣ ରଦ୍ଦ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଓଡିଶାର ଦୁଇ ସ୍ୱେଚ୍ଛାସେବୀ ସଙ୍ଗଠନକୁ ଝଟକା ବୁଧବାର କେନ୍ଦ୍ର ଗୃହମନ୍ତ୍ରଣାଳୟ ଓଡିଶାର ୨ଟି ଏନଜିଓର ଏଫସିଆର ପଞ୍ଜିକରଣକୁ ରଦ୍ଦ କରିଦେଇଛନ୍ତି ଏହି ଦୁଇଟି ସଂସ୍ଥା ହେଲା ଦି ସମ୍ପୃକ୍ତ ୨ଟି ଏନଜିଓର ଏଫସିଆରଏ ପଞ୍ଜିକରଣରୁ ରଦ୍ଦ କରିଦେଇଛନ୍ତି ଏହି ଦୁଇଟି ସଂସ୍ଥା ହେଲା ଦି ହେଭେନଲି ଗ୍ରେସ୍ ମିନିଷ୍ଟ୍ରିଜ୍ ଏବଂ ପିପୁଲସ୍ ଅର୍ଗାନାଇ ଜେଶନ ଫର ଏମ୍ପାଓାରମେଣ୍ଟ ଅଫ୍ ଟ୍ରାଇବସ୍ ଏହି ଦୁଇଟି ସଂସ୍ଥାକୁ ଆଉ ବିଦେଶ ପାଣ୍ଠି ମିଳିବନି । ସମ୍ପୃକ୍ତ ୨ଟି ସଂସ୍ଥା ସେବା ନାମରେ ବିଦେଶ ପାଣ୍ଠି ଆଣି ଦୁରୋପଯୋଗ କରୁଥିବାରୁ କେନ୍ଦ୍ର ଗୃହମନ୍ତ୍ରଣାଳୟ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସେହିପରି ସରକାରଙ୍କ ବିଭିନ୍ନ ନିୟମ କାନୁନକ ଏହି ଦୁଇଟି ଏନଜିଓ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି । ୨୦୧୨ଫରେନ୍ କଣ୍ଟ୍ରିବ୍ୟୁସନ୍ ରେଗୁଲେସନ୍ ଆକ୍ଟ-୨୦୧୦ର ଏଫସିଆରଏ ବିଭିନ୍ନ ନିୟମକୁ ଏହି ଦୁଇଟି ସଂସ୍ଥା ଭାଙ୍ଗିଥିବା ଅଭିଯୋଗ ହୋଇଛି । ତେଣୁ



ଆଇନ ଅନୁସାରେ ଏମାନଙ୍କ ବିଦେଶ ପାଣ୍ଠି ମଞ୍ଜୁରିକ ବାତିଲ କରି ଦିଆ ଯାଇଛି । ଦି ହେଭେନଲି ଗ୍ରେସ୍ ମିନିଷ୍ଟିଜ ୨୦୦୧ରେ କାର୍ଯ୍ୟ କରିବା ଆରମ୍ଭ କରିଥିଲା ଗରିବଙ୍କୁ ଘର, ଶିକ୍ଷା , ଶିଶୁ ଏବଂ ଯୁବକମାନଙ୍କର ବିକାଶ ଏହି ସଂସ୍ଥ୍ୟାର ମୁଖ ଉଦ୍ଦେଶ୍ୟ ଥିଲା ସେହି ପରି ଅନୁନ୍ନତ ତଥା ଅନଗ୍ରସରର ଅଂଚଳରେ ଶିକ୍ଷା ସ୍ୱସ୍ଥ୍ୟ, ଶିଶୁଙ୍କର ଯତ୍ନ, ଭୋକେଶନାଲ୍ ଟ୍ରେନିଂ ଏବଂ ଗ୍ରାମାଂଚଳର ବିକାଶ ଦିଗରେ କାମ କାରି ଆସୁଥିଲା ଫଏଟ । କିନ୍ତୁ ଏହି ଦୁଇଟି ସଂସ୍ଥା ସେବା ନାମରେ ବିଦେଶ ପାଣ୍ଠି ଆଣି ବ୍ୟାପକ ହେରଫେର କରିଥିବା ଯାଂଚ ବେଳେ ଜଣାପଡିଛି । ଦୁଇଦିନ ପୂର୍ବରୁ କମନ୍‌ୱେଲଥ୍ ହ୍ୟୁମେନ୍ ରାଇନସ୍ ଏବଂ ଆପନେ ଆପ ଓମେନ୍ ୱାଲଡ୍‌ୱାଇଡ ନାମକ ଦୁଇଟି ସଂସ୍ଥାର ଏଫସିଆରଏ ଲାଇସେନ୍ସକୁ ବାତିଲ କରାଯାଇଛି । ବିଦେଶ ପାଣ୍ଠି ର ବ୍ୟାପକ ଅନିୟମିତତା ଅଭିଯୋଗରେ କେନ୍ଦ୍ରସରକାର ୨୦୧୭ରୁ ୨୦୨୧ମଧ୍ୟରେ ୧୯୦୦ଏନଜିଓର ଏଫସିଆରଏ ପଞ୍ଜିକରଣରୁ ବାତିଲ କରିଛନ୍ତି ।


# ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କୁ ମାରିଦେବାକୁ ଧମକ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନଫ୍ତାଲି ବେନେଟ୍ ଏବଂ ତାଙ୍କ ପରିବାରକୁ ଜୀବନରୁ ମାରିଦେବାକୁ ଧମକ ମିଳିଛି । ପ୍ରଧାନମନ୍ତ୍ରୀଙ୍କ ପରିବାରକୁ ଏକ ଧମକପୂର୍ଣ୍ଣ ଚିଠି ସହ ଗୁଳି ପଠାଯାଇଛି । ଏହାପରେ ପ୍ରଧାନମନ୍ତ୍ରୀ ଏବଂତାଙ୍କ ପରିବାରର ସୁରକ୍ଷା ବଢାଇ ଦିଆଯାଇଛି । ସେପଟେ ଏହି ଧମକପୂର୍ଣ୍ଣ ଚିଠି ପଛରେ କାହା ହାତ ଅଛି ଜାଣିବା ପାଇଁ ପୋଲିସ୍ ଛାନ୍‌ଭିନ୍ ଆରମ୍ଭ କରିଛି । ଇସ୍ରାଏଲ୍ ପୋଲିସ୍ କହିଛି ଯେ, ପ୍ରଧାନମନ୍ତ୍ରୀ ନଫ୍ତାଲି ବେନେଟ୍‌ଙ୍କ ପରିବାରକୁ ଏକ ଧମକପୂର୍ଣ୍ଣ ଚିଠି ସହ ଗୁଳି ପଠାଯାଇଛି । ଏହି ମାମଲାରେ ସତନ୍ତ୍ର ଅପରାଧ ଶାଖା ଏବଂ ସୁରକ୍ଷା ଏଜେନ୍ସି ତଦନ୍ତ ଆରମ୍ଭ କରିଛି । ସେପଟେ ବେନେଟ୍‌ଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଧମକପୂର୍ଣ୍ଣ ଚିଠି ପରେ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ପରିବାରର ସୁରକ୍ଷା ବଢାଇ ଦିଆଯାଇଛି । ଏହାସହ ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଦିଆଯାଇଛି ।



# ଭୂଆଁ ବୁଲାଉଛି ପତଞ୍ଜଳି ବିଜ୍ଞାପନ !

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଯୋଗଗୁରୁ ବାବା ରାମଦେବଙ୍କ ପତଞ୍ଜଳିର ଅନେକ ବିଜ୍ଞାପନରେ ହୃଦୟ, ଲୋକଙ୍କୁ ଭ୍ରମିତ କରୁଛି । କମ୍ପାନୀର ବିଭିନ୍ନ ସାମଗ୍ରୀ ଶରୀରକୁ ସୁସ୍ଥ ରଖିବ ବୋଲି ଦାବି ହେଉଛି । ଏବେ ଏହି ସବୁ ସାମଗ୍ରୀ ଉପରେ ସରକାର ନଜର ରଖିଛନ୍ତି ଏହାସହ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ମଧ୍ୟ ଦାବି କରିଛନ୍ତି । କମ୍ପାନୀର କିଛି ବିଜ୍ଞାପନରେ ହୃଦୟ, ଯକୃତ ସୁସ୍ଥ ରହିବ ବୋଲି ଦର୍ଶାଯାଇଥିଲା ତେବେ ଏହାକୁ ବିରୋଧ କରି କିଛି ବ୍ୟକ୍ତି ଅଭିଯୋଗ କରିଥିଲେ । ଏହି ସବୁ ସାମଗ୍ରୀକୁ ଫେରସ୍ତ ପାଇଁ ଦାବି କରିଥିଲେ ମଙ୍ଗଳବାର କେରଳର ଏସ ବାବୁ ନାମକ ଜଣେ ଡାକ୍ତର ଏନେଇ



ଅଭିଯୋଗ କରିଥିଲେ । ସେ କହିଥିଲେ ଯେ ପତଞ୍ଜଳିର ଏକ ସାମଗ୍ରୀ ଯକୃତସୁସ୍ଥ ରଖିବା ସହ ମେଦ ବହୁଳତା କମାଇବ ବୋଲି ଦାବି କରିଥିଲେ । ବିଭିନ୍ନ ଖବର କାଗଜରେ ଏନେଇ ବିଜ୍ଞାପନ ଛପା ଯାଇଥିଲା ଏପରି ଭାବେ କମ୍ପାନୀ ବିଜ୍ଞାପନ ଧାରା ୩ର ଉଲ୍ଲଘନ କରିଛି । ଏହାପରେ ଆୟୁଷ ମନ୍ତ୍ରାଳୟ ମାମଲାରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରାଳୟ କହିଛି ଯେ , ନ୍ୟାଶନାଲ ଫାର୍ମା କୋ ଭିଜିଲାନ୍ସ ସେଣ୍ଟର ଓ ଅନ୍ୟ ତଦନ୍ତକାରୀ ସଂସ୍ଥ ପତଞ୍ଜ ଉତ୍ପାଦର ବିଜ୍ଞାପନ ଉପରେ ନଜର ରଖିଛନ୍ତି । ନିୟମାନୁସାରେ ଯୁକ୍ତ ଚିକିତ୍ସା ବାବଦରେ ଦାବି କରୁଥିବା କୌଣସି ସାମଗ୍ରୀର ବିଜ୍ଞାପନ ହୋଇପାରିବ ନାହିଁ । କର୍ଣ୍ଣାଟକ ଓ ରାଜସ୍ଥାନରେ ଏପରି ଆଉ କିଛି ସାମଗ୍ରୀର ବିଜ୍ଞାପନ ହୋଇଥିବା ଖବର ଆସିବା ପରେ ସ୍ଥାନୀୟ ଆଦିକାରୀଙ୍କୁ ତଦନ୍ତ ପାଇଁ କୁହାଯାଇଥିବା ମନ୍ତ୍ରାଳୟ କହିଛି ।

# ଗର୍ଭବତୀ ତରୁଣୀକୁ ଦୁଷ୍କର୍ମ ପୂର୍ବରୁ ରୁଷ୍ ସୈନିକଙ୍କ ଧମକ

# ସହଯୋଗ ନ କଲେ ୨୦ ଜଣଙ୍କୁ ଡାକି ଆଣିବି

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ରୁଷ୍ ନିୟନ୍ତ୍ରଣରେ ଥିବା ୟୁକ୍ରେନ୍‌ର ଖେରସନ୍ ସହରରେ ଜଣେ ମଦ୍ୟପ ରୁଷୀୟ ସୈନିକ ଗର୍ଭବତୀ ଥିବା ୧୬ ବର୍ଷୀୟା ତରୁଣୀକୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି । ତରୁଣୀଟି ପ୍ରଥମେ ସହଯୋଗ ନ କରିବାରୁ 'ମୋ ସହ ଶୁଅ, ନ ହେଲେ ଆଉ ୨୦ ଜଣକୁ ଡାକି ଆଣିବି' ବୋଲି ସୈନିକ ଜଣକ ଧମକ ଦେଇଥିଲା । ଅଭିଯୋଗ ଅନୁସାରେ ଦୁଷ୍କର୍ମ ସମୟରେ ତରୁଣୀ ଜଣକ ୬ ମାସର ଅନ୍ତଃସତ୍ତ୍ୱା ଥିଲା । ସୈନିକ ଜଣକ ତଣ୍ଟିକୁ ଚିପିଧରି ସହଯୋଗ ନ କଲେ ମାରିଦେବାକୁ




ମଧ୍ୟ ଧମକ ଦେଇଥିବା ତରୁଣୀଟି ଅଭିଯୋଗ କରିଛି । ଉକ୍ତ ଅଞ୍ଚଳରୁ ରୁଷ୍ ସେନା ନିଜ ନିୟନ୍ତ୍ରଣକୁ ନେଇଯାଇଥିବା ବେଳେ ପୀଡିତା ଓ ତା' ପରିବାର ବୋମାମାଡରୁ ବର୍ତ୍ତିବା ପାଇଁ ଘରର ଭୂତଳ କୋଠରିରେ ରହୁଛନ୍ତି । ସୂର୍ଯ୍ୟାସ୍ତ ପରେ ଖାଇବା ପାଇଁ ସେମାନେ ପିଲାଙ୍କୁ ନେଇ ବାହାରକୁ ବାହାରିଥିବା ବେଳେ ମଦ୍ୟପ ସୈନିକର ନଜର ସେମାନଙ୍କ ଉପରେ ପଡିଥିଲା । ସେ ପ୍ରଥମେ ଝିଅମାନଙ୍କ ବୟସ ପଚାରି ୧୨, ୧୪ ଓ ୧୬ ବୋଲି ଜାଣିବା ପରେ ତାଙ୍କ ମାଆଙ୍କୁ ଧରିନେଇ କିଛି ସମୟ ପରେ ଛାଡି ଦେଇଥିଲା । ତା' ପରେ ସେ ୧୬ ବର୍ଷୀୟା ଗର୍ଭବତୀ ତରୁଣୀକୁ ନାନା ଧମକ ଦେଇ ଦୁଷ୍କର୍ମ କରିଥିଲା ।

## ଗତ ୩ ମାସ ମଧ୍ୟରେ...

# ଇନ୍‌ଫୋସିସ୍‌ରୁ ୮୦ ହଜାର କର୍ମଚାରୀଙ୍କ ଇସ୍ତଫା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଭାରତର ବୃହତ୍ତମ ଆଇଟି କମ୍ପାନୀ ଇନ୍‌ଫୋସିସ୍ ଗତ ସପ୍ତାହରେ ୨୦୨୨ ଆର୍ଥିକ ବର୍ଷ ପାଇଁ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ଚତୁର୍ଥ ତ୍ରୈମାସିକ ଫଳାଫଳ ଘୋଷଣା କରିଛି । ସାଇଟ୍ସଇନ୍‌ପ୍ଲସ୍‌ର ରିପୋର୍ଟ ଅନୁସାରେ କମ୍ପାନୀ କହିଛି ଯେ, ଆର୍ଥିକ ବର୍ଷ ୨୦୨୨ରେ ଅଫ୍ କ୍ୟାମ୍ପସ୍ ଏବଂ ଅନ୍-କ୍ୟାମ୍ପସ୍‌ରେ ୮୫,୦୦୦ ଫ୍ରେସ୍‌ରଙ୍କୁ ନିଯୁକ୍ତି ଦେଇଛି । ଡିସେମ୍ବର ୨୦୨୧ ତ୍ରୈମାସିକ ମଧ୍ୟରେ ମୋଟ୍ ହେଡ୍‌କାଉଣ୍ଟ ୩,୯,୦୧୫ ରୁ ୨,୯୨,୦୬୭ ରହିଥିଲା । ରିପୋର୍ଟ ଅନୁଯାୟୀ ବେଙ୍ଗାଲୁରୁ ସ୍ଥିତ ଆଇଟି ପ୍ରମୁଖ କହିଛନ୍ତି ଯେ, ମାର୍ଚ୍ଚ ତ୍ରୈମାସିକରେ ଚାକିରୀ ଛାଡିବା ଦର ୨୭.୭%ରେ ପହଞ୍ଚିଯାଇଛି । ଯାହା ଡିସେମ୍ବର ତ୍ରୈମାସିକରେ ୨୫.୫% ରହିଥିଲା । ଏଥିରୁ ଜଣାପଡୁଛି ଯେ, ଜାନୁଆରୀ ମାର୍ଚ୍ଚ ୨୦୨୨ ତ୍ରୈମାସିକରେ ୮୦,୦୦୦ରୁ ଅଧିକ କର୍ମଚାରୀ କମ୍ପାନୀରୁ ଇସ୍ତଫା ଦେଇଛନ୍ତି । ଚାକିରୀ ଛାଡିବାର ରେକର୍ଡ ସ୍ତରକୁ ସାମ୍ନା କରି ନିକଟରେ ଇନ୍‌ଫୋସିସ୍ ନିଯୁକ୍ତି ଚୁକ୍ତିନାମାରେ ପ୍ରତିଯୋଗିତା ନଥିବା ଧାରାକୁ କାର୍ଯ୍ୟକାରୀ କରିଛି । ଏହି ପ୍ରତିଯୋଗିତା ନଥିବା ଧାରା ଅନୁଯାୟୀ, କମ୍ପାନୀ ତା'ର କର୍ମଚାରୀଙ୍କୁ ଚାକିରୀ ଛାଡିବାର ୬ ମାସ ମଧ୍ୟରେ ଟାଟା କନ୍‌ସଲଟାନ୍ସ ସର୍ଭିସେସ୍, ଆଇବିଏମ୍,



କଗ୍ନିଜେଣ୍ଟ, ୱିପ୍ରୋ ଏବଂ ଏକ୍ସଞ୍ଚରରେ ଯୋଗଦେବାକୁ ବାରଣ କରୁଛି । ଯଦି ସେମାନଙ୍କର ସମାନ ଗ୍ରାହକ ଥିବେ । ଏହି ପ୍ରତିବନ୍ଧକ ୯ଟି କମ୍ପାନୀ ଟେକ୍ ମହିନ୍ଦ୍ରା, ଜେନପାକ୍ଟ, ଡବ୍ଲୁଏନ୍‌ଏସ୍, ଟିସିଏସ୍, ଏକ୍ସଞ୍ଚର, ଆଇବିଏମ୍, କଗ୍ନିଜେଣ୍ଟ, ୱିପ୍ରୋ ଏବଂ ଏଚସିଏଲ୍ ବ୍ୟବସାୟ ପ୍ରକ୍ରିୟାକରଣ ପରିଚାଳନା(ବିପିଏମ୍) କର୍ମଚାରୀଙ୍କ ପାଇଁ ପ୍ରଯୁଜ୍ୟ ।

ଏହି ପ୍ରତିଯୋଗିତା ନଥିବା ଧାରା କର୍ମଚାରୀମାନଙ୍କୁ ସମାନ ଗ୍ରାହକମାନଙ୍କ ସହିତ ସେମାନେ ଗତ ୧୨ ମାସ ଧରି କମ୍ପାନୀରେ କାମ କରିଥିଲେ । ପୁଣେ ସ୍ଥିତ ଆଇଟି ୟୁନିଅନ୍ ଦି ନେସେଣ୍ଟ ଇନ୍‌ଫରମେସନ ଟେକ୍ନୋଲୋଜି ଏମ୍ପ୍ଲଇଜ୍ ସିନେଟ୍(NITES) କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟକୁ ଏହି ଧାରା ହଟାଇବାକୁ ଦାବି କରିବା ପରେ ଏହି ମାମଲା ସାମ୍ନାକୁ ଆସିଥିଲା । NITES ଏହାକୁ ମନମୁଖୀ, ଅନୈତିକ ଏବଂ ବେଆଇନ୍ ବୋଲି କହିଛି । ସେପଟେ ଇନ୍‌ଫୋସିସ୍ କହିଛି, ଏହା ରୋଜଗାର ଅନୁବନ୍ଧ ପାଇଁ ମାନକ ବ୍ୟବସ୍ଥା ଅଭ୍ୟାସ । ଯେଉଁଥିରେ ସୂଚନାର ଗୋପନୀୟତା, ଗ୍ରାହକ ସଂଯୋଗ ଏବଂ ଅନ୍ୟ ବୈଧ ବ୍ୟବସାୟିକ ସୁରକ୍ଷା ପାଇଁ ଉଚିତ ପରିସର ଏବଂ ଅବଧି ନିୟନ୍ତ୍ରଣ ସାମିଲ୍ ।

## ପ୍ରଥମ ପୃଷ୍ଠାରୁ...

### ପ୍ରାର୍ଥୀ...

ନେଇ କିଛି ବି କହିବା ଜଲଦି ହେବ । ନିର୍ବାଚନ ପାଇଁ ଏବେବି ବହୁତ ସମୟ ଅଛି । ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ବିଜେଡି ସମର୍ଥନ କରିବ କି ବୋଲି ପ୍ରଶ୍ନ କରାଯିବାରୁ ମାପିଚୁପି ବୟାନ ଦେଇଥିଲେ ନବୀନ । ସେ କହିଥିଲେ ଏବେଠୁ ଏସବୁ କହିବା ସମ୍ଭବ ନୁହେଁ । ପ୍ରସଙ୍ଗ ଯେତେବେଳେ ଆସିବ ସେତେବେଳେ ବିଚାର କରାଯିବ । ରାଷ୍ଟ୍ରପତି ନିର୍ବାଚନ ପାଇଁ ଅଣକଂଗ୍ରେସ ଅଣ ବିଜେପି ମିଳିତ ଫ୍ରଣ୍ଟର ପ୍ରାର୍ଥୀ ସମ୍ଭାବନାକୁ ନେଇ ପ୍ରଶ୍ନ କରାଯିବାରୁ ସେ କହିଥିଲେ ବିଜେଡି ନିଜର ସ୍ୱାଧୀନତାକୁ ଗୁରୁତ୍ୱ ଦିଏ । ଉଭୟ ୟୁପିଏ ଓ ଏନ୍‌ଡିଏ ଠାରୁ ଆମେ ସମଦୂରତା ରଖୁଛୁ ଓ ଏହା ଆଗକୁ ବି ଜାରି ରହିବ । ସେ ପୁଣି କହିଥିଲେ ଆମେ ସବୁବେଳେ ଏନ୍‌ଡିଓ ପ୍ରାର୍ଥୀଙ୍କୁ ସମର୍ଥନ କରିନାହିଁ ।

ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏର ପ୍ରାର୍ଥୀଙ୍କ ବିଜୟକୁ ସୁନିଶ୍ଚିତ କରିବା ପାଇଁ ବିଜେଡି ଓ ୱାଇଏସ୍‌ଆର୍‌ସିପି ଦଳର ପ୍ରମୁଖ ଭୂମିକା ରହିଥିବାବେଳେ ମିଳିତ ବିରୋଧୀ ଦଳର ପ୍ରାର୍ଥୀ ପାଇଁ ବିରୋଧୀ ଦଳ ନବୀନଙ୍କ ସହିତ ଯୋଗାଯୋଗରେ ରହିଥିବା ଚର୍ଚ୍ଚା ହେଉଛି । ଉଲ୍ଲେଖଯୋଗ୍ୟ ଯେ ଦିଲ୍ଲୀର ବିଜ୍ଞାନ ଭବନରେ ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟର ମୁଖ୍ୟବିଚାରପତିମାନଙ୍କ ୧୧ତମ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଞ୍ଜାବର ମୁଖ୍ୟମନ୍ତ୍ରୀ ଭଗବନ୍ତମାନଙ୍କ ସମେତ ଅନ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହିତ ସମ୍ମିଳନୀରେ କଥାବାର୍ତ୍ତା ହେଉଥିବା ଦେଖିବାକୁ ମିଳିଥିଲା ।

### ଓଡ଼ିଆରେ...

ବିଭାଗ ଓ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ନାମଫଳକ ଓଡ଼ିଆ ଭାଷାରେ ଲେଖିବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି । ଚିଠିରେ କୁହାଯାଇଛି, ଦେଶର ପ୍ରତ୍ୟେକ ରାଜ୍ୟରେ ଇଂରାଜୀ ଭାଷା ସହିତ ପ୍ରାଦେଶିକ ଭାଷାକୁ ଗୁରୁତ୍ୱ ଦେଇ ସମସ୍ତ ଶିକ୍ଷାନୁଷ୍ଠାନରେ ନାମଫଳକ ଇଂରାଜୀ ସହ ସ୍ଥାନୀୟ ଭାଷାରେ ଲେଖୁଛନ୍ତି । ସେହିପରି ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ନାମଫଳକ ଇତ୍ୟାଦି ଓଡ଼ିଆ ଭାଷାରେ ଲେଖାଗଲେ ଓଡ଼ିଆ ଭାଷାର ଗୌରବ ଓ ସମ୍ମାନ ଅକ୍ଷୁର୍ଣ୍ଣ ରହିବ ।

ଏହାକୁ ଗୁରୁତ୍ୱ ଦେଇ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ସହିତ ଅଧିକାରୀମାନଙ୍କ ନାମଫଳକ ଇତ୍ୟାଦି ଓଡ଼ିଆ ଭାଷାରେ ନିର୍ଭୁଲ ଭାବରେ ଲେଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ତିନି ସପ୍ତାହ ମଧ୍ୟରେ ଏହାର ଅନୁପାଳନ କରାଯାଇ ସରକାରଙ୍କ ଅବଗତି ନିମନ୍ତେ ଜଣାଇବାକୁ କୁହାଯାଇଛି ।

### ତୁ-ତୁ...

ଅପରାଜିତା ଷଡଙ୍ଗୀ । ଆଉ ସବୁଠାରୁ ବଡ ପ୍ରଶ୍ନ ପ୍ରଚ୍ଛଦ ପଟରେ ରହି ତାଙ୍କୁ କିଏ ବଳ ଯୋଗାଉଛି ? ଏହି ବିଦ୍ରୋହ ୨୦୨୪ରେ ଭୟଙ୍କର ହେବ ନାହିଁତ ।

ଅପରାଜିତାଙ୍କ ଆଭିମୁଖ୍ୟ ସାଙ୍ଗରେ ତାଙ୍କ ଦଳ ବିଜେପି ନ ରହିବା ପ୍ରସଙ୍ଗ ଅଧିକ ଆଶ୍ଚର୍ଯ୍ୟ କରୁଛି । ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ବିଜେପିରୁ ଏକ ଘରିଆ ହୋଇଯାଇଛନ୍ତି ଅପରାଜିତା । ତେବେ ଅପରାଜିତା ଦୁଇ ତିନି ବର୍ଷ ପୂର୍ବରୁ ସେ ନିଜେ ବ୍ୟକ୍ତିଗତ ଭାବେ ଦଳଠୁ ଦୂରେଇ ରହି ନିଜେ ସଭାସମିତି, ରାଲି କରିଆସୁଛନ୍ତି ।

ପୌର ପଞ୍ଚାୟତ ନିର୍ବାଚନରେ ପରାଜୟ ପାଇଁ ଖୋଲା ଖୋଲି ଭାବେ ବିଜେପିର ନେତୃତ୍ୱକୁ ନେଇ ସମାଲୋଚନା କରିଥିଲେ ଅପରାଜିତା । ସେହିପରି ମମିତା ମେହେର ପ୍ରସଙ୍ଗରେ ବିଜେପି ସାରା ଓଡ଼ିଶାରେ ଆନ୍ଦୋଳନ ଚଳାଇଥିବା ବେଳେ ଅପରାଜିତା କିନ୍ତୁ ନିଜକୁ ଦୂରେଇ ରଖିଥିଲେ । ତେବେ ଦେଖିବାକୁ ବାକି ରହିଲା, ବିଜେପିରେ ଲାଗିରହିଥିବା ବିଦ୍ରୋହ ୨୦୨୪ ପାଇଁ ଦଳ ପାଇଁ ଏକ ଘଣ୍ଟା ହୋଇ ଛିଡା ହେବନାହିଁ !

### ପୁଣି...

ପୂର୍ବତନ ବିଧାୟିକା ମହାନ୍ତିଙ୍କ ସହିତ ଓଡ଼ିଶା ରାଜନୈତିକ ସଂପର୍କରେ ଆଲୋଚନା କରିଥିବା ନେଇ ଚର୍ଚ୍ଚା ହେଉଛି । ନିକଟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ବେଆଇନ୍ ଦର୍ଶାଇ ପ୍ରସ୍ତାବିତ ପଦଯାତ୍ରାକୁ ପ୍ରଶାସନ ପକ୍ଷରୁ ଅନୁମତି ମିଳିନଥିଲା । ମାତ୍ର ଅପରାଜିତା ପୁରୀ ଗସ୍ତ କରି ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଅଡି ବସିଥିଲେ । ଫଳରେ ପ୍ରଶାସନ ସହିତ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହାକୁ ନେଇ ରାଜ୍ୟତମାମ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । ଏପରିକି ବିବାଦ ବଢିବାରେ ଏଏସ୍‌ଆଇ ମଧ୍ୟ ରବିବାର ପୁରୀ ଆସୁଥିବା ସୂଚନା ରହିଛି ।ଏପରି ସ୍ଥିତିରେ ଯାଜପୁର ଟାଣୁଆ ନେତା ରାଜ୍ୟରେ ସରକାରରେ ଥିବା ବିଜେଡିର ସାଂଗଠାନିକ ସମ୍ପାଦକ ଥିବାରୁ, ଅପରାଜିତାଙ୍କ ଏହି ଗସ୍ତକୁ ନେଇ ଭିନ୍ନ ଚର୍ଚ୍ଚ ହେଉଛି । ସେପଟେ ଏ ନେଇ ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି କହିଛନ୍ତି ଯେ, ଆଗକୁ ସ୍ୱାମୀଙ୍କ ଶ୍ରାଦ୍ଧବାର୍ଷକୀ ଥିବାରୁ ଔପଚାରିକ ଦୃଷ୍ଟରୁ ଅପରାଜିତା ଆସିଥିଲେ ।

### ବାତ୍ୟା...

ବିଭାଗର ବୈଜ୍ଞାନିକ ଆର୍.କେ. ଜେନାମଣୀ । ଏହା ଘନିଭୂତ ହୋଇ ୬ ତାରିଖ ସୁଦ୍ଧା ଲଘୁଚାପର ରୂପ ନେବ । ଲଘୁଚାପ ହେବା ପରେ ଏହା କେତେ ଘନିଭୂତ ହେବ, ଏବେ ଠୁ କହିହେବନି । ବାତ୍ୟା ସଂପର୍କରେ ମଧ୍ୟ ଚିତ୍ର ଅସ୍ପଷ୍ଟ ରହିଛି । ଯଦି ବାତ୍ୟା ହେବ ଏହାର ତୀବ୍ରତା କେତେ ରହିବ ? କେଉଁଠି ଲ୍ୟାଣ୍ଡଫଲ୍ କରିବ ଏବେ ଠୁ କହିବା ମୁସ୍କିଲ । ତେବେ ଜେନାମଣୀ ଏ କଥା କହିଛନ୍ତି ବିଭିନ୍ନ ମଡେଲ୍ ଅନୁସାରେ ବାତ୍ୟା ସମ୍ଭାବନା ରହୁଛି ।

ସେପଟେ ସମ୍ଭାବ୍ୟ ବାତ୍ୟାକୁ ନେଇ ବିଭିନ୍ନ ପାଣିପାଗ ମଡେଲ୍ ଭିନ୍ନ ଭିନ୍ନ ଆକଳନ କରୁଛନ୍ତି । ଗତ କାଲି ପାଣିପାଗ ବିଶେଷଜ୍ଞ ଶରତ ସାହୁ ଦେଇଥିବା ସୂଚନା ଅନୁସାରେ, ୪-୫ ତାରିଖ ବେଳକୁ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବ ଏବଂ ୬ ତାରିଖ ବେଳକୁ ଏହା ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହୁଛି । ଲଘୁଚାପ ଘନିଭୂତ ହୋଇ ସାଇକ୍ଲୋନିକ୍ ଷ୍ଟର୍ମର ରୂପ ନେଇପାରେ ଏବଂ ସ୍ଥିତି ଅନୂକୁଳ ରହିଲେ ଏହା ସିଭିୟର ସାଇକ୍ଲୋନିକ୍ ଷ୍ଟର୍ମରେ ପରିଣତ ହୋଇପାରେ । ୧୦ ତାରିଖ ବେଳକୁ ଏହା ଓଡ଼ିଶା କିମ୍ବା ପଶ୍ଚିମବଙ୍ଗ ଉପକୂଳ ଦେଇ ଗତିକାରିପାରେ । ବାତ୍ୟା ଯଦି ଓଡ଼ିଶା ଉପକୂଳ ମୁହାଁ ହୁଏ ତେବେ କେନ୍ଦ୍ରାପଡା, ଭଦ୍ରକ, ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ ଏବଂ କେନ୍ଦୁଝରରେ ଏହାର ପ୍ରଭାବ ପଡିପାରେ ।


ଏପଟେ ଦକ୍ଷିଣ ତଥା ଦକ୍ଷିଣ-ପୂର୍ବ ଦିଗରୁ ରାଜ୍ୟ ମଧ୍ୟକୁ କ୍ରମାଗତ ସାମୁଦ୍ରିକ ବାୟୁ ପ୍ରବେଶ କରୁଥିବାରୁ ସକ୍ରୀୟ ହୋଇଛି କାଳବୈଶାଖୀ । ଖଡିଆଳରେ କାଳବୈଶାଖୀ ପ୍ରଭାବରେ ପବନ ସହ କୁଆପଥର ବର୍ଷା ହୋଇଛି । ପବନ ଯୋଗୁଁ କିଛି ସ୍ଥାନରେ ଗଛ ଭାଙ୍ଗି ଯାଇଛି । ଉପକୂଳ ଓଡ଼ିଶାରେ ବି ବଦଳିଛି ପାଗର ମିଜାସ୍ । କଟକ-ଭୁବନେଶ୍ୱର ସମେତ ଉପକୂଳବର୍ତ୍ତୀ ଅଞ୍ଚଳରେ ଅଧିକାଂଶ ଜାଗାରେ ମେଘାଚ୍ଛନ୍ନ ରହିଛି ଆକାଶ । କିଛି ସ୍ଥାନରେ ଛିପିଛିପି ବର୍ଷା ହୋଇଛି । ଫଳରେ ଗଲା କିଛି ଦିନ ଧରି ଲାଗି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି ।

### କଟକରେ...

ଯାଇଥିଲା । ତଥାପି ନଭେମ୍ବରରେ ଶେଷ ନ ହେବାରୁ ୨୦୨୨ ମାର୍ଚ୍ଚକୁ ଚୂଡ଼ାନ୍ତ କରାଯାଇଥିଲା । ହେଲେ ନିର୍ମାଣ ଶେଷ ହୋଇପାରିଲା ନାହିଁ । ଶିଶୁଭବନ ଅଧୀପକ୍ଷପ ପ୍ରଫେସର ଡାକ୍ତର ଜ୍ଞାନୀନ୍ଦ୍ର ନାଥ ବେହେରା କହନ୍ତି, ମଝିରେ କୋଭିଡ୍ ପଶିଯିବାରୁ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଦେଖାଦେଇଥିଲା । ଯଥାଶୀଘ୍ର କୋଠା ନିର୍ମାଣ ଶେଷ କରିବା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି ବୋଲି ଡାକ୍ତର ବେହେରା କହିଛନ୍ତି ।

# ପାରାଦ୍ୱୀପରେ ଝାଡ଼ା ରୋଗୀଙ୍କୁ କଣନଖା ଔଷଧ

**ପାରାଦ୍ୱୀପ(ସଂପର୍କବାର୍ତ୍ତା):-** ସରକାରୀ ଡାକ୍ତରଖାନାରେ ଅବ୍ୟବସ୍ଥା ଓ ଡାକ୍ତରଙ୍କ ଦାୟିତ୍ୱହୀନତା ଚରମସୀମା ପାର କରିଛି । ଆଜି ଏକ ଶିଶୁର ଜୀବନ ସହ ଖେଳ ଖଳିଛନ୍ତି ଡାକ୍ତର ଓ ନିରାମୟ କେନ୍ଦ୍ରରେ ମୁତୟନ କର୍ମଚାରୀ । ଝାଡା ହେଉଥିବା ଶିଶୁକୁ କଣନଖା ଔଷଧ ଦେଇଛନ୍ତି । ଯାହାକୁ ଖାଇ ଶିଶୁ ଅସୁସ୍ଥ ହୋଇପଡିଛି । ଏ ନେଇ ପାରାଦ୍ୱୀପ ଅଠରବାଙ୍କି ସରକାରୀ ହସ୍ପିଟାଲ୍‌ରେ ଉତ୍ତେଜନା ଦେଖାଦେଇଛି । ଅସୁସ୍ଥ ଶିଶୁ ଜଣକ ସ୍ଥାନୀୟ ନେହେରୁ ବଙ୍ଗଳା ଅଞ୍ଚଳର । ବାପା ଦୀପକ ରଞ୍ଜନ ଚାନ୍ଦ ଓ ମା' ସାଇଲିଜା ଚାନ୍ଦଙ୍କ ଅଭିଯୋଗ ମୁତାବକ, ଆଜି ଶିଶୁର ଦେହ ଖରାପ ହେବାରୁ ସେମାନେ ତାକୁ ନେଇ ଅଠରବାଙ୍କି ସରକାରୀ ହସ୍ପିଟାଲ୍‌ରେ ପହଞ୍ଚିଥିଲେ । ଝାଡା ହେଉଥିବାରୁ ଡ୍ୟୁଟିରେ ଥିବା ଡାକ୍ତର ପରୀକ୍ଷା ନିରୀକ୍ଷା କରି ଔଷଧ ଲେଖି ଦେଇଥିଲେ ।



ସେହି ପ୍ରେସକ୍ରିପ୍ସନ ଦେଖାଇ ସେମାନେ ନିରାମୟ କେନ୍ଦ୍ରରୁ ଔଷଧ ନେଇଥିଲେ । ଘରକୁ ଫେରି ଔଷଧ ଦେବା ପରେ ପିଲା ବାନ୍ତି କରିଥିଲା ଏବଂ ଅସୁସ୍ଥ ହୋଇପଡିଥିଲା । ଏହାକୁ ଶିଶୁର ମା ନିଜେ ପରୀକ୍ଷା କରିବାକୁ ଯାଇ ଖାଇବାରୁ ତାଙ୍କର ମଧ୍ୟ ବାନ୍ତି ହୋଇଥିଲା । ସନ୍ଦେହ ହେବାରୁ ହାତ ପାପୁଲିରେ ରଖି ମଳିବାରୁ ଫେଣ ବାହାରିଥିଲା ।

ତେଣୁ ସେ ଶିଶୁକୁ ପୁନଶ୍ଚ ମେଡିକାଲ୍ ଆଣି ଡାକ୍ତରଙ୍କୁ ଦେଖାଇଥିଲେ । ଡ୍ୟୁଟିରେ ଥିବା ଅନ୍ୟଜଣେ ଡାକ୍ତରଙ୍କୁ ଏ ବାବଦରେ ପଚାରିଥିଲେ । ହେଲେ ସେ ଦିଆଯାଇଥିବା ଔଷଧ ବିଷୟରେ କିଛି ନ କହି ଅନ୍ୟ ଔଷଧ ଖାଇବାକୁ ପେସକ୍ରିପସନ୍ ଲେଖି ଦେଇଥିଲେ । ସନ୍ଦେହ ହେବାରୁ ସେମାନେ ଡାକ୍ତରଖାନା ବାହାରେ ଥିବା ଔଷଧ ଦୋକାନମାନଙ୍କରେ ଡାକ୍ତର ପୂର୍ବରୁ ଲେଖିଥିବା ଔଷଧ ସଂପର୍କରେ ପଚାରିଥିଲେ । ଶିଶୁ ଖାଇଥିବା ଔଷଧ ବୋତଲ ଦେଖାଇଥିଲେ । ସେମାନେ ଏହା କଣନଖା ଔଷଧ ବୋଲି କହିବା ପରେ ଶିଶୁର ବାପା, ମା' ପାଦ ତଳୁ ମାଟି ଖସି ଯାଇଥିଲା । ତେଣୁ ଏହି ଭୁଲ ଔଷଧ ଶିଶୁକୁ ଦେବା ପାଇଁ କିଏ ଦାୟୀ ତାହାକୁ ନେଇ ଅଙ୍ଗୁଳି ଉଠିଛି । ଡାକ୍ତରଖାନା କର୍ତ୍ତୃପକ୍ଷ ଓ ଡାକ୍ତରଙ୍କ ଦାୟିତ୍ୱବୋଧତା ଉପରେ ପ୍ରଶ୍ନ ଉଠିଛି ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY




# ସ୍ୱେରେଜ୍ ଶୀଘ୍ର ସାର-ମନ୍ତ୍ରୀ ପ୍ରତାପ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟର ମହାନଗରଗୁଡିକରେ ଚାଲୁଥିବା ସ୍ୱେରେଜ ପ୍ରକଳ୍ପ ଶୀଘ୍ର ସାରିବାକୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଜଳ ଯୋଗାଣ ଓ ସ୍ୱେରେଜ୍ ବୋର୍ଡକୁ ନିର୍ଦ୍ଦେଶ ଦେଇଛନ୍ତି। କଟକ ଓ ଭୁବନେଶ୍ୱର, ସମ୍ବଲପୁର ଓ ରାଉରକେଲା ସହରରେ ସ୍ୱେରେଜ ବ୍ୟବସ୍ଥା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ଶ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରେ ମନ୍ତ୍ରୀ ଓଡ଼ିଶା ଜଳ ଯୋଗାଣ ଓ ସ୍ୱରେଜ୍ ବୋର୍ଡର ଯନ୍ତ୍ରୀମୁଖ୍ୟ ହାଡିବନ୍ଧୁ ବେହେରା, ମୁଖ୍ୟ ଯନ୍ତ୍ରୀ ବିନୋଦ କୁମାର ସାହୁ ଏବଂ ଓଏସ୍‌ଡି ବସନ୍ତ କୁମାର ପରିଡାଙ୍କ ସହ ସମୀକ୍ଷା ବୈଠକ କରିଥିଲେ।



ସମୀକ୍ଷା ବିବରଣୀରୁ ପ୍ରକାଶ କଟକ ଓ ଭୁବନେଶ୍ୱରରେ ଆରମ୍ଭ କରାଯାଇଥିବା ଯଥାକ୍ରମେ ୩୫୭ କିମି ଓ ୨୩୮ କିମି ସ୍ୱରେଜ ବ୍ୟବସ୍ଥା, ୧୦୦ ଏମ୍‌ଏଲ୍‌ଡି କ୍ଷମତା ସଂପନ୍ନ ୩ ଗୋଟି ଏସ୍‌ଟିପି, ୫୬ ଗୋଟି ପମ୍ପିଙ୍ଗ ସେଣ୍ଟର ୧୭.୯ କିମି ଡ୍ରେନ୍ ଓ ୭ଟି ସ୍ଲୁଇସି ଗେଟ୍ କାର୍ଯ୍ୟ ପ୍ରାୟ ୮୫%ରୁ ଅଧିକ ସଂପୂର୍ଣ୍ଣ ହୋଇଥିବା ବେଳେ କଟକର ବକ୍ସ ଡ୍ରେନ୍ କାର୍ଯ୍ୟ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଆଗେଇ ଚାଲିଛି।

ଭୁବନେଶ୍ୱରରେ ହାତକୁ ନିଆଯାଇଥିବା ୨୩୮ କିମି ସ୍ୱରେଜ ପାଇପ ବିଛାଇବା କାର୍ଯ୍ୟରୁ ୨୧୦ କିମି କଟକରେ ୩୫୭ କିମି ମଧ୍ୟରୁ ୩୪୧ କିମି ସଂପୂର୍ଣ୍ଣ ହୋଇଛି। ସିଡିଏରେ ଏସ୍‌ଟିପି-୧ ଅନ୍ତର୍ଗତ ୧୬ ଏମ୍.ଏଲ୍‌ଡି, ଏସ୍‌ଟିପି ଏବଂ ୩୬ରୁ ୨୯ଟି ପମ୍ପିଙ୍ଗ ଷ୍ଟେସନ୍ ପ୍ରତିଷ୍ଠା କରାଯାଇସାରିଲାଣି।

ସେହିପରି ରାଉରକେଲା ସହରରେ ପ୍ରାୟ ୨୫୦ କୋଟି ଟଙ୍କା ଏବଂ ସମ୍ବଲପୁର ସହରରେ ୨୯୫ କୋଟି ଟଙ୍କା ବ୍ୟୟ ଅଟକଳରେ ସ୍ୱରେଜ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ଉପରୋକ୍ତ ସମସ୍ତ କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରିବା ସହିତ ଯଥାଶୀଘ୍ର ସଂପୂର୍ଣ୍ଣ କରିବାକୁ କହିଛନ୍ତି ମନ୍ତ୍ରୀ ପ୍ରତାପ ଜେନା।

# ନିରଞ୍ଜନଙ୍କ ପ୍ରତିକ୍ରିୟା



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ବରିଷ୍ଠ କଂଗ୍ରେସ ନେତା ତାରାପ୍ରସାଦବାହିନୀ ପତି ଓ ନରସିଂହ ମିଶ୍ରଙ୍କ ଦଳୀୟ ପଦ ଛାଡିବା ନେଇ ଚର୍ଚ୍ଚା ହେଉଛି। ଏହି ପ୍ରସଙ୍ଗ ଉପରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରତିକ୍ରାୟା ରଖିଛନ୍ତି। ସେ କହିଛନ୍ତି ଯେ ,ମୋ ପାଖକୁ ସେମିତି କିଛି ଖବର ଆସିନି ଓ ବ୍ୟକ୍ତିଗତ ମଧ କହିଛନ୍ତି ଯେ,କଂଗ୍ରେସ୍ ନୀତି ଆଦର୍ଶ ଯାହା ଥିଲା ତାହା ରହିଛି, ସେଥିରେ କିଛି ପରିବର୍ତ୍ତନ ହୋଇନି। ଯେଉଁମାନେ ଦଳ ଛାଡୁଛନ୍ତି ସେମାନେ କେବଳ ସ୍ୱାର୍ଥ ପାଇଁ ଦଳ ଛାଡୁଛନ୍ତି ଦଳ ଭିତରେ ଶୃଙ୍ଖଳା ଓ କଠିନ ପରିଶ୍ରମ ନିହାତି ଆବଶ୍ୟକ, ନହେଲେ ଜନମତ ପରିବର୍ତ୍ତନ ସମ୍ଭବ ନୁହେଁ ବୋଲି ପିସିସିସଭାପତି ପ୍ରତିକ୍ରିୟା ଦେଇଛନ୍ତି।

# ଓଡ଼ିଶା ଏକ ରୋଲ୍ ମଡେଲ୍‌ରେ ପରିଣତ-ନବୀନ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଦୁଇ ଦଶନ୍ଧି ତଳେ ଏକ ଗରିବ ରାଜ୍ୟଭାବେ ପରିଗଣିତ ହେଉଥିବା ଓଡ଼ିଶା ଆଜି ଦେଶର ଏକ ଆଦର୍ଶ ରାଜ୍ୟରେ ପରିଣତ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ନୂଆଦିଲ୍ଲୀଠାରେ ଇଣ୍ଡିଆ ଟୁଡେ ପକ୍ଷରୁ ଆୟୋଜିତ ଷ୍ଟେଟ୍ ଅଫ୍ ଦି ଷ୍ଟେଟ୍ କନକ୍ଲେଭରେ ଯୋଗ ଦେଇ ନବୀନ କହିଛନ୍ତି ଯେ ୨୦୦୦ ମସିହାରେ ସେ ଯେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ ଓଡ଼ିଶା ଦେଶରେ ଅନାହାର, ଦାରୁଦ୍ର୍ୟ ପାଇଁ ପରିଚିତ ଥିଲା। ଓଡ଼ିଶା ୧୯୯୯ ମହାବାତ୍ୟା ଯୋଗୁଁ ଏକ ବଡ ସଂଟକ ଦେଇ ଗତି କରୁଥିଲା। ରାଜ୍ୟର ଅର୍ଥନୀତି ଭଲ ସ୍ଥିତିରେ ନଥିଲା। କର୍ମଚାରୀଙ୍କୁ ଦରମା ଦେବାକୁ ମଧ ଅର୍ଥ ନଥିଲା। ବିକାଶ କାର୍ଯ୍ୟ ଅଟକି ଯାଇଥିଲା।




କିନ୍ତୁ ଗତ ଦୁଇ ଦଶନ୍ଧୀ ମଧ୍ୟରେ ରାଜ୍ୟ ଏହି ସଂକଟରୁ ଉପରକୁ ଉଠି ଦ୍ରୁତ ବିକାଶ ଲାଭ କରିଛି ଓ କେତେକ କ୍ଷେତ୍ରରେ ସମଗ୍ର ଦେଶରେ ଏକ ରୋଲ ମଡେଲରେ ପରିଣତ ହୋଇଛି। ଧାନ ଉତ୍ପାଦନରେ ଓଡ଼ିଶା ଏବେ ଦେଶର ଏକ ଅଗ୍ରଣୀ ରାଜ୍ୟ। ଶିଳ୍ପ ବିକାଶ ଓ ଖଣି କ୍ଷେତ୍ରରେ ଓଡ଼ିଶା ଦେଶର ଏକ ପ୍ରମୁଖ ରାଜ୍ୟରେ ପରିଣତ ହୋଇଛି। କୋଭିଡ୍ ମହାମାରୀ ସତ୍ତ୍ୱେ ଓଡ଼ିଶା ଗତ ଦୁଇ ବର୍ଷରେ ଦ୍ରୁତ ଅଭିବୃଦ୍ଧି ହାସଲ କରିଛି।

ଏହି ସଫଳତା ପାଇବା ସହଜ ନଥିଲା। ଦୁର୍ନୀତି ଓ ପ୍ରଶାସନିକ ଅପାରଗତା ପରି ଅନେକ ପ୍ରତିବନ୍ଧକ ଥିଲା। ରାଜ୍ୟର ଅନେକ ଭାଗରେ ଭୌଗୋଳିକ ଓ ସାମାଜିକ ଅର୍ଥନୈତିକ ପ୍ରତିବନ୍ଧକ ଥିଲା। କିନ୍ତୁ ରାଜ୍ୟବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାର ଏକମାତ୍ର ଲକ୍ଷ୍ୟ ନେଇ ଆମେ ଗଭୀର ଅଧ୍ୟବସାୟର ସହ କାର୍ଯ୍ୟକରିଥିଲୁ। ଆମର କାର୍ଯ୍ୟକୁ ଦେଖି ଓଡ଼ିଶାବାସୀ ଆମ ଉପରେ କ୍ରମାଗତ ୫ଥର ପାଇଁ ଭରସା ବ୍ୟକ୍ତ କରିଛନ୍ତି।

# ନବୀନଙ୍କ ଭେଟି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଆଜି(୩ ତାରିଖ) ଅକ୍ଷୟ ତୃତୀୟା ଅବସରରେ ଚାଷୀମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭେଟି ଦେଇଛନ୍ତି। ପ୍ରତ୍ୟେକ କାଳିଆ ହିତାଧିକାରୀଙ୍କ ଖାତାକୁ ସିଧାସଳଖ ୨ ହଜାର ଟଙ୍କା ଯିବ। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କାଳିଆ ଟଙ୍କା ପଠାଇବେ ବୋଲି ସୂଚନା ମିଳିଛି। ଏଥିରେ ୪୦ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଲାଭବାନ ହେବେ। ସୂଚନା ଥାଉ ଯେ, କୃଷକଙ୍କ ଜୀବିକା ଓ ଆୟ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା କାଳିଆ ଯୋଜନା ଆଉ ୩ ବର୍ଷ ପାଇଁ ବଢାଇ ଦିଆଯାଇଥିଲା। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଆରମ୍ଭ ହୋଇଥିବା କାଳିଆ ଯୋଜନାର ଅବଧି



୨୦୨୨ ମସିହା ମାର୍ଚ୍ଚ ୩୧ରେ ଶେଷ ହେଉଥିବା ବେଳେ ଏହାକୁ ୩ ବର୍ଷ ବଢାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ବର୍ଷକୁ ୨ଟି କିସ୍ତିରେ ଚାଷୀଙ୍କୁ କାଳିଆ ସହାୟତା ମିଳିବ।

# କଟକରେ ସେକ୍ସ ର୍ୟାକେଟ୍

**● ଭଡା ଘରେ ଚଢଉ ପୂର୍ବରୁ ଖସିଗଲେ ଗ୍ରାହକ**

**● ଦେହଜୀବୀଙ୍କୁ ଚେତାବନୀ ଦେଇ ଛାଡିଲା ପୋଲିସ୍**

**କଟକ(ସଂପର୍କବାର୍ତ୍ତା):-** ଭଡା ଘରେ ଚାଲିଥିଲା ଦେହ ବେପାର। ଅତିଗୋପନୀୟ ଭାବେ ଚାଲିଥିବା ଏହି ସେକ୍ସ ର୍ୟାକେଟ୍ ସମ୍ପର୍କରେ ଖବର ପାଇ ମଙ୍ଗଳବାର ଥାନା ପୋଲିସ୍ ପ୍ରଫେସର ପଡାଶଗଡିଆ ସାହି ନିକଟବର୍ତ୍ତୀ ଅଞ୍ଚଳରେ ଏକ ଘର ଉପରେ ଚଢଉ କରିଥିଲେ। ଏହି ସମୟରେ ଘଟଣାସ୍ଥଳରୁ ଗରାଖମାନେ କୌଶଳରେ ଖସି ଯାଇଥିବା ବେଳେ ଦେହଜୀବୀମାନେ ପୋଲିସ୍ ହାବୁଡରେ ପଡିଯାଇଥିଲେ। ମାତ୍ର ଆଇନ୍‌ଗତ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଦେହଜୀବୀମାନଙ୍କୁ ପୋଲିସ୍ ଚେତାବନୀ ଦେଇ ଛାଡିଦେଇଥିବା ସୂଚନା ମିଳିଛି।




ସେକ୍ସ ର୍ୟାକେଟ୍ ଚାଲିଥିବା ନେଇ ମଙ୍ଗଳବାଗ ଥାନା ପୋଲିସ୍ ପାଖରେ ଖବର ପହଞ୍ଚିବା ପରେ ମହିଳା ପୋଲିସ୍ ସହ ଅନ୍ୟ ପୋଲିସ୍ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଘର ଭିତରେ ଗରାଖ ନ ଥିବାରୁ ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା କ୍ଷେତ୍ରରେ ପୋଲିସ୍ ପାଇଁ ଆଇନ୍‌ଗତ ପ୍ରତିବନ୍ଧକ ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ଜଣେ ଲୋକ ଭଡା ଘର ନେଇ ଏହି କାର୍ଯ୍ୟ ଚଳାଇଥିବା ପୋଲିସ୍ କହିଛି।

ତେବେ ଉକ୍ତ ବିବାଦୀୟସ୍ଥାନକୁ ଦେହଜୀବୀଙ୍କ ପାଖକୁ ଗରାଖ ଭାବେ କିଛି ନାଁ କରା ପରିବା ବ୍ୟବସାୟୀଙ୍କ ସମେତ ଅନ୍ୟ ବ୍ୟବସାୟୀମାନେ ନିୟମିତ ଆସୁଥିଲେ ବୋଲି ଚର୍ଚ୍ଚା ହେଉଛି।

# ମା ଉଗ୍ରତାରା(ପାଣିସାଳିଆ)ର ବରିଷ୍ଠ ନାଗରିକ ମଞ୍ଚର ଉନ୍ନତମାନର ଜଳଦାନ କେନ୍ଦ୍ର







**ଜଗତସିଂହପୁର(ଅନିରୁଦ୍ଧ ପାତ୍ର):-** ମା ଉଗ୍ରତାରା ବରିଷ୍ଠ ନାଗରିକ ମଞ୍ଚ ତରଫରୁ ପାଣିସାଳିଆ ଛକଠାରେ ଏକ ଜଳଦାନ କେନ୍ଦ୍ର ଖୋଲାଯାଇଅଛି ଏବଂ ଏହା ଏକ ସପ୍ତାହ ଧରି ଚାଲିବାର କାର୍ଯ୍ୟକ୍ରମ ରହିଛି। ସଂଘର ସମ୍ମତି କ୍ରମେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଯୁବକମାନେ ଯଥା- ପପୁ, ବାବୁ, ସନିଆ ଓ ପିଣ୍ଟୁ ପ୍ରତ୍ୟେକ୍ଷ ଭାବେ ସହଯୋଗ କରି କାର୍ଯ୍ୟକ୍ରମଟିକୁ ସୁଚାରୁ ରୂପେ ପରିଚାଳନା କରୁଛନ୍ତି। ଏଠାରେ ପ୍ରତିଦିନ ଛାତ୍ରଛାତ୍ରୀ ବୁଦ୍ଧିଜୀବୀ, ପଥଚାରୀ, ଶ୍ରମିକ ତଥା ସମାଜର ପ୍ରତ୍ୟେକ ବର୍ଗର ଲୋକମାନେ ସାମିଲ୍ ହୋଇ କାର୍ଯ୍ୟକ୍ରମକୁ ସଫଳ କରୁଛନ୍ତି। ଏହା ପ୍ରତିଦିନ ୯.୩୦ ରୁ ଆରମ୍ଭ ହୋଇ ୨.୩୦ରେ ସମାପନ ହେଉଛି। ଏହି କାର୍ଯ୍ୟକ୍ରମରେ ପ୍ରତିଦିନ ବରିଷ୍ଠ ନାଗରିକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେଉଛନ୍ତି ଏବଂ ଏହି ଜଳଦାନ ଉନ୍ନତମାନର ହେଉଥିବା ନେଇ ପାନ କରୁଥିବା ବ୍ୟକ୍ତି ବେଶ୍ ପ୍ରଶଂସା କରୁଥିବା ଲକ୍ଷ୍ୟ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଦୈନିକ ଅଂଶଗ୍ରହଣ କରୁଥିବା ମଞ୍ଚର ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ମୁଖ୍ୟତଃ ତଥା ସଭାପତି ଗୌରାଙ୍ଗ ଚରଣ ମୁଦୁଲି, ସମ୍ପାଦକ ଅନିରୁଦ୍ଧ ପାତ୍ର, କୋଷାଧ୍ୟକ୍ଷ ଭଗବାନ ବିଶ୍ୱାଳ, ଉପସଭାପତି ସୁରେନ୍ଦ୍ର କୁମାର ରାଉତରାୟ ମୁଖ୍ୟାଂଶରେ ଥିବା ବେଳେ ଅନ୍ୟାନ୍ୟ ସଭ୍ୟମାନଙ୍କ ମଧ୍ୟରେ ହିତେଶ କୁମାର ମହାନ୍ତି, କାଶିନାଥ ଦାସ, ହେମନ୍ତ କୁମାର ମହାନ୍ତି, ଡଃ. ବୀରନାରାୟଣ ପାଲ୍, ଡାକ୍ତର ଅଚ୍ୟୁତ କୁମାର ମହାନ୍ତି, ଶକର୍ଷଣ ନାୟକ, ପ୍ରଭାକର ସାହୁ, ରମେଶ ଚନ୍ଦ୍ର ଦାସ, ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ମହାନ୍ତି, ସାମ୍ବାଦିକ ଦୁର୍ଯ୍ୟୋଧନ ରଣା, ବରିଷ୍ଠ ସାମ୍ବାଦିକ ବୀରବର ଦଳାଇଙ୍କ ସମସ୍ତଙ୍କ ସହଯୋଗ ସଂଘ ପକ୍ଷରୁ ସମସ୍ତଙ୍କୁ ସମ୍ପାଦକ ଶ୍ରୀ ପାତ୍ର ଧନ୍ୟବାଦ ଅର୍ପଣ କରିଛନ୍ତି।

# ବିଧାୟକଙ୍କ ମାଟ୍ରିକ୍ ପରୀକ୍ଷା

**କନ୍ଧମାଳ(ସଂପର୍କବାର୍ତ୍ତା):-** ଦୀର୍ଘ ବର୍ଷର ବ୍ୟବଧାନ ପରେ ପରୀକ୍ଷା ଦେଲେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର। ରୁଜାଙ୍ଗି ହାଇସ୍କୁଲ ପରୀକ୍ଷା ସେଣ୍ଟରରେ ପରୀକ୍ଷା ଦେଉଛନ୍ତି। ସେ ପୂର୍ବରୁ ଫୁଲବାଣୀ ଏଜେଓ ହାଇସ୍କୁଲରେ ପାଠ ପଢୁଥିଲେ। ତେବେ ପାରିବାରିକ ଓ ଆର୍ଥିକ ସମସ୍ୟା ଯୋଗୁଁ ମାଟ୍ରିକ୍ ପରୀକ୍ଷା ଦେଇପାରିନଥିଲେ। ପରେ ରାଜନୀତିରେ ମିଶି ବିଭିନ୍ନ ପଦ ପଦବୀରେ ରହି ବ୍ୟସ୍ତତା ଭିତରେ ଇଚ୍ଛା ଥିଲେ ବି ମାଟ୍ରିକ୍ ଆଉ ଦେଇପାରିନଥିଲେ। ତେବେ ବୟସ୍କ ଲୋକମାନେ ପରୀକ୍ଷା ଦେଉଥିବା ଦେଖି ବର୍ତ୍ତମାନ ଆଗ୍ରହ ପ୍ରକାଶ କରିଥିବା କହିଛନ୍ତି ବିଧାୟକ ଅଙ୍ଗଦ କହଁର। ପ୍ରଥମ ଦିନ ପରୀକ୍ଷା ସେଣ୍ଟରରେ ପହଞ୍ଚି ସେଣ୍ଟର ଭିତରକୁ ପ୍ରବେଶ କରିଥିଲେ। ତାଙ୍କୁ ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ନିୟମ ପ୍ରକାରେ ଚେକିଂ କରିବା ପରେ ଭିତରକୁ ଛାଡିଥିଲେ।



# ସ୍ତ୍ରୀ କର୍ପୋରେଟର, ସ୍ୱାମୀ ୱାର୍ଡ ଚୌକିଦାର

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଏଥର ବିଏମ୍‌ସିରେ ସଂଖ୍ୟାଧିକ ମହିଳା କର୍ପୋରେଟର ନିର୍ବାଚିତ ହୋଇ ସର୍ବକାଳୀନ ରେକର୍ଡ କରିଛନ୍ତି। ୬୭ ୱାର୍ଡରୁ ପ୍ରଥମ ଥର ପାଇଁ ୪୨ଜଣ ମହିଳା କର୍ପୋରେଟର ବିଏମ୍‌ସିକୁ ନିର୍ବାଚିତ ହୋଇଛନ୍ତି। ମହିଳାଙ୍କୁ ମର୍ଯ୍ୟାଦା ଦେବାକୁ ଯାଇ ଏଥର ଡେପୁଟି ମେୟର ପଦ ମଧ ମହିଳାଙ୍କୁ ଦିଆଯାଇଛି। ମେୟର ବି ମହିଳା। ଯେତେବେଳେ ମହିଳାମାନେ କର୍ପୋରେଟର ଭାବେ ନିର୍ବାଚିତ ହୋଇ ଆସିଲେ, ଲାଗୁଥିଲା ମହିଳା ମେୟରଙ୍କ ନେତୃତ୍ୱରେ ଏହି ମହିଳା କର୍ପୋରେଟରମାନେ ଶାସନର ମଙ୍ଗ ଧରିବେ। ଶପଥ ନେବା ପରେ ଗଣମାଧ୍ୟମରେ ବିବୃତ୍ତି ରଖିଥିଲେ ଲୋକଙ୍କ ପାଇଁ କାମ କରିବୁ।



ହେଲେ ଶପଥ ନେବାର ମାତ୍ର ୨୦ ଦିନ ଭିତରେ କେତେକ ମହିଳା କର୍ପୋରେଟରଙ୍କ ଅସଲ କଥା ପଦାରେ ପଡିଗଲା। ପୂର୍ବରୁ ଯେମିତି ସେମାନେ ରବର ଷ୍ଟାମ୍ପ ଥିଲେ ଏବେ ବି ସେମାନେ ରବର ଷ୍ଟାମ୍ପ ବୋଲି ପ୍ରମାଣିତ କରିଦେଲେ। ସେମାନେ ପୂର୍ବବତ୍ ଘରେ ବସିଲେ, ସ୍ୱାମୀମାନେ ୱାର୍ଡ ଉନ୍ନତି ପାଇଁ ରାସ୍ତାକୁ ଓହ୍ଲାଇଲେ। ଖୋଦ୍ ମେୟରଙ୍କ ସହ ୱାର୍ଡରେ ବୁଲି ଲୋକଙ୍କ ଦୁଃଖ ବୁଝିଲେ। ଆଜି ମେୟର ସୁଲୋଚନା ଦାସ ୩୭, ୩୮ ଓ ୩୯ ନମ୍ବର ୱାର୍ଡ ପରିକ୍ରମା କଲାବେଳେ ଏଭଳି ଚିତ୍ର ଗୋଟିଏ ଫ୍ରେମ୍‌ରେ କଏଦ୍ ହୋଇଛି। ୩୭ ନଂ କର୍ପୋରେଟର ବନ୍ଦିତା ପାଲ୍‌ଙ୍କ ସ୍ୱାମୀ ଅର୍ଜୁନ ବେହେରା, ୩୮ ନମ୍ବର କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନାଙ୍କ ସ୍ୱାମୀ ସୌମେନ୍ଦ୍ର ଜେନା ଓ ୩୯ ନମ୍ବର ୱାର୍ଡ କର୍ପୋରେଟର ଗୀତାଞ୍ଜଳି ସାହୁଙ୍କ ସ୍ୱାମୀ ବିଷ୍ଣୁପ୍ରସାଦ ସାହୁ ମେୟରଙ୍କ ସହ ୱାର୍ଡରେ ବୁଲି ବିଭିନ୍ନ ସମସ୍ୟା ଓ ତାର ସମାଧାନର ବାଟ ମେୟରଙ୍କୁ ଦେଖାଇଛନ୍ତି।

ପ୍ରଶ୍ନ ଉଠୁଛି ଏହି ନିର୍ବାଚିତ ମହିଳା ପ୍ରତିନିଧିମାନେ ଶାସନର ମଙ୍ଗ ଧରିବେ ? କେତେଦିନ କେବଳ ରବର ଷ୍ଟାମ୍ପ ହୋଇ ଖାଲି ବୈଠକରେ ବସୁଥିବେ ଓ ସ୍ୱାମୀମାନେ ଏଭଳି ରାଜନୀତି କରୁଥିବେ ? ଏହା କଣ ମହିଳା ସଶକ୍ତୀକରଣ ବୋଲି କେତେକ ବରିଷ୍ଠ ନାଗରିକ ପ୍ରଶ୍ନ କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ଏଥର ୪୨ଜଣ ମହିଳା କର୍ପୋରେଟର ନିର୍ବାଚିତ ହୋଇ ବିଏମ୍‌ସିରେ ପରିଷଦକୁ ଆସିଛନ୍ତି। ୫୦% ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ଏହି ସଂଖ୍ୟା ହେଉଛି ୬୧%ରୁ ବେଶି। ଗତଥର ବିଏମ୍‌ସିରେ ୩୮ଜଣ କର୍ପୋରେଟର ରହିଥିଲେ।

# ଭୁବନେଶ୍ୱର ହେବ ଫ୍ରି ୱାଇଫାଇ ସହର

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ସ୍ମାର୍ଟସିଟି ଭୁବନେଶ୍ୱର ହେବ ଫ୍ରି ୱାଇଫାଇ ସହରାଧନୀ ହେଉ କି ଗରିବ, ସମସ୍ତଙ୍କ ହାତରେ ଏବେ ସ୍ମାର୍ଟଫୋନ୍। ହାତପାହାନ୍ତରେ ମିଳିପାରୁଛି ସବୁ ଖବର। ଏଭଳି ସ୍ଥିତିରେ ଅନ୍ୟ ମେଟ୍ରୋ ଭଳି ରାଜଧାନୀବାସୀଙ୍କ ପାଇଁ ସ୍ମାର୍ଟସିଟି ଆଣି ଦେଇଛି ଖୁସି ଖବର। ଯାହାର ସୁବିଧା ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ଅଟୋ ଚାଳକ ପର୍ଯ୍ୟନ୍ତ ସବୁ ବର୍ଗର ଲୋକ ନେଇପାରିବେ। ଯାହାକୁ ନେଇ ସ୍ମାର୍ଟସିଟି କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଛନ୍ତି ସମସ୍ତେ। କେବଳ ୱାଇଫାଇ ନୁହେଁ ବରଂ ଉନ୍ନତମାନର ସୁବିଧା ସହ ଜୀବନ ବିତାଇବା ପାଇଁ ବିଏମ୍‌ସି ଓ ସ୍ମାର୍ଟସିଟି ଚେଷ୍ଟା କରୁଛି। ସ୍ମାର୍ଟସିଟିର ଟାର୍ଗେଟ୍‌ରେ ୧୮ ଶହ ପଏଣ୍ଟ ତେବେ କାର୍ଯ୍ୟକ୍ଷମ ହୋଇସାରିଛି। ୧ ହଜାର ୩୫୦ ପଏଣ୍ଟ ଦୈନିକ ହାଇସ୍ପିଡ୍ ନେଟ୍‌ୱାର୍କ ସହ ଉପଲବ୍ଧ ହେବ ମାଗଣା ୫୦ ଏମ୍‌ବି। ସ୍ମାର୍ଟସିଟିକୁ ସ୍ମାର୍ଟ କରିବ ଅତ୍ୟାଧୁନିକ ଯୋଜନା। ସମସ୍ତଙ୍କୁ ମିଳିବ ଇଣ୍ଟରନେଟ୍ ସୁବିଧା। ୨୦୧୮ରେ ମାତ୍ର ୨ ଶହ ପଏଣ୍ଟରୁ ଆରମ୍ଭ ହୋଇଥିବା




ଏହି ପ୍ରକଳ୍ପରେ ଇତିମଧ୍ୟରେ ପାଖାପାଖି ୧୪ ପଏଣ୍ଟ ସଂଯୋଗ ହୋଇପାରିଛି। ଲୋକଙ୍କୁ ଉନ୍ନତମାନର ତଥା ନିରବଚ୍ଛିନ୍ନ ସେବା ଯୋଗାଇବା ପାଇଁ ଭିତ୍ତିଭୂମିର ବିକାଶ ହୋଇଛି। ଦୈନିକ ୫୦ ଏମ୍‌ବି ମାଗଣା ନେଟ୍‌ୱାର୍କର ସୁବିଧା ମିଳିବ। ପ୍ରାଥମିକ ପର୍ଯ୍ୟାୟରେ କମ ସଂଖ୍ୟକ ଜଂକ୍ସନ ବକ୍ସକୁ ନେଇ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପରେ ଏବେ ୧ ହଜାର ଜଂକ୍ସନ ବକ୍ସ ଯୋଡି ହୋଇଛି। ଲୋକଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ୨୪ ଘଣ୍ଟିଆ କର୍ମଚାରୀ ବି ନିୟୋଜିତ ହୋଇଛନ୍ତି। ଖୁବଶୀଘ୍ର ସମସ୍ତ ୧୮ଶହ ଟାର୍ଗେଟ୍ ପୂରଣ ସହିତ ରାଜଧାନୀରେ ଏହା ଉପଲବ୍ଧ ହେବ। ଏହି ସୁବିଧା ପାଇବାକୁ ହେଲେ ଗ୍ରାହକଙ୍କୁ ଭୁବନେଶ୍ୱର ମି ଆପ୍‌କୁ ଲଗ୍‌ଇନ୍ କରି ନିଜ ମୋବାଇଲ୍ ନମ୍ବର ଦେଲେ ସେଥିରେ ଏକ ଓଟିପି ନମ୍ବର ଆସିବ। ଏହାକୁ ଦାଖଲ କଲେ ମିଳିବ ୱାଇଫାଇ। କିଛି ସମସ୍ୟା ଥିଲେ ୧୯୨୯ ନମ୍ବରରେ ଯୋଗାଯୋଗ କରିପାରିବେ ଲୋକେ।

## ଜଗତସିଂହପୁରରେ ଲଜ୍ଜାଜନକ ଘଟଣା...

# ରଡ, ସିମେଣ୍ଟ ଚଲୁ କରିଦେଉଛନ୍ତି ଶିଶୁ ମନ୍ଦିର ପରିଚାଳନା କମିଟି

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ସହରରେ ଶିଶୁ ମନ୍ଦିର ପରିଚାଳନା କମିଟିର ଆଗଧାଡିରେ ଥିବା କେତେକ କର୍ମକର୍ତ୍ତା ଶିଶୁମାନଙ୍କ ପାଇଁ ନିର୍ମାଣଧିନ ବିଦ୍ୟାଳୟ ଗୃହ ଲାଗି ଆସିଥିବା ରଡ, ସିମେଣ୍ଟ ଲକ୍ଷାଧିକ ଟଙ୍କାର ଚଲୁ କରିଦେଇଥିବା ଘଟଣା ଲଜ୍ଜାଜନକ ବୋଲି ଆଲୋଚନା ହେଉଛି। ସଂପୃକ୍ତ ଶିଶୁ ମନ୍ଦିରଟିର ନୂତନ କମିଟି ସଦ୍ୟ(ନୂତନ) ଗଠନ କରାଯାଇଥିବା ବେଳେ ପୂର୍ବ କମିଟିରେ ଥିବା ଆଗଧାଡିର କର୍ମକର୍ତ୍ତା କେତେକ ଲକ୍ଷାଧିକ ଟଙ୍କାର ରଡ, ସିମେଣ୍ଟ ଚଲୁ କରିଦେଇଥିବା ନେଇ ବିଳମ୍ବିତ ହେଲେ ମଧ ଏବେ ଏବେ ଖବର ଚର୍ଚ୍ଚାର ବିଷୟ ହୋଇଛି। ରାସ୍ତାଘାଟରେ ସଂପୃକ୍ତ କର୍ମକର୍ତ୍ତା(ନେତା) ଯାତାୟାତ ବେଳେ ସେମାନଙ୍କୁ ଦେଖିଲା ମାତ୍ରେ ତାଙ୍କ ସଂସ୍ପର୍ଶରେ ଆସିଥିବା ବା ଏହି ଘଟଣା ଜାଣିଥିବା ସଂପୃକ୍ତ ଶିଶୁ ମନ୍ଦିରର କର୍ମକର୍ତ୍ତା, ଗୁରୁଜୀ/ଗୁରୁମା ଓ ଅଭିଭାବକମାନେ ଛି-ଛାକରା କରି ନାନା ଅଭିଯୋଗ କରୁଥିବା ଶୁଣିବାକୁ ମିଳୁଛି। ଶିଶୁମାନଙ୍କ ପାଠ ପଢା ବା ଭବିଷ୍ୟତ ଗଠନ ନେଇ ନିର୍ମାଣଧୀନ କୋଠା ଘରରୁ କମିଟିର କର୍ମକର୍ତ୍ତାମାନେ ଅର୍ଥକୁ ଚଲୁ କରିବା ଏବଂ ବିଭିନ୍ନ ପ୍ରୋଗ୍ରାମରେ ନିଜକୁ ସେମାନେ ବଡିମା ଦେଖାଉଥିବାକୁ ସାଧାରଣରେ ନାପସନ୍ଦ କରାଯାଇଆସୁଛି। ଶିଶୁ ମନ୍ଦିରଟି ଜଗତସିଂହପୁର ଅଞ୍ଚଳରେ ସର୍ବପୁରାତନ ଓ ଦୀର୍ଘ ବର୍ଷର ହୋଇଥିବା ବେଳେ ସେଥିରେ ଯେଉଁ କର୍ମକର୍ତ୍ତାମାନେ ରହିସାରିଛନ୍ତି କେବେହେଲେ କମିଟିର ଗାଇଡ୍‌ଲାଇନ୍ ଫଲୋ ନ କରି ବର୍ଷ ବର୍ଷ ଧରି କମିଟିରେ ରହି ମନମାନି କରି ଲକ୍ଷାଧିକ ଟଙ୍କା ହାତ ଛପେଇ କରିଥିବା ଶୁଣାଯାଉଛି। ଅତୀତରେ ଯେଉଁମାନେ ରହିସାରିଛନ୍ତି ଓ ଏବେ ବି ମଧ ରହିଆସୁଛନ୍ତି ସେମାନେ ସମସ୍ତେ ଉକ୍ତ ଶିଶୁ ମନ୍ଦିରଟିକୁ **‘ଲେଉଟିଆ ଶାଗ ପଟାଳି’** ପରି ବ୍ୟବହାର କରିଆସୁଛନ୍ତି ବୋଲି ଅଭିଯୋଗ ହେଉଛି।

# ସମ୍ପାଦକୀୟ

## ସୃଜନର କିମ୍ବଦନ୍ତୀ

ସୃଜନର ଏକାଧିକ ଧାରାରେ ପାଦ ଥାପିଥିଲେ ସଂଗୀତଜ୍ଞ ପ୍ରଫୁଲ୍ଲ କର। ସଂଗୀତଜ୍ଞ, କଣ୍ଠଶିଳ୍ପୀ ଭାବେ କେବଳ ନୁହଁନ୍ତି ଗୀତିକାର, ଲେଖକ, ସ୍ତମ୍ଭକାର ଭାବେ ତାଙ୍କର ପୃଥକ ପରିଚୟ ରହିଛି। ଚଳଚ୍ଚିତ୍ର ସଂଗୀତ, ଲଘୁ ସଂଗୀତ, ଭକ୍ତି ଓ ଓଡ଼ିଶୀ ସଂଗୀତରେ ତାଙ୍କର ଅନନ୍ୟ ପାରଦର୍ଶିତା ଶ୍ରୋତାଙ୍କୁ ବାନ୍ଧି ରଖିଥିଲା। ପରିଣତ ବୟସ ପର୍ଯ୍ୟନ୍ତ ସେ ସଙ୍ଗୀତ ସାଧନାରେ ବ୍ରତୀ ଥିଲେ। କଳା କ୍ଷେତ୍ରକୁ ଅତୁଳନୀୟ ଅବଦାନ ଲାଗି ୨୦୧୫ ମସିହାରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିଥିବାବେଳେ ୨୦୦୪ ମସିହାରେ ଜୟଦେବ ପୁରସ୍କାରରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ଗୀତିକବିତା ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ମଧ୍ୟ ସେ ଲାଭ କରିଛନ୍ତି।

୧୯୩୯ ଫେବୃଆରୀ ମାସ ୧୬ ତାରିଖ। ଏହି ଦିନ ପୁରୀର ଦୋଳମଣ୍ଡପ ସାହିରେ ବୈଦ୍ୟନାଥ କର ଏବଂ ସୁଶୀଳା କରଙ୍କ କୋଳରେ ଜନ୍ମ ହୋଇଥିଲେ ଏହି ବିସ୍ମୟ ପ୍ରତିଭା। ପରିବାରରେ ଥିଲା ଏକ ସଂଗୀତର ବାତାବରଣ। ଦଦେଇ (ବଡ଼ବାପା) କ୍ଷେତ୍ରମୋହନ କର ଥିଲେ ଓଡ଼ିଶାର ଜଣେ ପ୍ରସିଦ୍ଧ ତବଲା ବାଦକ। ତାଙ୍କ ନିକଟକୁ ବଡ଼ ବଡ଼ ସଂଗୀତଜ୍ଞମାନେ ଆସୁଥିଲେ। ସଂଗୀତ ଆସର କରୁଥିଲେ। ଅଳ୍ପ ବୟସରେ ପ୍ରଫୁଲ୍ଲ ବାପାଙ୍କୁ ହରାଇଲେ। ମାମୁଁ ଘରେ ଅଜାଆଈଙ୍କ କୋଳରେ ବଢ଼ିଲେ। ତାଙ୍କ ଆଈ ଆଉ ମାଈଁ ଉଭୟ ଥିଲେ ଭାଗବତ ପ୍ରେମୀ। ସବୁଦିନ ସନ୍ଧ୍ୟାରେ ସେମାନେ ଭାଗବତ ପଢୁଥିଲେ। ସେମାନଙ୍କ କୋଳରେ ବସି ସେ ଭାଗବତ ଶୁଣୁଥିଲେ। ସେମାନେ କାନ୍ଦିଲେ ସେ କାନ୍ଦୁଥିଲେ। ସେମାନେ ହସିଲେ ସେ ହସୁଥିଲେ। ଏମିତି ଭାବରେ ତାଙ୍କ ଅଜାଣତରେ ସେ କେତେବେଳେ ଯେ ସଂଗୀତକୁ ଭଲପାଇ ବସିଲେ ତାହା ଖୋଦ

ଡଃ.ଅରୁନ୍ଧତୀ ଦେବୀ
କଟକ, ଦୂରଭାଷ : ୯୯୩୭୧୭୨୮୧୦

ତାଙ୍କୁ ବି ଜଣା ନଥିଲା।

୧୯୬୩ ମସିହାରେ ତାଙ୍କୁ ଫିଲ୍ମରେ ଗାଇବାର ସୁଯୋଗ ମିଳିଲା। ସେ ପ୍ରଥମଥର କଣ୍ଠଦାନ କଲେ ସିନେମା 'ଶ୍ରୀ ଶ୍ରୀ ପତିତପାବନ'ରେ। ଏହାପରେ ଏଗାର ବର୍ଷର ଅପେକ୍ଷା। କାରଣ ସେ କେବଳ ଗୀତଗାଇ ବା ଗୀତ ଲେଖି ସନ୍ତୁଷ୍ଟ ହେବାର ପାତ୍ର ନଥିଲେ। ତାଙ୍କର ଆଖି ଥିଲା ବଡ଼ ପରଦା ବା ଫିଲ୍ମ ଉପରେ। ୧୯୭୪ ମସିହାରେ ମୁକ୍ତିଲାଭ କଲା ଓଡ଼ିଆ ଚଳଚ୍ଚିତ୍ର 'ମମତା' ଯେଉଁଥିରେ ପ୍ରଥମଥର ପାଇଁ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ ପ୍ରଫୁଲ୍ଲ କର। ପ୍ରଥମ ଥର ପାଇଁ ଫିଲ୍ମରେ ନିର୍ଦ୍ଦେଶନା ଦେଇଥିଲେ ବି ସେ ପ୍ରମାଣ କରିଦେଇଥିଲେ ତାଙ୍କ ନିକଟରେ ରହିଛି ଜଣେ ପରିପକ୍ୱ ସଂଗୀତ ନିର୍ଦ୍ଦେଶକର ଉପାଦାନ। 'ହେ ଫଗୁଣ କାନ୍ଦନାରେ', 'ରେ ଆତ୍ମନ୍ ନିଦ୍ରା ପରିହରି', 'ହେ ମୋର ବାବୁ', 'ଆରେ ମିତ ଆ ସଂଗୀତ', 'ଶ୍ୟାମକୁ ଜୁହାର ତା'ର ପ୍ରେମକୁ ଜୁହାର', 'ମୁଁ ତ ମଣିଷ ମାରିନି, ଦେଖି ସେ ବଣମଲ୍ଲୀ ରାଧା ହେଲେ ବାତୁଳି' ଭଳି ସଂଗୀତ ଶୁଣିଲେ କିଏ କ'ଣ ଭାବି ସୁଦ୍ଧା ପାରିବ ଯେ, ସେ ଫିଲ୍ମ ଜଗତରେ ଥିଲେ ନୂଆ ବା ପ୍ରଥମ।

ପ୍ରଫୁଲ୍ଲ କର ଥିଲେ ନୂଆଧାରାର ବିନ୍ଧାଣୀ। ତାଙ୍କର ନୂଆ ଧାରା ଓଡ଼ିଆ ସଂଗୀତ ଆକାଶରେ ସୃଷ୍ଟି କରିଥିଲା ନୂଆ ସୂର୍ଯ୍ୟୋଦୟର ଆଭାସ। ଓଡ଼ିଆ ସାହିତ୍ୟରେ ରଚିତ ମୂଲ୍ୟବାନ ପଦ୍ୟକୁ ସେ ସଂଗୀତରେ ସଜେଇ ଆଣିଥିଲେ ପରଦା ଉପରକୁ। ଭକ୍ତକବି ମଧୁରାଓଙ୍କ 'ଜୀବନଚିନ୍ତା' କବିତା 'ରେ ଆତ୍ମନ ନିଦ୍ରା ପରିହରି', 'ଅଖିଳ ବ୍ରହ୍ମାଣ୍ଡପତି ମୋ ଜୀବନ ସ୍ୱାମୀ', ରାମକୃଷ୍ଣ ନନ୍ଦଙ୍କ 'ଆହେ ଦୟାମୟ ବିଶ୍ୱ ବିହାରି' ତାଙ୍କ ସ୍ୱରର ସ୍ପର୍ଶ ପାଇ ସବୁଦିନ ଲାଗି ହୋଇଯାଇଛି ଜୀବନ୍ତ।

ଓଡ଼ିଆ ସିନେମାର ଏକ ଇତିହାସ ହେଉଛି ଫିଲ୍ମ 'ମା' ଓ ମମତା'। ଇତିହାସ ଏଇଥିପାଇଁ ଯେ ଯାହା କେବେ ବି ହେବାର ନଥିଲା ତାହା ହିଁ ହୋଇଥିଲା। ଅକ୍ଷୟ ମହାନ୍ତି ଓ ପ୍ରଫୁଲ୍ଲ କର ଗୋଟିଏ ଫିଲ୍ମରେ କାମ କରିଥିଲେ। କେବଳ କାମ କରି ନଥିଲେ, ଗୋଟିଏ ଗୀତରେ ବି ଏକତ୍ର କଣ୍ଠଦାନ କରିଥିଲେ। ଗୀତଟି ଥିଲା 'ଦିନରେ ବସନ୍ତ ଆମେ ରାତିରେ ବାସନ୍ତୀ'। ଗୀତଟିକୁ ଲେଖିଥିଲେ ଆଉ ସଂଗୀତରେ ସଜେଇଥିଲେ ନିଜେ ପ୍ରଫୁଲ୍ଲ କର। କିନ୍ନରଙ୍କୁ ନେଇ ତାହା ମଧ୍ୟ ଥିଲା ଓଡ଼ିଆ ସିନେମାର ପ୍ରଥମ ସଫଳ ସଂଗୀତ। ପ୍ରଫୁଲ୍ଲ କରଙ୍କୁ କମଳ ଦେଶର ରାଜକୁମାର କୁହାଯାଏ। ଏକଦା ଗଣମାଧ୍ୟମ ପକ୍ଷରୁ ପଚରାଯାଇଥିଲା କହିବେ କି କମଳ ଦେଶ କେଉଁଠି? ଏକ ବିନମ୍ର ହସରେ ଉତ୍ତର ଦେଇଥିଲେ ଯେଉଁଠି ବାସ୍ତବତା ସରିଯାଏ ସେଇଠୁ ତ ଆରମ୍ଭ ହୁଏ କଳ୍ପନା। ଆଉ ପ୍ରତି କଳାକାର ଜଣେ ଜଣେ କଳ୍ପନାବିଳାସୀ। ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ଅନେକ କାର୍ଯ୍ୟକ୍ରମରେ ସେ ସାମିଲ ହୋଇଛନ୍ତି, ଉତ୍ସାହ ଓ ପ୍ରେରଣା ମଧ୍ୟ ଦେଇଛନ୍ତି। ଯୁଗାବତାର ପୂଜ୍ୟଶ୍ରୀ କୁମାର ଭାଇଙ୍କ ପାଖରେ ପ୍ରାର୍ଥନା କରୁଛି ପ୍ରଫୁଲ୍ଲ କରଙ୍କ ଅମର ଆତ୍ମାର ସଦଗତି ହେଉ ଓ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି।

## ରେଡ଼ିଓର ଉଦ୍ଭାବକ : ମାର୍କୋନୀ

ଗୁଲେଲିମୋ ମାର୍କୋନୀଙ୍କୁ ରେଡ଼ିଓର ଉଦ୍ଭାବକ ଭାବେ ସାରା ଦୁନିଆ ଜାଣେ। ଏହି ଇଟାଲୀୟ ବୈଜ୍ଞାନିକ ପ୍ରଥମ ଥର ପାଇଁ ବିନା ତାର ସହାୟତାରେ ବହୁ ଦୂର ପର୍ଯ୍ୟନ୍ତ ରେଡ଼ିଓ ତରଙ୍ଗ ପଠାଇବାରେ ସକ୍ଷମ ହୋଇଥିଲେ। ଶବ୍ଦ ତରଙ୍ଗ ପ୍ରେରଣ ପାଇଁ ସେ ଏକ ନିୟମ ଉଦ୍ଭାବନ କରିଥିଲେ। ଯାହା ମାର୍କୋନୀ ନିୟମ ଭାବେ ପରିଚିତ। ସେ ରେଡ଼ିଓ ଟେଲିଗ୍ରାଫର ମଧ୍ୟ ବିକାଶ କରିଥିଲେ। ପିଲାଦିନେ ମାର୍କୋନୀଙ୍କୁ ବିଧିବଦ୍ଧ ଶିକ୍ଷା ଗ୍ରହଣର ସୁଯୋଗ ମିଳିନଥିଲା । ଫଳରେ ଘରୋଇ ଭାବେ ସେ ଶିକ୍ଷା ଗ୍ରହଣ କରିଥିଲେ। ଅନ୍ୟତମ ପ୍ରସିଦ୍ଧ ଇଟାଲୀୟ ପଦାର୍ଥ ବିଜ୍ଞାନୀ ଅଗଷ୍ଟୋ ରିଘିଙ୍କ ପରୀକ୍ଷାଗାରରେ ପଦାର୍ଥ ବିଜ୍ଞାନ ଅଧ୍ୟୟନ ପାଇଁ ମାର୍କୋନୀଙ୍କୁ ସୁଯୋଗ ମିଳିଥିଲା । ସେଠି ସେ ଜାଣିପାରିଥିଲେ ଯେ ହର୍ଟ୍ସ ଦ୍ୱାରା ଉତ୍ପନ୍ନ ହୋଇଥିବା ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ ସାହାଯ୍ୟରେ ଦୂରସ୍ଥାନକୁ ଶବ୍ଦ ପ୍ରେରଣ ସମ୍ଭବ ହୋଇପାରିବ। ଏହାପରେ ମୃତ୍ୟୁ ପର୍ଯ୍ୟନ୍ତ ଏ ଦିଗରେ ଗବେଷଣା ଜାରି ରଖିଥିଲେ। ରେଡ଼ିଓ ଟେଲିଗ୍ରାଫକୁ ବ୍ୟବହାରିକ ରୂପ ଦେବାର ଶ୍ରେୟ ମାର୍କୋନୀଙ୍କୁ ମିଳିଥାଏ। ୧୮୯୫ରେ ପ୍ରଥମ ଥର ପାଇଁ ସେ ନିଜ ବଗିଚାରେ ରେଡ଼ିଓ ଟେଲିଗ୍ରାଫିର ପ୍ରାରମ୍ଭିକ ପ୍ରୟୋଗ କରିବାରେ ସଫଳ ହୋଇଥିଲେ। ଏହାର କିଛିଦିନ ପରେ ସେ ବିନା ତାର ସହାୟତାରେ ଏକ ମାଇଲ ଦୂର ପର୍ଯ୍ୟନ୍ତ ରେଡ଼ିଓ ସଂକେତ ପ୍ରେରଣ କରିବାରେ ସଫଳ ହେଲେ। ପରବର୍ଷ ସେ ଇଂଲଣ୍ଡ ଗସ୍ତ କରି ସେଠାରୁ ରେଡ଼ିଓ ଟେଲିଗ୍ରାଫିର ପେଟେଣ୍ଟ ସର୍ବପ୍ରଥମ ହାସଲ କରିଥିଲେ । ପରେ ସେ ଇଂଲିଶ ଚ୍ୟାନେଲ ଏପଟରୁ ସେପଟ ଏବଂ ଆଟଲାଣ୍ଟିକ ସାଗର ଆରପାରିକୁ ରେଡ଼ିଓ ସଂକେତ ପ୍ରେରଣ କରିବାକୁ ସକ୍ଷମ ହୋଇଥିଲେ। ରେଡ଼ିଓ ଉଦ୍ଭାବନ ପାଇଁ ୧୯୦୯ରେ ମାର୍କୋନୀଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ମହାନ ବୈଜ୍ଞାନିକ ୧୮୭୪ ମସିହା ଏପ୍ରିଲ ୨୫ ତାରିଖରେ ଇଟାଲିର ବୋଲଗନା ଅନ୍ତର୍ଗତ ପାଲାଜୋ ମାରେସ୍କାଲ୍‌ଚି ଠାରେ ଜନ୍ମ ଗ୍ରହଣ କରିଥିଲେ।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ଅକ୍ଷୟ ତୃତୀୟା

ଅକ୍ଷୟ ତୃତୀୟା ଏକ ସର୍ବ ଭାରତୀୟ କୃଷି ଭିତ୍ତିକ ମୁଖ୍ୟ ପର୍ବ। ଆମ ଉତ୍କଳୀୟ ଜନଜୀବନରେ ସମସ୍ତ ପ୍ରକାର ଶୁଭକାର୍ଯ୍ୟ ଆରମ୍ଭର ଦିନ ହେଉଛି ଅକ୍ଷୟ ତୃତୀୟା। ଏହି ଦିବସରେ ସତ୍ୟଯୁଗର ଆରମ୍ଭ ହେବା ସହ ଦେବତାମାନେ ଏହି ଦିନ ଆରମ୍ଭ କରି ମର୍ତ୍ତ୍ୟବାସୀ ମାନବମାନଙ୍କୁ କୃଷି ଶିକ୍ଷା ପ୍ରଦାନ କରିଥିଲେ। ପରମ ବିଷ୍ଣୁଙ୍କର ଷଷ୍ଠ ଅବତାର ଶ୍ରୀ ପର୍ଶୁରାମଙ୍କର ତଥା ପରମ ବିଷ୍ଣୁଭକ୍ତ ବିଶ୍ୱବିଦିତ ଭକ୍ତଗ୍ରନ୍ଥ ଗୀତଗୋବିନ୍ଦର ରଚୟିତା ପବିତ୍ର ପ୍ରାଚୀ ଅବବାହିକାରେ ଜନ୍ମିତ ଶ୍ରୀ ଜୟଦେବଙ୍କର ଜୟନ୍ତୀ ଉତ୍ସବ ମଧ୍ୟ ଉକ୍ତ ଦିବସରେ ପାଳିତ ହୋଇଥାଏ। କଥାରେ ଅଛି ଯେ କୌଣସି ଶୁଭକାର୍ଯ୍ୟ ଏହି ଦିବସରେ ଆରମ୍ଭ କରାଗଲେ ବିନା ବିଘ୍ନରେ କାର୍ଯ୍ୟଟି ସମ୍ପାଦିତ ହୋଇଥାଏ। ଉତ୍କଳୀୟଙ୍କର ପ୍ରାଣ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପବିତ୍ର ଶ୍ରୀଗୁଣ୍ଡିଚା ରଥ ନିର୍ମାଣ କାର୍ଯ୍ୟ, ଚନ୍ଦନ ଉତ୍ସବ, ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କର ରଥକାର୍ଯ୍ୟ ତଥା ରେବତୀ ମା'ଙ୍କ ସହ ତାଙ୍କର ବିବାହ ଉତ୍ସବ, କୃଷକମାନଙ୍କ ଅକ୍ଷିମୁଠି ଅନୁକୂଳ ଆଦି ସମସ୍ତ ମାଙ୍ଗଳିକ କାର୍ଯ୍ୟ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ପାଳିତ ହୋଇଥାଏ। ପ୍ରତ୍ୟେକ କୃଷକ ପରିବାରର ଏହା ଆଦ୍ୟ କୃଷିପର୍ବ। କୃଷକର ବିହନ ମୁଠାକ ମା'ଧରିତ୍ରୀ କୋଳରେ ଅକ୍ଷୟ ଭାବରେ ଧାରଣ କରି ଉତ୍ତମ ଉତ୍ପାଦନ ପ୍ରଦାନ ପାଇଁ ପ୍ରତ୍ୟେକ କୃଷିଜୀବି ପରିବାର ଉକ୍ତି ଦିବସରେ ନିଷ୍ଠାର ସହ ସତନ୍ତ୍ର ଭାବେ ଭୂମି ପୂଜନ କରିଥାନ୍ତି। ଧାନ ଆମ ପ୍ରଦେଶର ମୁଖ୍ୟ ଫସଲ ହୋଇଥିବାରୁ ଅକ୍ଷିମୁଠି ହିସାବରେ ଧାନକୁ ମହାଲକ୍ଷ୍ମୀଙ୍କ ସରୂପ ଭାବେ ଗ୍ରହଣ କରାଯାଇ ସେହି ଧାନରେ ହିଁ ମୁଠି ଅନୁକୂଳ କରାଯାଏ। ଧାନ ବିହନ ବୁଣିବାର ପ୍ରକୃତ ସମୟ ହେଉଛି ବୈଶାଖ ଶୁକ୍ଳ ତୃତୀୟା ଠାରୁ ସାବିତ୍ରୀ ଅମାବାସ୍ୟା ପର୍ଯ୍ୟନ୍ତ।

ଅକ୍ଷୟ ତୃତୀୟା ପର୍ବ ପାଳନର ବିଧି ପର୍ବ ଦିନ ରାତ୍ରରୁ କୃଷକ ଓ କୃଷକ ଗୃହିଣୀ ଉଭୟେ ପବିତ୍ରତା ପାଳନ ପୂର୍ବକ ଅନୁକୂଳ ବେଢ଼ା ଓ ଗୌଣୀକୁ ଧୋଇ ଶୁଖାଇ ପିଠଉ ଚିତାରେ ଚିତ୍ରିତ କରନ୍ତି



ଉତ୍କଳାନନ୍ଦ ଅଜୟ କୁମାର ବେହେରା
ପିସି ସରକାର ଲେନ୍, ଅରୁଣୋଦୟ ନଗର,
କଟକ, ଦୂରଭାଷ : ୯୪୩୭୧୦୩୧୨୫୩

ଓ ହଳ, ଜୁଆଳିରେ ମଧ୍ୟ ଚିତା ଦିଅନ୍ତି। ସକାଳୁ କୁଆ କା କା କରିବା କ୍ଷଣି କୃଷକ ଶୌଚ ହୋଇ ନୂତନ ଶ୍ୱେତବସ୍ତ୍ର ପରିଧାନ ପୂର୍ବକ ଠେକାଭିଡ଼ି ଇଷ୍ଟ ସ୍ମରଣ କରି ଧାନ ବିହନ ଅଳିଆରୁ ମୁଠି ଅନୁକୂଳ ପାଇଁ ଉଦ୍ଦିଷ୍ଟ ଶ୍ୱେତ ଧାନ ବିହନ ଚିତାଲଗା ଅନୁକୂଳ ବେତାକୁ ଗାଳିଥାଆନ୍ତି। ଧାନବେତା ମଧ୍ୟରେ ଧାନବିହନ ପୂର୍ଣ୍ଣ ଗୌଣୀଟି ରଖି ଏକ ଶ୍ୱେତ ବସ୍ତ୍ର ଦ୍ୱାରା ଆବୃତ କରି ମୁଣ୍ଡରେ ମୁଣ୍ଡାଇ ଅନୁକୂଳ କରିବାର ବିଧି ଅଛି। ଏହି ଧାନବେତା ମଧ୍ୟରେ ଚାଷ ଅନୁକୂଳ ପାଇଁ ଏକ ଲଙ୍ଗଳ ଲୁହା, ଏକ ଥାନ ସର୍ଣ୍ଣ ଅଳଙ୍କାର, ଏକ ଥାନ ସିନ୍ଦୂର, ଘୋରା ଚନ୍ଦନ, ଗୋଟାଗୁଆ, ନଡ଼ିଆ, ଶ୍ୱେତପୁଷ୍ପ, ଘିଅଦୀପ, କିଛି କଞ୍ଚା କ୍ଷୀର, ଭୋଗ ସରଞ୍ଜାମ ପୂଜାପାତ୍ରରେ ସଜାଇ ରଖାଯାଏ। କୃଷକ ଗୃହିଣୀର ହୁଳହୁଳି ଓ ଶଙ୍ଖଧ୍ୱନି ମଧ୍ୟରେ କୃଷକ ସମସ୍ତ ଅନୁକୂଳ ଦ୍ରବ୍ୟ ମୁଣ୍ଡରେ ମୁଣ୍ଡାଇ ହଳବଳଦ ସହ ପୂର୍ବାମୁଖା ହୋଇ ମାହେନ୍ଦ୍ର ବେଳାରେ ମୁଠି ଅନୁକୂଳ ପାଇଁ ନିର୍ଦ୍ଧାରିତ କ୍ଷେତ ଅଭିମୁଖେ ଗମନ କରେ। କ୍ଷେତର ପୂର୍ବ ଦିଗରେ ଲଙ୍ଗଳ ଲୁହା, ସର୍ଣ୍ଣ ଅଳଙ୍କାର ରଖି ପାଣିଛିଞ୍ଚି ବସୁଧା ମାତାର ପୂଜନ କରାଯାଏ। ପରେ ପରେ ଧୂପ, ଦୀପ, ପୁଷ୍ପ, ନୈବେଦ୍ୟ ପ୍ରଦାନ କରି ନଡ଼ିଆ ଭାଙ୍ଗି ମାଟି ମାଆକୁ ନାରିକେଳ ଜଳ ଓ କଞ୍ଚାକ୍ଷୀର ଅର୍ପଣ କରାଯାଏ। ବସୁଧା ମାତାଙ୍କ ସହ ଅନ୍ନଦାତ୍ରୀ ମା'ଲକ୍ଷ୍ମୀ, ଜଳକ୍ରମାଇନ୍ଦ୍ର ଓ ସୂର୍ଯ୍ୟାଦି ଦଶ ଦିଗପାଳଙ୍କ ଉଦ୍ଦେଶ୍ୟରେ ପୂଜାସ୍ଥାନ ପରି ମାଟିକରି ଈଶାନ୍ୟ କୋଣରେ ୩ ମୁଠା ଅକ୍ଷିମୁଠି ବପନ କରାଯାଏ। ମା'ଙ୍କୁ ପୁନଃ ପ୍ରଣାମ ପୂର୍ବକ କୃଷକ ଗୃହକୁ ପ୍ରତ୍ୟାଗମନ କରି ଗୃହିଣୀ କୃଷକ ଘରକୁ ଫେରିଲେ ଅପେକ୍ଷାରତ କୃଷକର ସାଦକୁ ସମସ୍ତ ପଦାର୍ଥ ସଜାଡ଼ି ରଖି ଆନୀତ ମୁଠି ଅନୁକୂଳ ପିଠାପଣା ଗ୍ରାମର ଶିଶୁମାନଙ୍କୁ ବିତରଣ ପୂର୍ବକ ପ୍ରସ୍ତୁତ ପିଣ୍ଡେଦଙ୍କୁ ପ୍ରଦାନ କରନ୍ତି। ଅକ୍ଷୟ ତୃତୀୟା ଦିବସ ପ୍ରସନ୍ନତା ଓ କୃଷକ ପରିବାର ପାଇଁ ଏକ ପବିତ୍ରତା, ଆଶା ଆକାଂକ୍ଷାର ପର୍ବ। ଉକ୍ତ ଦିବସ ନୂତନଗୃହ, ମନ୍ଦିର, କୂପ, ଜଳାଶୟାଦି ପ୍ରାରମ୍ଭ, ପ୍ରତିଷ୍ଠାର ଦିନ ତଥା ବିଦ୍ୟାରମ୍ଭ, ବ୍ୟବସାୟ ଆରମ୍ଭ, ବିବାହାଦି ନିର୍ବନ୍ଧ ପାଇଁ ସର୍ବଶ୍ରେଷ୍ଠ ସମୟ।

# ଖବର୍ କାଗଜ ଓ ନୈତିକ ମୂଲ୍ୟବୋଧ

ରାତି ପାହିଲେ ଆମେ ସମସ୍ତେ ଖବର କାଗଜକୁ ଚାହିଁ ବସିଥାଉ। ଖବର କାଗଜ କିଛିଟା ଟଙ୍କାର କାଗଜ ନୁହେଁ ଏହା ହେଉଛି ଆମ ମାନଙ୍କର ସ୍ୱର। ଜନଗଣ, ଜନମତର ଉତ୍ତରଦାୟୀ ଅନୁଷ୍ଠାନ ହେଉଛି ଖବର କାଗଜ। କିନ୍ତୁ ଆଜି ଖବର କାଗଜ ପାଇଁ ଅନେକ ଆହ୍ୱାନ, ଅନେକ ପ୍ରଶ୍ନ, ଅନେକ ଦାୟିତ୍ୱବୋଧ। ସ୍ୱାଧୀନତା ପୂର୍ବରୁ ସାମ୍ବାଦିକତା ଓ ଜାତୀୟତା ସମାର୍ଥବୋଧକ ଥିଲା। ସାମ୍ବାଦିକତାର ଭିତ୍ତି ହେଉଛି ସେବା। ଦେଶ ଓ ସମଗ୍ର ସମାଜକୁ ଭଲ ପାଉଥିବା ଏକ ଶିକ୍ଷିତ ଗୋଷ୍ଠୀ ତିଆରି କରିବା ହେଉଛି ସାମ୍ବାଦିକତା ଲକ୍ଷ୍ୟ। ସ୍ୱାଧୀନତା ପରେ ଭାରତରେ ସାମ୍ବାଦିକତାର ରୂପ ପରିବର୍ତ୍ତନ ହେଲା। ସାମ୍ବାଦିକତା ଭିତରେ ସୂଚନା ପ୍ରଯୁକ୍ତିର କଳା କୁଶଳ ଏହି କ୍ଷେତ୍ରକୁ ଆହୁରି ପ୍ରଶସ୍ତ କରିଦେଲା। ଏହା ନିଶ୍ଚିନ୍ତ କଥା ସାମ୍ବାଦିକତାର ବୃତ୍ତି ପରି ଅନ୍ୟ କୌଣସି ବୃତ୍ତି ସମ୍ଭବତଃ ସମକକ୍ଷ ହୋଇପାରିନଥାଏ। ପେଷାଦାରୀ ଦକ୍ଷତା ଛଡ଼ା ଏହାର କେତେକ ନୈତିକ ଆବଶ୍ୟକତା ରହିଛି। ସତ୍ୟ, ନ୍ୟାୟ, ନିର୍ଭିକତା, ଦେଶପ୍ରେମ, ସମାଜର ବୃହତ୍ତର କଲ୍ୟାଣ, ଜାତୀୟ ସ୍ୱାର୍ଥ ଓ ଜନଜୀବନର ଘଟଣାବହୁଳ ସମସ୍ୟାକୁ ଲୋକଲୋଚନକୁ ଆଣିବା ପାଇଁ ଏକାନ୍ତିକ ଇଚ୍ଛା। ସମୟ ସହିତ ସାମ୍ବାଦିକତାର ରୂପ ରେଖାରେ କିଛିଟା ପରିବର୍ତ୍ତନ ହୋଇଛି। ପୂର୍ବେ ଥିଲା ଏହା ସେବାଭିତ୍ତିକ ଯାହାକି ସମ୍ପ୍ରତି ଆଧୁନିକ ଜ୍ଞାନକୌଶଳ ଭିତ୍ତିକ। ତେବେ ଏ ଜ୍ଞାନକୁ କିଭଳି ବିନିଯୋଗ କଲେ ତାହା ବୃହତ୍ତର ସମାଜରେ ମଙ୍ଗଳରେ ଲାଗିବ ତାହା ଦେଖିବା ଏବଂ ଦେଖାଇବା ସାମ୍ବାଦିକତା ଲକ୍ଷ୍ୟ। ସମ୍ବାଦ ପରିବେଷଣ ସମୟରେ ସମାଜକୁ କ୍ଷତିକଲା ପରି କଥା ଭାରସାମ୍ୟ ରକ୍ଷା କ୍ଷେତ୍ରରେ ସତର୍କତା ନିଶ୍ଚିନ୍ତ ଭାବେ ଜରୁରୀ। ଜନମତକୁ ଏହି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୁଝାଯାଉଥିବାରୁ ଏହା ସମାଜରେ ନିଜର ଏକ ଭିନ୍ନ ସତନ୍ତ୍ରତା ରଖିଛି।

ସତ୍ୟ ପ୍ରକାଶ କରିବା ହେଉଛି ସମ୍ବାଦପତ୍ରର ଧର୍ମ। ସତ୍ୟ ଓ ନ୍ୟାୟ ସମାଜର ଆଧାରଶୀଳା ଏହାର ଅଭାବରେ ସମାଜର ପତନ ହେବା ସହ ବିକାରଗ୍ରସ୍ତ ହୋଇଥାଏ। ତେଣୁ ସମାଜରେ ସତ୍ୟ ଓ ନ୍ୟାୟ କିପରି ପ୍ରତିଷ୍ଠା ହୋଇପାରିବ ତାହା ଦେଖିବା ହେଉଛି ସମ୍ବାଦପତ୍ରର ପ୍ରଥମ କର୍ତ୍ତବ୍ୟ। ଓଡ଼ିଶାର ଖବର କାଗଜ କହିଲେ ସମାଜକୁ ବୁଝାଯାଇଥାଏ। ୧୯୧୯ ମସିହାରେ ଉତ୍କଳମଣିଙ୍କ ପୁଣ୍ୟ ପରଶରେ ଅଙ୍କୁରିତ ସମାଜ ଆଜି ସାମ୍ବାଦିକତା



ତ୍ରିନାଥ ଓଝା
ଭାଗବତ ଗାଦି ବଡ଼ଦାଣ୍ଡ,
ଧବଳେଶ୍ୱର ଗଡ଼ା, କଟକ,
ଦୂରଭାଷ :୯୨୩୮୬୦୨୮୨୫

କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ପାଲଟିଛି। ଏହା ନିଶ୍ଚିନ୍ତ ସତ୍ୟ ଯେ ଆଜିର ସମୟରେ ଗଣମାଧ୍ୟମ ବିଭିନ୍ନ ପ୍ରକାର ପ୍ରତିକୂଳତାକୁ ସାମ୍ନା କରୁଛି। ତେବେ ଜନତାଙ୍କ ସ୍ୱାର୍ଥଭତ୍ତିକ ଓ ଜନସ୍ୱାର୍ଥ ଧର୍ମୀକ୍ଷେତ୍ରକୁ ଗଣମାଧ୍ୟମ ହିଁ ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇଛି।

କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତର ବିକାଶ କ୍ଷେତ୍ରରେ ଗଣମାଧ୍ୟମର ଅବଦାନ କମ୍ ନୁହେଁ। ଅନେକ ସାମ୍ବାଦିକ ବନ୍ଧୁ ନିଜ ଜୀବନକୁ ପଛରେ ପକାଇ ଘଟଣାବହୁଳ କ୍ଷେତ୍ରରେ ଦାୟିତ୍ୱ ନିର୍ବାହ କରିବାରେ ପଶ୍ଚାତାପ କରିନାହାନ୍ତି। ମୁ ନିଶ୍ଚିତ ଭାବରେ ବଧାଇ ଦେବି ଏହିପରି ଗଣମାଧ୍ୟମର ସାମ୍ବାଦିକ ବନ୍ଧୁଙ୍କ ପାଇଁ। ଏହି ଲେଖକ ନିଜ ବୃତ୍ତିଗତ କ୍ଷେତ୍ର ପୂର୍ବରୁ ଯେଉଁ ଆଧ୍ୟାତ୍ମିକ ସମାଜ ସେବା କ୍ଷେତ୍ରରେ ଜଡ଼ିତ ରହିଛି ସେ ନିରିଖେଇ ଦେଖିଛି ଯେ ଗଣମାଧ୍ୟମର ବିନା ସହାୟତାରେ କୌଣସି ଘଟଣା ଲୋକଲୋଚନକୁ ଆସିପାରିନଥାଏ। ସଂପ୍ରତି ସମ୍ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର 'ମନ୍ କି ବାତ୍' ଦ୍ୱାରା ଆକାଶବାଣୀକୁ ବିମୁଗ୍ଧ ଶ୍ରୋତା ରହିଥିବା ଅଗଣିତ ଲୋକଙ୍କୁ ନିଜ ହୃଦୟର କଥା, କୋହ, ଓ ରାଷ୍ଟ୍ରୀୟ ପ୍ରଗତିର ବିଭିନ୍ନ ଚିନ୍ତନକୁ ଲୋକଲୋଚନକୁ ଆଣିଛନ୍ତି। ତେବେ ଗଣମାଧ୍ୟମରେ ଅନେକ ସମୟରେ ବି ଦେଖାଯାଏ ସେମାନେ ଏକପ୍ରକାର ଅମରା ବାଟକୁ ମାଡ଼ି ଯାଇଛନ୍ତି!! ଏହି ଲେଖକ ବିନମ୍ରତାର ସହିତ କହୁଛି ଯେ ସମସ୍ତ ସାମ୍ବାଦିକ ବନ୍ଧୁଙ୍କ ପାଇଁ ଏହି ପୂର୍ବ ଧାଡ଼ିଟି ପ୍ରଯୁଜ୍ୟ ନାହିଁ। ତେବେ ପୃଷ୍ଠପୋଷକତା ସହାୟତା ବିନା ଗଣମାଧ୍ୟମ କିପରି ଯେ ତିଷ୍ଠି ପାରିବ ତାହା ନିଶ୍ଚିତ ଭାବେ ଏକ ବଡ଼ପ୍ରଶ୍ନବାଚୀ। ଆଉ ଗୋଟିଏ ସ୍ୱଷ୍ଟ କଥା ବିଶ୍ୱ ପ୍ରେସ୍ ସ୍ୱାଧିନତା ଦିବସରେ ଏଇକଥା ମୁଁ ନିଶ୍ଚିତ ଭାବରେ କହିବି ଯେ ବିଳମ୍ବରେ ହେଉ ମଧ୍ୟ ଆମ ରାଜ୍ୟର ସମସ୍ତ ପ୍ରମୁଖ ସମ୍ମାନନୀୟ ସମ୍ପାଦକ ମହୋଦୟଙ୍କୁ ନେଇ ଐକ୍ୟନିଷ୍ଠ ଖବର କାଗଜ କ୍ଷେତ୍ରରେ ଯେଉଁ ପ୍ରେସ୍ ଏକାଡ଼େମୀ କରିଛନ୍ତି ତାହା ନିଶ୍ଚିନ୍ତ ଭାବରେ କୁହାଯିବ ଯେ ରାଜ୍ୟରେ ପ୍ରେସ୍ ଏକତା ସମର୍ଥ ହେଉଛି ଜନମତକୁ ଜାଗ୍ରତ କରିବା ପାଇଁ। ସମାଜରେ ବିଭିନ୍ନ ଜନସ୍ୱାର୍ଥ ସମ୍ବଳିତ ଦୁଃଖଦ ଚିତ୍ର ହେଉ ବା ବୀର ଓଡ଼ିଆଙ୍କର କୌଣସି ପିଲା ଜାତୀୟ ବା ଆନ୍ତର୍ଜାତିକ ସ୍ତରରେ ନାଁ କମାଇଲେ ତଥ୍ୟଭିତ୍ତିକ ଭାବରେ ଏହା ସମସ୍ତ ଖବର କାଗଜର ପୃଷ୍ଠା ମଣ୍ଡନ କରିଥାଏ। ଆଜି ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ ଆମ ଭିତରେ ଏହି ଆତ୍ମ ସମୀକ୍ଷା ହେଉ ଯେ ସମ୍ବାଦପତ୍ରର ସ୍ୱାଧୀନତା କିପରି ବଞ୍ଚାଯାଇ ପାରିବ? ଖବରକାଗଜର ସମ୍ମାନ, ଗୌରବ ଅତୁଟ ରହୁ ସେମାନେ ସମାଜର ଯେଉଁ ଜନକଲ୍ୟାଣ ପାଇଁ ମୂଲ୍ୟବୋଧର ଉଚ୍ଚ ଗୌରବର ଧାରା ପ୍ରତିଷ୍ଠା କରିଛନ୍ତି ତାକୁ ଭୂଲୁଣ୍ଠିତ ନ କରନ୍ତୁ। ବିଭିନ୍ନ ସମୟରେ ସଂପ୍ରତିକ ଘଟଣାବହୁଳ କ୍ଷେତ୍ରରେ ଏହି ଲେଖକ ବିଭିନ୍ନ ସ୍ତମ୍ଭ ମାଧ୍ୟମରେ ଘଟଣାଟିକୁ ସଚେତନ କରିଥାଏ। ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ ଆମ ସମସ୍ତଙ୍କର ସଚେତନଧର୍ମୀ ସହଯୋଗ ଜାରି ରହୁ।

# ମୋଟର୍ ଯାନ ନିୟମ ତଦାରଖ କରିବେ ସ୍କୁଲ୍ କର୍ତ୍ତୃପକ୍ଷ

ସ୍କୁଲ ଛାତ୍ରଛାତ୍ରୀଙ୍କ ଯାତାୟତ ପାଇଁ ବ୍ୟବହାର ହେଉଥିବା ବସ ଏବଂ ଅନ୍ୟ ଗାଡ଼ିଗୁଡ଼ିକର ଫିଟନେସ ନଥିବାବେଳେ ବହୁ ସ୍କୁଲ କର୍ତ୍ତୃପକ୍ଷ ୨୦୧୬ରେ ପ୍ରସ୍ତୁତ ହୋଇଥିବା ସ୍କୁଲ ଛାତ୍ରଛାତ୍ରୀଙ୍କ ପରିବହନ ନୀତିକୁ ମାନୁନାହାଁନ୍ତି। ତେଣୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଏ ନେଇ ନିୟମିତ ଭାବେ କଡ଼ାକଡ଼ି ଯାଞ୍ଚ ହୋଇଥିଲା। ହେଲେ ସବୁ ଗାଡ଼ି ଯାଞ୍ଚ କରିବା ସମ୍ଭବ ନଥିବାରୁ ଏହାର ଯାଞ୍ଚ ଦାୟିତ୍ୱ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦିଆଯାଇଛି। ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କ ସ୍କୁଲର ଛାତ୍ରଛାତ୍ରୀଙ୍କ ଯାତାୟତ ପାଇଁ ବ୍ୟବହାର ହେଉଥିବା ଗାଡ଼ିର ଫିଟନେସ ଯାଞ୍ଚ ବ୍ୟବହାର ସହ ମୋଟର ଯାନ ନିୟମ ସବୁ ପାଳନ କରିବାକୁ ଏସଟିଏ ପକ୍ଷରୁ କୁହାଯାଇଛି।

ପରିବହନ ବିଭାଗ ପକ୍ଷରୁ କୁହାଯାଇଛି ଯେ, ସ୍କୁଲ ପିଲା ପରିବହନ ପ୍ରସଙ୍ଗକୁ ହାଲୁକା ଭାବେ ଗ୍ରହଣ କରାଯାଇପାରିବ ନାହିଁ। ଛାତ୍ରଛାତ୍ରୀଙ୍କ ଅସୁବିଧା ପାଇଁ ସଂପୃକ୍ତ ସ୍କୁଲ ବସ ଅପରେଟର ଏବଂ ସ୍କୁଲ ମ୍ୟାନେଜମେଣ୍ଟ ଦାୟୀ ରହିବେ। ବିଦ୍ୟାଳୟ ପରିଚାଳନା କମିଟି ନିଶ୍ଚିତ କରୁ ଯେ ସେମାନଙ୍କର ବସ ସବୁ ଚଳାଚଳ ଯୋଗ୍ୟ ଅବସ୍ଥାରେ ଅଛି, ଡ୍ରାଇଭରମାନେ ଭଲ ତାଲିମ ପ୍ରାପ୍ତ, ଡ୍ରାଇଭରମାନେ ଶାରୀରିକ ଭାବରେ ଫିଟ ଅଛନ୍ତି ଏବଂ ସେମାନଙ୍କର ବୈଧ ଡ୍ରାଇଭିଂ ଲାଇସେନ୍ସ ଅଛି। ଇତିମଧ୍ୟରେ ଏସଟିଏ ପକ୍ଷରୁ ଚାଲିଥିବା ସତନ୍ତ୍ର ଡ୍ରାଇଭରେ ସ୍କୁଲ ଛାତ୍ରଛାତ୍ରୀ ପରିବହନ ପାଇଁ ନିୟୋଜିତ ପ୍ରାୟ ୧୦୯୬ ଗାଡ଼ି ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ପାଇଁ ଦଣ୍ଡିତ ହୋଇଛି। ଚିନ୍ତାର ବିଷୟ ଯେ, ଫିଟନେସ ସାର୍ଟିଫିକେଟ ବିନା ୮୨୦ଟି ଗାଡ଼ି ଚାଲୁଥିବାବେଳେ ୩୮୭ଟି ଗାଡ଼ିର ବୈଧ ଅନୁମତି ନାହିଁ ଏବଂ ୩୧୧ ଡ୍ରାଇଭରଙ୍କର ବୈଧ ଡ୍ରାଇଭିଂ ଲାଇସେନ୍ସ ନାହିଁ। ବିନା ଡ୍ରାଇଭିଂ ଲାଇସେନ୍ସ, ପରମିଟ, ଫିଟନେସରେ ଗାଡ଼ି ଚାଲିଲେ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ରହୁଛି। ତେଣୁ ଏହାକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ଏସଟିଏ ପକ୍ଷରୁ ସ୍କୁଲ ଗାଡ଼ି ପାଇଁ ନିୟମାବଳୀ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଯେଉଁ ସ୍କୁଲଗୁଡ଼ିକ ଚୁକ୍ତିଭିତ୍ତିକ, ଭଡ଼ା ଭିତ୍ତିରେ ବସ ଚଳାଉଛନ୍ତି, ସେହି ସ୍କୁଲ ଗୁଡ଼ିକ



ନାଟ୍ୟସାରଥି ଅଭୟ କୁମାର ଦାସ
ଗୋତରା, ମାହାଙ୍ଗା, କଟକ,
ଦୂରଭାଷ : ୯୪୩୭୧୪୨୭୧୭

ମାଲିକାନା କରୁଥିବା ବସ ଉପରେ ପ୍ରଯୁଜ୍ୟ ନିୟମାବଳୀ ପାଳନ କରିବେ। ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ଏହି ଯାନଗୁଡ଼ିକର ସୁରକ୍ଷା ଅଡ଼ିଟ କରିବେ।

ସେହିପରି ସ୍କୁଲ ପିଲା ଯାତାୟତ କରୁଥିବା ସମସ୍ତ ଗାଡ଼ିରେ ଏକ ସିସିଟିଭି କ୍ୟାମେରା, ଜିପିଏସ ଟ୍ରାକର, ପ୍ରାଥମିକ ଚିକିତ୍ସା ବାକ୍ସ, ଠିକ ଗ୍ରିଲ, ଜରୁରୀକାଳୀନ ନିଷ୍କାସନ ବ୍ୟବସ୍ଥା ଏବଂ ଅଗ୍ନି ନିର୍ବାପକ ଯନ୍ତ୍ର ରହିବା ଆବଶ୍ୟକ। ସେମାନେ ଛାତ୍ରଛାତ୍ରୀ ଏବଂ ସେମାନଙ୍କର ଅଭିଭାବକଙ୍କ ନାମ ଏବଂ ଫୋନ ନମ୍ବର ଗୁଡ଼ିକର ଏକ ତାଲିକା ରଖିବେ। ବସରେ ସ୍କୁଲରୁ ଜଣେ ହେଲ୍ପର ରହିବେ। ବସରେ ସିଟ ଯେତିକି ସେତିକି ପିଲା ଯିବେ। କୌଣସି ପରିସ୍ଥିତିରେ ଓଭରଲୋଡିଂ ହେବନି। ସ୍କୁଲ ବସ / ତିନିଚକିଆ ଗାଡ଼ିରେ କେତେ ପିଲା ବସିପାରିବେ ତାହା ଗାଡ଼ି ଭିତରେ ଓ ବାହାରେ ଲେଖାଯିବ। ଗାଡ଼ି ସ୍କୁଲ କାର୍ଯ୍ୟରେ ନିୟୋଜିତ ହୋଇଥିଲେ ଗାଡ଼ିର ଆଗରେ ଓ ପଛରେ ସ୍କୁଲ ଭ୍ୟାନ ଓ ସ୍କୁଲ ଡ୍ୟୁଟିରେ ଲେଖାଯିବ। ପାଞ୍ଚ ବର୍ଷରେ ଡ୍ରାଇଭିଂ ଅଭିଜ୍ଞତା ଥିଲେ ସ୍କୁଲ ଗାଡ଼ି ଚଳାଇବାକୁ ଅନୁମତି ମିଳିବା ଦରକାର।

ସେହିପରି ସ୍କୁଲ ବସ ଚଳାଉଥିବା ଡ୍ରାଇଭର ରେଡ଼ ଲାଇଟ ଜମ୍ପ, ଗାଡ଼ି ଅନୁଶାସନର ଉଲ୍ଲଂଘନ କିମ୍ବା ଅନଧିକୃତ ବ୍ୟକ୍ତିଙ୍କୁ ଗାଡ଼ି ଚଳାଇବାକୁ ଅନୁମତି ଦେବା ଭଳି ଅପରାଧରେ ତାଙ୍କୁ ବର୍ଷରେ ଦୁଇଥରରୁ ଅଧିକ ଜରିମାନା ହୋଇନଥିବ। ଅତ୍ୟଧିକ ଦ୍ରୁତ ଗତିରେ, ମଦ୍ୟମାନ କରି ଗାଡ଼ି ଚଳାଇବା ଏବଂ ସାଂଘାତିକ ଦୁର୍ଘଟଣା ହେତୁ ବିପଜ୍ଜନକ ଡ୍ରାଇଭିଂ ଅପରାଧ ପାଇଁ ତାଙ୍କୁ କେବେ ଦଣ୍ଡିତ କରାଯାଇନଥିବ। ସେ ବର୍ଷକୁ ଥରେ ସ୍କୁଲସ୍ତରୀୟ ପରିବହନ କମିଟି ଆଗରେ ଡ୍ରାଇଭିଂ ସ୍କିଲ ପରୀକ୍ଷା ଦେବେ ଏବଂ ସେହି ସମୟରେ ତାଙ୍କର ଆଖି ପରୀକ୍ଷା ହେବ। ଏହାବାଦ ପ୍ରତ୍ୟେକ ସ୍କୁଲରେ ଅଭିଭାବକ, ପରିବହନ ପ୍ରତିନିଧି ଏବଂ ବିଦ୍ୟାଳୟର କର୍ମଚାରୀଙ୍କୁ ନେଇ ଏକ ସ୍କୁଲ ପିଲାମାନଙ୍କର ନିରାପଦ ପରିବହନ ସମ୍ବନ୍ଧୀୟ ବିଷୟ ଉପରେ ଦୃଷ୍ଟି ରଖିବ। ଯଦି କୌଣସି ବିଦ୍ୟାଳୟରେ ଏପରି କମିଟି ନଥାଏ ତେବେ ଏହା ତୁରନ୍ତ ଏକ ଗଠନ କରିବାକୁ କୁହାଯାଇଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ନିଶ୍ଚିନ୍ତ ଭାବରେ ପିଲାମାନଙ୍କର ଧନ, ଜୀବନ ସୁରକ୍ଷା ସହ ଅଭିଭାବକମାନଙ୍କୁ ନିଶ୍ଚିନ୍ତ ଚିନ୍ତାରୁ ମୁକ୍ତ କରିବ।

# ସବୁଛାଡ଼ି ଯିବାକୁ ହିଁ ପଡ଼ିବ

ଦେବଦତ୍ତ ବିଶ୍ୱାଳ
ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ,
ଦୂରଭାଷ : ୯୮୬୧୯୪୪୫୯୪

ଆମର ଆଖପାଖର ଦୁନିଆରେ ଅନେକ ସମୟରେ ଆମେ ଏପରି ଏକ ଏକ ଘଟଣାକୁ ସାମ୍ନା କରୁ ଯାହାକି ଆମ୍ଭମାନଙ୍କୁ ବିବେକର ନିଷ୍ପତ୍ତି ନେଇ ଚିନ୍ତା କଲାବେଳକୁ ଘଟଣାଚକ୍ର ଆଉ କିଛି ମୋଡ଼ ନେଇଯାଇଥାଏ। ସେହିପରି ଜୀବନରେ ଅନେକ ସମୟରେ ଆମେ ଅନୁଭବ କରୁ ଯେ ପ୍ରକୃତରେ ଆମେ ଆସିଥିବା ଦୁନିଆରେ ଆମ୍ଭ ମାନଙ୍କ ପାଇଁ ଶ୍ରେଷ୍ଠ କର୍ତ୍ତବ୍ୟର ଆହ୍ୱାନ କ'ଣ? ଏହିପରି କ୍ରମରେ ଏକ ଛୋଟିଆ ଆଧ୍ୟାତ୍ମିକ ତତ୍ତ୍ୱର କଥାଟି ଉପସ୍ଥାପନ କରୁଛି। ଦିନେ ପିମ୍ପୁଡ଼ିଟିଏ ଗୋଟିଏ ପତ୍ର ପାଇଲା। ପତ୍ର ତାର କେଉଁ କାମରେ ଲାଗିବ, ତାକୁ ଜଣା ନଥିଲା ବା ସେତକ ଜାଣିବା ପାଇଁ ତା'ଠାରେ ବୋଧଶକ୍ତିର ଅଭାବ ଥିଲା। ହେଲେ ସେ ପତ୍ରଟିକୁ ବୋହି ଘରମୁହାଁ ହେଲା। ପିମ୍ପୁଡି ତୁଳନାରେ ପତ୍ରଟି ଖୁବ୍ ବଡ଼ ଥିଲା। ପତ୍ରଟିକୁ ବୋହିବା ପାଇଁ ତାକୁ ଖୁବ୍ ପରିଶ୍ରମ କରିବାକୁ ପଡୁଥାଏ। ବାଟରେ ଆସିଲା ନାନା ପ୍ରତିବନ୍ଧ। ତେବେ ସେ ନିଜ ନିପୁଣତାର ପରିଚୟ ଦେଇ ସମସ୍ତ ପ୍ରତିବନ୍ଧ ପାର ହୋଇଗଲା। ଶେଷରେ ସେ ପହଞ୍ଚିଲା ନିଜର ଲକ୍ଷ୍ୟ ସ୍ଥଳୀ ଗାତ ମୁହଁରେ। ପତ୍ରଟିକୁ ଗାତ ଭିତରକୁ ନେବାକୁ ଚେଷ୍ଟା କରି ସେ ବିଫଳ ହେଲା। କୌଣସି ପ୍ରକାରେ ନିଜର ଉଦ୍ୟମରେ ସଫଳ ନ ହେବାରୁ ସେଇଟିକୁ ଗାତ ବାହାରେ ଛାଡ଼ି ସେ ଭିତରେ ପଶିଗଲା। ଅର୍ଥାତ୍ ସେ ଅଯଥା ଜିନିଷଟିଏ ବୋହିଚାଲିଥିଲା ଯାହାକୁ ଶେଷରେ ସେ ଛାଡ଼ିବାକୁ ବାଧ୍ୟ ହେଲା। ମଣିଷର ଜୀବନ ବି ବହୁ ମାତ୍ରାରେ ପିମ୍ପୁଡ଼ି ପରି ନୁହେଁ କି? ଆମେ ପରିବାର ପାଇଁ ବ୍ୟସ୍ତ। ଅର୍ଥାଭାବ ଆମକୁ ବିବ୍ରତ କରେ। ଆମ ଭିତରେ ଏମିତି ଅନେକ ଅଛନ୍ତି ଯେଉଁମାନେ ଅର୍ଥ ସଞ୍ଚିବାକୁ ଜୀବନର ଧର୍ମ ଭାବନ୍ତି। ଅସଫଳତା ଆମକୁ ଘାରେ। ସଫଳ ହେବା ପାଇଁ ଆମେ ନାନା ଅବୈଧ ପନ୍ଥାର ଆଶ୍ରୟ ନେଉ। ତେବେ ଶେଷରେ କ'ଣ ହୁଏ? ଅନ୍ତିମ ସମୟରେ ଧନସଂପତ୍ତି, ସଂପର୍କୀୟ କୌଣସି କାମରେ ଲାଗନ୍ତିନାହିଁ। ସବୁ ଛାଡ଼ି ଏକଲା ଯିବାକୁ ପଡ଼େ।

# ଭୁବନେଶ୍ୱର ଏମ୍ସ ଦଲାଲ୍‌ଙ୍କ କବ୍‌ଜାରେ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ରେ ମାତିଛନ୍ତି ଟିକେଟ୍ ଦଲାଲ୍। ସେମାନେ ମାତ୍ର ୧୦ ଟଙ୍କାରେ ମିଳୁଥିବା ଟିକେଟ୍‌କୁ ହଜାର ହଜାର ଟଙ୍କାରେ ବିକ୍ରି କରୁଛନ୍ତି। ବିଶେଷ କରି ଅଣଓଡ଼ିଆ ରୋଗୀମାନଙ୍କୁ ଟାର୍ଗେଟ୍ କରି ଏପରି ଟଙ୍କା ଲୁଟୁଥିବା ଅଭିଯୋଗ ହେଉଛି।

## ଭୋର ୪ଟାରୁ ଗଲେ ମଧ୍ୟ ମିଳୁନି ଟିକେଟ୍

ସୂଚନା ଅନୁସାରେ ଏମ୍ସ ଭୁବନେଶ୍ୱର ରୋଗୀସେବା ପାଇଁ ମୋଟ ୩୪ଟି ବିଭାଗ ରହିଛି। ଡାକ୍ତରଙ୍କ ପରାମର୍ଶ କରାଇବା ନିମନ୍ତେ ୧୦ ଟଙ୍କା ଦେଇ ଓପିଡି ଟିକେଟ୍ କରିବାର ନିୟମ ରହିଛି। ତେବେ ଯଥେଷ୍ଟ ପରିମାଣର ଟିକେଟ୍ ଉପଲବ୍ଧ ହେଉ ନଥିବାରୁ ଅନେକ ରୋଗୀମାନଙ୍କୁ ଡାକ୍ତରଙ୍କ ପରାମର୍ଶରୁ ବଞ୍ଚିତ ହେବାକୁ ପଡୁଛି। ଏମିତିକି ରାତି ୩ଟାରୁ ଧାଡି ଲଗାଇ ମଧ୍ୟ ଟିକେଟ୍ ନ ପାଇ ଅନେକ ରୋଗୀଙ୍କୁ ନିରାଶ ହେବାକୁ ପଡୁଛି। ଅପରପକ୍ଷରେ ଓପିଡି ଟିକେଟ୍‌କୁ ଏକ ରୋଜଗାରର ପନ୍ଥା ଭାବେ ବାଛି ନେଇଛନ୍ତି କେତେକ ଦଲାଲ୍। ଟଙ୍କ ଦେଲେ ଟିକେଟ୍ କରିବା ଠାରୁ ଆରମ୍ଭ କରି ଡାକ୍ତରଙ୍କ ପରାମର୍ଶ କରାଇବା ପର୍ଯ୍ୟନ୍ତ ସବୁକିଛି ବ୍ୟବସ୍ଥା କରାଇ ଦେଉଛନ୍ତି। ଦଲାଲମାନେ ନ୍ୟୁରୋଲୋଜି, ୟୁରୋଲୋଜି, କାର୍ଡିଓଲୋଜି ଓ ନେଫରୋଲୋଜି ବିଭାଗର ଟିକଟ ପାଇଁ ଦେଢ ହଜାରରୁ ଅଢେଇ ହଜାର ଟଙ୍କା ନେଉଥିବା ବେଳେ ଅର୍ଥୋପେଡିକ୍, ମେଡିସିନ୍, ଇଏନଟି ବିଭାଗର ଟିକେଟ୍ ପାଇଁ ୩ଶହରୁ ୫ ଶହ ଟଙ୍କା ନେଉଥିବା ଅଭିଯୋଗ ହେଉଛି। ଖାଲି ସେତିକି ନୁହେଁ ଟିକେଟ ପାଇଁ ଧାଡି କରିବା ପୂର୍ବରୁ ଇଟା ଥୋଇବାକୁ ପଡୁଛି ଓ ଏକ କାଗଜରେ ନିଜ ନାମ ଓ ଫୋନ୍ ନମ୍ବର ଲେଖି ଇଟା ତଳେ ରଖିବାକୁ ପଡୁଛି। ତେବେ ଲାଇନ୍‌ର ପ୍ରଥମ ୧୦ଟି ଇଟାକୁ ମଧ୍ୟ ଏକ ହଜାରରୁ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଧାଡିରେ ୧୦ଜଣଙ୍କ ମଧ୍ୟରେ ରହିଲେ ଯେ କୌଣସି ବିଭାଗର ଟିକେଟ୍ ପାଇବା ଏକ ପ୍ରକାର ପକ୍କା ହୋଇଥିବାରୁ ରୋଗୀମାନେ ବାଧ ହୋଇ ଦଲାଲମାନେ ଲାଇନ୍‌ରେ ରଖିଥିବା ଇଟାକୁ କିଣୁଛନ୍ତି।




ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ମଣ୍ଡଳ ତାଙ୍କ ସମ୍ପର୍କୀୟଙ୍କୁ ନେଫରୋଲୋଜି ବିଭାଗର ଡାକ୍ତରଙ୍କ ପରାମର୍ଶ କରାଇବାକୁ ଆସିଥିଲେ। ଟିକେଟ୍ ପାଇଁ ରାତି ୪ଟାରୁ ଧାଡି ଲଗାଇଥିଲେ କିନ୍ତୁ ସେ ଟିକେଟ୍ ପାଇ ପାରି ନଥିଲେ। ନିରାଶ ହୋଇ ଫେରିଯାଉଥିବା ବେଳେ ଏକ ଦଲାଲଙ୍କ ସହ ଭେଟ ହୋଇଥିଲା ଓ ଦେଢ ହଜାର ଟଙ୍କା ଦେଲେ ସାଙ୍ଗେ ସାଙ୍ଗେ ଟିକେଟ୍ କରିଦେବେ ବୋଲି କହିଥିଲା। ଶ୍ରୀ ମଣ୍ଡଳ ଏତେ ଟଙ୍କା ଦେବାକୁ ଅକ୍ଷମତା ପ୍ରକାଶ କରିବା ସହିତ ଏକ ହଜାର ଟଙ୍କା ଦେବାକୁ ରାଜି ହୋଇଥିଲେ। ହଜାର ଟଙ୍କା ଦେବାର ୧୫ ମିନିଟ୍ ମଧ୍ୟରେ ଦଲାଲ୍ ଜଣଙ୍କ ତାଙ୍କୁ ଆଣି ନେଫରୋଲୋଜି ବିଭାଗର ଟିକେଟ୍ ଦେଇଥିଲା।

ସେହିପରି ଝାଡଖଣ୍ଡ ରାଞ୍ଚିର ଅଞ୍ଜଳି ଉପାଧ୍ୟାୟ ନିଜ ମା'ଙ୍କୁ ଗ୍ୟାଷ୍ଟ୍ରୋଲୋଜି ବିଭାଗରେ ଦେଖାଇବାକୁ ଆସିଥିଲେ। ଭୋର ୪ଟାରୁ ଦୀର୍ଘ ୬ ଘଣ୍ଟା ଲାଇନ୍‌ରେ ଛିଡା ହେବା ପରେ ମଧ୍ୟ ତାଙ୍କୁ ଟିକେଟ୍ ମିଳିପାରିନଥିଲା। ତେବେ ଜଣେ ଦଲାଲ୍ ତାଙ୍କ ଠାରୁ ୫ଶହ ଟଙ୍କା ନେଇ ଟିକେଟ୍ କରାଇ ଦେଇଥିଲା ଓ ସେ ତାଙ୍କ ମା'ଙ୍କୁ ଗ୍ୟାଷ୍ଟ୍ରୋଲୋଜି ବିଭାଗରେ ଦେଖାଇଥିଲେ। ଗୋଟିଏ ପଟେ ଜଣେ ସାଧାରଣ ଲୋକ ଧାଡିରେ ଠିଆ ହୋଇ ଟିକେଟ ପାଉ ନ ଥିବା ବେଳେ ଅନ୍ୟପଟେ ଜଣେ ଦଲାଲ ଟଙ୍କା ନେବାର ୧୫/୨୦ ମିନିଟ ପରେ ଟିକେଟ୍ କରାଇଦେବା ଘଟଣା ଦଲାଲ ଓ ଟିକେଟ୍ କାଉଣ୍ଟର କର୍ମଚାରୀଙ୍କ ମଧୁଚନ୍ଦ୍ରିକାକୁ ପଦାରେ ପକାଇଛି।

ତେବେ କେବଳ ଦଲାଲ୍ ନୁହଁନ୍ତି ବରଂ ଏମ୍ସର ଟିକେଟ୍ କାଉଣ୍ଟରର କର୍ମଚାରୀ ମଧ୍ୟ ଦଲାଲ୍‌ଙ୍କ ସହିତ ହାତ ମିଳାଇଥିବା ଏଭଳି ଘଟଣାରୁ ସ୍ପଷ୍ଟ ହୋଇଛି। କେବଳ ଟିକଟ ନୁହେଁ ବରଂ ବିଭିନ୍ନ ପରୀକ୍ଷାକୁ ଜଲ୍‌ଦି କରାଇବାକୁ ମଧ୍ୟ ଦଲାଲମାନେ ଟଙ୍କା ନେଉଥିବା ଜଣାପଡିଛି। ସିଟି ସ୍କାନ୍ ଓ ଏମ୍‌ଆରଆଇ ପରୀକ୍ଷା ପାଇଁ ରୋଗୀମାନଙ୍କୁ ୩ ମାସ ପରର ତାରିଖ ଦିଆଯାଉଥିବା ବେଳେ ଦଲାଲମାନେ ହାତଗୁଞ୍ଜା ନେଇ ଦୁଇରୁ ଦିନି ଦିନ ମଧ୍ୟରେ ପରୀକ୍ଷା ପାଇଁ ଦଲାଲ୍‌ମାନେ ୫ଶହରୁ ହଜାରେ ଟଙ୍କା ନେଉଥିବା ବେଳେ ବାୟୋପସି ଓ ଆଞ୍ଜିଓଗ୍ରାଫି ପରୀକ୍ଷା ପାଇଁ ୩ ହଜାରରୁ ୫ ହଜାର ଟଙ୍କା ନେଉଥିବା ଅଭିଯୋଗ ହେଉଛି।

ବିଶେଷ କରି ପଶ୍ଚିମବଙ୍ଗ, ଝାଡଖଣ୍ଡ, ଛତିଶଗଡ, ଆନ୍ଧ୍ରପ୍ରଦେଶ ତଥା ଅନ୍ୟ ରାଜ୍ୟରୁ ଆସୁଥିବା ଅଣଓଡ଼ିଆ ରୋଗୀମାନଙ୍କୁ ଟାର୍ଗେଟ୍ କରି ଦଲାଲ୍‌ମାନେ ଏହିଭଳି ଭାବେ ଟିକେଟ୍ ବ୍ୟବସାୟ ଚଳାଇଛନ୍ତି। ତେବେ କମ୍ ଟଙ୍କାରେ ଉନ୍ନତ ଚିକିତ୍ସା ପାଇବା ଆଶାରେ ରାଜ୍ୟ ତଥା ରାଜ୍ୟ ବାହାରର ହଜାର ହଜାର ରୋଗୀ ଦଲାଲଙ୍କ ଦ୍ୱାରା ଶୋଷଣର ଶୀକାର ହେଉଛନ୍ତି।

# ବିଡିଓଙ୍କୁ ବିଧାୟକଙ୍କ ମାଡ, ଓଠ ଫାଟିଲା, ଦାନ୍ତ ହଲିଲା !

**ଦେବଗଡ଼(ସଂପର୍କବାର୍ତ୍ତା):-** ଦେବଗଡ ଜିଲ୍ଲା ତିଲେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ଶନିବାର ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ସମର୍ଥକଙ୍କ ସହିତ ମିଶି ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ବିଡିଓ ଦଳପତି ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ବିଡିଓ ଦଳପତି ଏ ନେଇ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ



ବିଧାୟକ ସୁବାଷ ପାଣିଗ୍ରାହୀ

ଅନ୍ୟପକ୍ଷରେ, ବିଧାୟକ ପାଣିଗ୍ରାହୀଙ୍କୁ ତିଲେଇବଣି ବିଡିଓ ଦଳପତି ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ବିଧାୟକ ପାଣିଗ୍ରାହୀ ଅଭିଯୋଗ କରିଥିବା ଜଣାପଡିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୂର୍ବାହ୍ନରେ ବିଡିଓ ଦଳପତି, ଦେବଗଡ ତହସିଲ୍‌ଦାର ପଲ୍ଲବୀ ନାୟକ, ରାଜସ୍ୱ ସୁପରଭାଇଜର ହୃଦାନନ୍ଦ ସାହୁ, ସୁଗୁଡା ରାଜସ୍ୱ ନିରୀକ୍ଷକ ଜଲିରାଣୀ ପ୍ରଧାନ ଓ ଛେପିଲିପାଲି ଗ୍ରାମ ପଞ୍ଚାୟତର ଜିଆର୍‌ଏସ୍ ଜଗନ୍ନାଥ ସାହୁଙ୍କ ସହିତ ଯୁଗ୍ମ ତଦନ୍ତ ନିମନ୍ତେ ଛେପିଲିପାଲି ଗ୍ରାମ ପଞ୍ଚାୟତର ଭାଲିଆଗୁଡି ଗ୍ରାମକୁ ଯାଇଥିଲେ। ତେବେ ପୂର୍ବାହ୍ନ ୧୦ଟା ୩୦ରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ତାଙ୍କ ନିକଟକୁ ଏକାଧିକ ଫୋନ୍ ନମ୍ବରରୁ ଲଗାତର ଫୋନ କଲ ଆସିବା ସହ ବିଧାୟକଙ୍କୁ ଦେଖା କରିବାକୁ ବିଡିଓଙ୍କୁ କୁହାଯାଇଥିଲା। ବିଡିଓ ଦଳପତି ତଦନ୍ତ ସାରି ବିଧାୟକଙ୍କୁ ଦେଖା କରିବେ ବୋଲି ଉତ୍ତର ଦେଇଥିଲେ। ଏହାର କିଛି ସମୟ ମଧ୍ୟରେ ବିଧାୟକ ପାଣିଗ୍ରାହୀଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ କର୍ମୀ ସେଠାରେ ପହଞ୍ଚି ବିଡିଓଙ୍କୁ ଧକ୍କା ଦେବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ବିଡିଓଙ୍କୁ ବିଧାୟକଙ୍କ ଗାଡିରେ ଭର୍ତ୍ତି କରି ଉଠାଇ ନେବାକୁ ଉଦ୍ୟମ କରିଥିଲେ। ବିଡିଓଙ୍କୁ ଜାତିଆଣ ଆକ୍ଷେପ କରିବା ସହ ତାଙ୍କୁ ମୁଥ ମାରିବାରୁ ସେ ତଳେ ପଡିଯାଇଥିଲେ। ସହଯୋଗୀମାନେ ତାଙ୍କୁ ଉଦ୍ଧାର କରିଥିଲେ। ଅନ୍ୟପକ୍ଷରେ, ଦେବଗଡ ବିଧାୟକ ପାଣିଗ୍ରାହୀ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ବିଡିଓ ଦଳପତିଙ୍କୁ ଦେଖା କରିବାକୁ ଚାହିଁବାରୁ ତାଙ୍କୁ ବ୍ଲକ କାର୍ଯ୍ୟାଳୟକୁ ଡାକିଥିଲେ। ବିଧାୟକ ପାଣିଗ୍ରାହୀ ସେଠାରେ ପହଞ୍ଚିବା ପରେ ବିଡିଓ ସେଠାରେ ନ ଥିଲେ। ବିଧାୟକ ତାଙ୍କୁ ଫୋନ କରିବାରୁ ବିଡିଓ ଦଳପତି କୁଆଡେ ତାଙ୍କୁ ଛେପିଲିପାଲି ଗ୍ରାମ ପଞ୍ଚାୟତର ଭାଲୁଆଗୁଡି ଗ୍ରାମକୁ ଡାକିଥିଲେ। ବିଧାୟକ ପାଣିଗ୍ରାହୀ ସେଠାରେ ପହଞ୍ଚିବା କ୍ଷଣି ବିଡିଓ ଦଳପତି ଉତକ୍ଷିପ୍ତ ହୋଇ ତାଙ୍କୁ କୁଆଡେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ସେହିପରି ଗଲାବେଳେ ବିଡିଓ ଦଳପତି ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଆଧାରରେ ମଧ୍ୟ ଦେବଗଡ ଥାନା ପୋଲିସ୍ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଯୋଗ୍ୟ ଯେ, ଘଟଣା ପରେ ବିଡିଓ ଦଳପତି ଏ ନେଇ ଜିଲ୍ଲାପାଳ ଓ ରାଜ୍ୟ ଓଏସ୍‌ଏସ୍ ସଂଘକୁ ମଧ୍ୟ ଅବଗତ କରିଛନ୍ତି।

# ବିଡିଓଙ୍କୁ ମାଡ, ମୁଖ୍ୟ ଶାସନ ସଚିବଙ୍କୁ ଫେରାଦ ହେଲେ ଓଏଏସ୍ ସଂଘ

ବିଡିଓଙ୍କୁ ମାଡ ଘଟଣାରେ ଫେରାଦ୍ ହେଲା ଓଏଏସ୍ ସଂଘ। ମୁଖ୍ୟ ଶାସନ ସଚିବ ଓ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କୁ ଫେରାଦ୍ ହେଲା ସଂଘ। ଫେରାଦ୍ ହୋଇ ଅଫିସରଙ୍କୁ ସୁରକ୍ଷା ଦାବି କଲେ ଅଫିସରଙ୍କ ସମ୍ପାଦକ। ଜଣେ ବିଡିଓ ବାହାରକୁ ଯାଇ କାମ କରୁଥିବା ବେଳେ ସେ କାହିଁକି ଏମିତି କରିବେ ବୋଲି ପ୍ରଶ୍ନ କରିଛି ସଂଘ। ବିଧାୟକ ନିଜକୁ ବଞ୍ଚାଇବାକୁ ଯାଇ ଏପରି ଏତଲା ଦାୟର କରିଥିବା ସଂଘ ଅଭିଯୋଗ କରିଛି। ସୂଚନାଯୋଗ୍ୟ, ବିଡିଓଙ୍କୁ ମାଡ ମାରିଥିବା ଅଭିଯୋଗରେ ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀଙ୍କୁ ଗିରଫ କରାଯାଇଛି। ତାଙ୍କ ଗିରଫଦାରୀକୁ ନେଇ ବିଧାୟକ ଅଭିଯୋଗ କରିଛନ୍ତି ଯେ ବିଜେଡି ଚାପରେ ତାଙ୍କୁ ଗିରଫ କରାଯାଇଛି। ଗିରଫ ହେବା ପରେ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଥିବାରୁ ବିଧାୟକ ସୁବାସ ପାଣିଗ୍ରାହୀଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ହସ୍ପିଟାଲ୍‌ରେ ଭର୍ତ୍ତି ହେବା ପରେ ବିଧାୟକ ନିଜେ ଏଭଳି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ତାଙ୍କୁ କାହିଁକି ଏଭଳି ଗିରଫ କରାଗଲା ସେ ନେଇ କିଛି ବୁଝିପାରୁନାହାଁନ୍ତି। ସେ ଆହୁରି କହିଛନ୍ତି **ମିଛଟାରେ ଏତଲା ଦିଆଯାଇ ମୋତେ ଗିରଫ କରାଯାଇଛି। ବିଧାୟକ ଭାବେ ସବୁ ଅଫିସରଙ୍କୁ ପଚାରିବାର ଅଧିକାର ରହିଛି। ଯଦି ପ୍ରଶ୍ନ ପଚାରିଲେ ଗିରଫ କରାଯିବ ତାହେଲେ ଉନ୍ନତିମୂଳକ କାମ କେମିତି ହେବ? ଦେବଗଡ ଜିଲ୍ଲାକୁ ଯେଉଁ ଟଙ୍କା ଆସୁଛି, ହରିଲୁଟ ହେଉଛି। କହିଲେ ସେ ଆମକୁ ହତ୍ୟା ଧମକ ଦେବାକୁ ପଛାଉନାହାଁନ୍ତି। କୌଣସି ତଦନ୍ତ ନ କରି ବିଜେଡି ଚାପରେ ମୋତେ ଗିରଫ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ବିଧାୟକ।**



# ଜିଲ୍ଲାପାଳଙ୍କୁ ପୁଣି ସମନ

**କେନ୍ଦୁଝର(ସଂପର୍କବାର୍ତ୍ତା):-** କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେଙ୍କୁ ପୁଣି ସମନ। ହାଜର ପାଇଁ ସମନ କଲେ ଜାତୀୟ ଜନଜାତି କମିଶନ। ମେ ୯ତାରିଖ ୧୧ଟାରେ ହାଜର ହେବାକୁ ସମନ। କମିଶନଙ୍କ ସଦସ୍ୟ ଅନନ୍ତ ନାୟକଙ୍କ ଇଜିଲାସାରେ ହାଜର ହେବାକୁ ରହିଛି ନିର୍ଦ୍ଦେଶ। ପ୍ରତିନିଧି ନୁହେଁ, ବ୍ୟକ୍ତିଗତ ଭାବେ ହାଜର ହେବାକୁ କମିଶନଙ୍କ ନିର୍ଦ୍ଦେଶ। ପୂର୍ବରୁ କଡା ନିର୍ଦ୍ଦେଶ ସତ୍ତ୍ୱେ ହଜାର ହୋଇଥିଲେ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେ କେନ୍ଦୁଝର ଜିଲ୍ଲାପାଳଙ୍କ ନାଁରେ ଜନଜାତି କମିଶନଙ୍କ ପକ୍ଷରୁ ଓାରେଣ୍ଟ ଜାରି କରାଯାଇଥିଲା ହେଲେ ଜିଲ୍ଲାପାଳ ଏହାକୁ ବେଖାତିର କରିଥିଲେ। ବାରମ୍ବାର ନୋଟିସ ସତ୍ତ୍ୱେ ଜିଲ୍ଲାପାଳ ହାଜର ନ ହେବା ପରେ କମିଶନ ଓାରେଣ୍ଟ ଜାରି କରିଥିଲେ ଏହା ସହ ଡିସିପି ସୁନୀଲ ବଂଶଲଙ୍କୁ ମଧ୍ୟ କଡା ନିର୍ଦ୍ଦେଶ ଦେଇଥିଲେ। ହେଲେ ଡିଜିପି ବଂଶଲ ମଧ୍ୟ ଜିଲ୍ଲାପାଳଙ୍କୁ ଜନଜାତି କମିଶନଙ୍କ ନିକଟରେ ହାଜର କରାଯାଇପାରି ନଥିଲେ। କେନ୍ଦୁଝରରେ ଆଇନଶୃଙ୍ଖଳା ପରିସ୍ଥିତି ଦର୍ଶାଇ ହାଜର ହୋଇନଥିବା ସୂଚନା ଦେଇଥିଲେ। ଏନେଇ କମିଶନଙ୍କୁ ଚିଠି ଲେଖି ଡିଜିପି ସମୟ ମାଗିଥିଲେ। ଜନଜାତି ଉତ୍ପୀଡନ ସଂପର୍କୀତ ବିଭିନ୍ନ ମାମଲାରେ ହଜାର ପାଇଁ ନିର୍ଦ୍ଦେଶ ଦେଇଥିଲେ କମିଶନ।



# ଇଞ୍ଜିନିୟର ଓ ଠିକାଦାର କାମରେ କର୍ପୋରେଟର ଚୁପ୍ ?

**କଟକ(ତପନ ମହାନ୍ତି):-** ସିଏମ୍‌ସି ଅନ୍ତର୍ଗତ ମହାନଦୀବିହାରର ପାର୍କ ନିକଟରେ ଚାଲିଛି ସ୍ମାର୍ଟ ରୋଡ୍ ଓ ଡ୍ରେନ କାମ। ଏହି କାମ ଅତି ନିମ୍ନମାନର ହେଉଛି ବୋଲି ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ଅଭିଯୋଗ ଅନୁଯାୟୀ ଡ୍ରେନ କାମ ନିମ୍ନମାନର ଥିଲା। ଏହି କାମରେ ଇଞ୍ଜିନିୟର-ଠିକାଦାର ସଲାସୁତୁରା ହୋଇ ଲୁଟି ଚାଲିଛନ୍ତି। ସ୍ଥାନୀୟ କର୍ପୋରେଟର ସବୁଜାଣି ଚୁପ୍ ରହିବା ନେଇ ମହାନଦୀବିହାର ଅଞ୍ଚଳବାସୀଙ୍କ ଆଶ୍ଚର୍ଯ୍ୟ କରିଛି ସେହିପରି ଡ୍ରେନ ଉପରେ ପଡୁଥିବା ସ୍ଲାବ ଅତିନିମ୍ନମାନର ଥିଲା। ଏହି ସ୍ଲାବ୍ କୁଆଡ଼େ ଅତି ଶସ୍ତାରେ କିଣା ଯାଇଥିଲା। କିନ୍ତୁ ଏହି ଅଭିଯୋଗକୁ କେହି ଗୁରୁତ୍ୱ ଦେଉନଥିଲେ। କିନ୍ତୁ ଏକ ଟ୍ରାକ୍ଟର ଏହି ସ୍ଲାବ ଉପରେ ଚଢ଼ିଯିବାରୁ ସ୍ଲାବ ଭାଙ୍ଗି ଯାଇ ଡ୍ରେନ ଭିତରକୁ ଟ୍ରାକ୍ଟର ଗଳି ପଡ଼ିଥିଲା। ଦାୟିତ୍ୱରେ ଥିବା ବିଭାଗୀୟ ଇଞ୍ଜିନିୟର ଏବଂ ଠିକାଦାର ନିମ୍ନମାନର କାମ କରି ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ୱାର୍ଡ଼ ଦାୟିତ୍ୱରେ ଥିବା ଇଞ୍ଜିନିୟର କର୍ପୋରେଟରମାନଙ୍କ ହାତ ବାରିସ କରି ଲୁଟି ଚାଲିଛି ବୋଲି ଗୁରୁତ୍ୱର ଅଭିଯୋଗ ହେଉଛି। ତେବେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ଯଦି ସ୍ଲାବ ଉପରେ ଟ୍ରାକ୍ଟର ଚଢ଼ି ନ ଥାନ୍ତା। ତେବେ ସତ୍ୟାସତ୍ୟ ଲୋକଲୋଚନକୁ ଆସିପାରି ନ ଥାନ୍ତି ? ଏହି କାମକୁ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦାୟିତ୍ୱରେ ଥିବା ଇଞ୍ଜିନିୟରଙ୍କୁ ତୁରନ୍ତ ଏଠାରୁ ବଦଳି କରିବାପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ସଂକ୍ରାନ୍ତରେ ସଂପୃକ୍ତ ଇଂଜିନିୟର ଓ ଠିକାଦାରଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# ଡିଇଓଙ୍କୁ ପିଟିଲେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସ୍ୱାମୀ

**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପିଟିଲେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସ୍ୱାମୀ । ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ବୀନିତା ସେନାପତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସରକାରୀ କାର୍ଯ୍ୟକାରୀ କାର୍ଯ୍ୟାଳୟରେ ପଶି ଡିଇଓ ଙ୍କୁ ଆକ୍ରମଣ କରିଛନ୍ତି ବେଲଗୁଣ୍ଠା ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ସୁମନ। ଆକ୍ରମଣରେ ଗୁରୁତର ହୋଇ ଏମକେସିଜିରେ ଭର୍ତ୍ତି ହୋଇଛନ୍ତି ଡିଇଓ। ସୁମନ, ଡିଇଓଙ୍କୁ ଆକ୍ରମଣ କରିବା ବେଳର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି ସ୍ୱାମୀକୁ ଗିରଫ କରି ତଦନ୍ତ ଜାରି ରଖିଛି ପୋଲିସ । ସୂଚନା ଅନୁସାରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ ହୋଇ ଯାଇଥିବା ଅଭିଯୋଗ କରି ସେ ଗତ ଡିସେମ୍ବର ମାସରୁ ଧାରଣାରେ ବସିଥିଲେ। ଆଜି ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟକୁ ଯିବା ସମୟରେ ତାଙ୍କୁ ଆକ୍ରମଣ କରିଥିଲେ ସୁମନ।





# ପୁଣି ରାଜଧାନୀ କଲେଜ୍‌ରେ ୬ ନକଲି ଛାତ୍ର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବିଜେବି କଲେଜ ପରେ ରାଜଧାନୀ କଲେଜରୁ ଚିହ୍ନଟ ହେଲେ ନକଲି ଭିନ୍ନକ୍ଷମ ଛାତ୍ର। ୬ ଜଣ ନକଲି ଭିନ୍ନକ୍ଷମ ଛାତ୍ର ରାଜଧାନୀ କଲେଜ୍‌ରେ ଚିହ୍ନଟ ହୋଇଛନ୍ତି। କଟକ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀଙ୍କ ଦ୍ୱାରା ନକଲି ଛାତ୍ର ଚିହ୍ନଟ ହୋଇଥିବା ଜଣାପଡିଛି। ସରକାର ଗାଇଡଲାଇନ୍ ଅନୁସାରେ ସେମାନଙ୍କ ଆଡମିଶନ ରଦ୍ଦ କରାଯିବ। ମୋଟ୍ ୨୭ ଜଣ ଭିନ୍ନକ୍ଷମ ସାର୍ଟିଫିକେଟ୍ ଥିବା ଛାତ୍ରଛାତ୍ରୀ ଥିବା ବେଳେ ଯାଞ୍ଚ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପଠାଯାଇଥିଲା। ୨୭ ମଧ୍ୟରୁ ୬ଟି ନକଲି ଭିନ୍ନକ୍ଷମ ସାର୍ଟିଫିକେଟ୍ ଥିବା ଛାତ୍ର ଚିହ୍ନଟ ହୋଇଛନ୍ତି। ନୟାଗଡରୁ ୩, ଖୋର୍ଦ୍ଧାରୁ ୨, କଟକରୁ ଜଣେ ଛାତ୍ରଙ୍କର ନକଲି ଭିନ୍ନକ୍ଷମ ପ୍ରମାଣ ପତ୍ର ଥିବା ସ୍ପଷ୍ଟ ହୋଇଛି। ଏମାନେ ସମସ୍ତେ ପ୍ରଥମ ବର୍ଷର ଛାତ୍ର। ନକଲି ଛାତ୍ର ଚିହ୍ନଟ ହେବା ପରେ ରାଜଧାନୀ କଲେଜ ଅଧ୍ୟକ୍ଷ ଖଣ୍ଡଗିରି ଥାନାରେ ଏ ନେଇ ଲିଖିତ ଏତଲା ଦେଇଛନ୍ତି।




# ଭଦ୍ରକ ଜିଲ୍ଲାପାଳଙ୍କ ଫଟୋ ରଖି କିଏ ମାଗୁଛି ସାହାଯ୍ୟ ?

**ଭଦ୍ରକ(ସଂପର୍କବାର୍ତ୍ତା):-** ଶେଷରେ ଜିଲ୍ଲାର ମୁଖ୍ୟ ଜିଲ୍ଲାପାଳଙ୍କୁ ବି ଛାଡିଲେନି ଅସାମାଜିକ ବ୍ୟକ୍ତି। ଖୋଦ ଭଦ୍ରକ ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ଫଟୋ ନିଜ ହ୍ୱାଟସ୍‌ଆପ୍ ଡିପିରେ ରଖି ବେଶ୍ ଚାଲାକିରେ ଟଙ୍କା ସାହାଯ୍ୟ ମାଗୁଥିବାର ଖବର ସାମ୍ନାକୁ ଆସିଛି। ୮୪୦୦୭୫୪୨୨୧ ଫୋନ୍ ନମ୍ବରରେ ବ୍ୟକ୍ତି ଜଣକ ନିଜ ହ୍ୱାଟସ୍‌ଆପ୍ ଡିପିରେ ଜିଲ୍ଲାପାଳଙ୍କ ଫଟୋ ରଖିଛନ୍ତି। ଏ କଥା ନଜରକୁ ଆସିବା ପରେ ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ଆସିବା ପରେ ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ସଚେତନ ରହିବାକୁ କୁହାଯାଇଛି। ପୁଣି ସାମାଜିକ ଗଣମାଧ୍ୟମରେ ଏ ବିଷୟ ଜଣାଇ ଦିଆଯାଇଛି। କୌଣସି ଗଣମାଧ୍ୟମରେ ଏ ବିଷୟ ଜଣାଇ ଦିଆଯାଇଛି।




କୌଣସି ବ୍ୟକ୍ତି ଏଭଳି ମିଥ୍ୟା ମେସେଜ୍ ଦେଲେ ତାକୁ ବିଶ୍ୱାସ ନକରିବାକୁ କୁହାଯାଇଛି।

# ରାଜ୍ୟପାଳ ଜଣେ ପୋଷ୍ଟମ୍ୟାନ୍-ମୁଖ୍ୟମନ୍ତ୍ରୀ ଷ୍ଟାଲିନ

**ଚେନ୍ନାଇ(ସଂପର୍କବାର୍ତ୍ତା):-** ରାଜ୍ୟପାଳ ଜଣେ ପୋଷ୍ଟମ୍ୟାନ ତାଙ୍କୁ ଚିଠି ଖୋଲିବାର ଅଧିକାର ନାହିଁ। ମଙ୍ଗଳବାର ଏମିତି ଟିପ୍ପଣୀ କରିଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ। ଏହାର ଗୋଟିଏ ଦିନ ପୂର୍ବରୁ ତାମିଲନାଡୁ ବିଧାନସଭାରେ ଏକ ବିଧେୟକ ପାରିତ ହୋଇଛି, ଯାହାରି ଆଧାରରେ ରାଜ୍ୟରେ ବିଶ୍ୱ ବିଦ୍ୟାଳୟଗୁଡିକରେ କୁଳପତି ନିଯୁକ୍ତ କରିବାର ଅଧିକାର ରାଜ୍ୟ ସରକାରଙ୍କ ହାତକୁ ଚାଲି ଆସିବ ଏହା ପୂର୍ବରୁ ଏହି ଅଧିକାର ରାଜ୍ୟପାଳ ଙ୍କ ହାତରେ ଥିଲା ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ କହିଛନ୍ତି, ରାଜ୍ୟପାଳଙ୍କୁ କ୍ୟାବିନେଟେ ଗୃହୀତ ବିଲକୁ ସିଧାସଳଖ ରଷ୍ଟ୍ରପତିଙ୍କ ନିକଟକୁ ପଠାଇ ଦେବା ଉଚିତ୍। ଷ୍ଟାଲିନ ଦ୍ରାବିଡିୟନ ପାର୍ଟିର ଏକ କାର୍ଯ୍ୟକ୍ରମରେ ଲୋକଙ୍କୁ ସମ୍ବୋଧିକ କରି ଉପରୋକ୍ତ ବୟାନ ଦେଇଛନ୍ତି ଦ୍ରାବିଦାର କଡଗମର ସଭାପତି ବୀରାମଣି କହିଛନ୍ତି, ରାଜ୍ୟପାଳ ଆରଏନ ରବି କେବଳ ଜଣେ ପୋଷ୍ଟମ୍ୟାନ ତାଙ୍କ ନିକଟରେ ଚିଠି ଖୋଲିବାର ଅଧିକାରନାହିଁ। ବାସ୍ ଚିଠିକୁ କେବଳ ରଷ୍ଟ୍ରପତିଙ୍କ ନିକଟକୁ ପଠାଇବେ ଏବଂ ଉତ୍ତରର ଅପେକ୍ଷା କରିବେ। ଏହା ପରେ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ମଧ୍ୟ ବୀରାମଣିଙ୍କ ଏହି ଟିପ୍ପଣୀଙ୍କୁ ଦୋହରାଇ ରାଜ୍ୟପାଳ ଜଣେ ପୋଷ୍ଟମ୍ୟାନ ବାଲି କହିଛନ୍ତି।

# ଅପରାଜିତାଙ୍କ ହାଇଡ୍ରାମା, ବିଜେପି ସାଇଡ୍


**ପୁରୀ(ସଂପର୍କବାର୍ତ୍ତା):-** ଶ୍ରୀମନ୍ଦିର ବଂଚାଅ ଅଭିଯାନରେ ସାମିଲ ହେବା ଲାଗି ଆଜି ସକାଳୁ ପୁରୀ ଅଭୀମୁଖେ ବାହାରିଥିଲେ ଭୁବନେଶ୍ୱର ସାଂସଦ ଅପରାଜିତା ସଡଙ୍ଗୀ ତାଙ୍କର ଏହି ଗସ୍ତକୁ ନେଇ ପୋଲିସକୁ ନାକେଦମ ସେଠାରୁ ସାଂସଦ ନିଜ ସମର୍ଥକଙ୍କ ସହିତ ଚାଲିଚାଲି ଆଗକୁ ବଢିଥିଲେ। ତେବେ ସାଂସଦଙ୍କ ଏହି ପଦଯାତ୍ରାକୁ ସମର୍ଥନ କରି ନାହିଁ ରାଜ୍ୟ ବିଜେପି । ବିଜେପି ମୁଖପାତ୍ର ସୁରଥ ବିଶ୍ୱାଳ ଗଣମାଧ୍ୟମକୁ



କହିଛନ୍ତି ଯେ ଏହା ଏକ ଦଳୀୟ କାର୍ଯ୍ୟକ୍ରମ ନୁହେଁ । ଦଳ ଏହାକୁ ସମର୍ଥନ କରୁନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ଏଥିରୁ ଅପରାଜିତା ଏବଂ ବିଜେପି ମଧ୍ୟରେ ସବୁକିଛି ଠିକ୍ ନଥିବା ସ୍ପଷ୍ଟ ହୋଇଛି। ସୁରଥ କହିଛନ୍ତି ଯେ ବିଜେପି ଶ୍ରୀମନ୍ଦିର ଏହା ଦଳୀୟ କାର୍ଯ୍ୟକ୍ରମ ନୁହେଁ ବୋଲି ସେ ସ୍ପଷ୍ଟ କରିଥିଲେ। ସବୁ ବାଧା ବିଘ୍ନକୁ ଏଡାଇ ସାଂସଦ ଅପରାଜିତା ସଡଙ୍ଗୀ ଶେଷରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି। ତାଙ୍କର ଏହି ହାଇଡ୍ରାମା ପ୍ରତିବାଦ ଯାତ୍ରା ମଧ୍ୟରେ ସେ ବଡଦାଣ୍ଡରେ ମହାପ୍ରଭୁଙ୍କୁ ସଷ୍ଟାଙ୍ଗ ପ୍ରଣାମ କରିବା ପରେ କାନ୍ଦି ପକାଇଥିଲେ। ତାଙ୍କୁ ଜଗା ଦର୍ଶନ କରିବା ପାଇଁ ବାରମ୍ବାର ଅଟକାଇବା ପ୍ରୟାସ କରାଯାଇଛି ବୋଲି ସେ କହିଛନ୍ତି। ଅପରାଜିତାଙ୍କୁ ସଷ୍ଟାଙ୍ଗ ପ୍ରମାଣ କରିବା ପରେ କାନ୍ଦି ପକାଇଥିଲେ। ତାଙ୍କୁ ଜଗା ଦର୍ଶନ କରିବା ପାଇଁ ବାରମ୍ବାର ଅଟକାଇବା ପ୍ରୟାସ କରାଯାଇଛି ବୋଲି ସେ କହିଛନ୍ତି। ଅପରାଜିତାଙ୍କୁ ପ୍ରଥମେ ଚନ୍ଦନପୁରରେ ପୋଲିସ ଅଟକାଇଥିଲା ସେଠାରୁ ସାଂସଦ ନିଜ ସମ୍ର୍ଥକଙ୍କ ସହିତ ଚାଲିଚାଲି ଆଗକୁ ବଢିଥିଲେ। ଏହା ପରେ ମାଳତିପାଟପୁରଠାରୁ ସମସ୍ତ ସମର୍ଥକଙ୍କ ସହିତ ତାଙ୍କୁ କାର୍ ରେ ପୁରୀ ଯିବାକୁ ଅନୁମତି ମିଳିଥିଲା

# ଇଣ୍ଟରନେଟ୍ ଉପଭୋକ୍ତାଙ୍କୁ ଧୋକା ଦେଉଛନ୍ତି ଯୋଗାଣକାରୀ ସଂସ୍ଥା

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ଆଧୁନିକ ଦୁନିଆର ଦୌଡରେ ନିଜକୁ ସାମିଲ କରିବା ପାଇଁ ସମସ୍ତେ ତତ୍ପର । ସେଥି ପାଇଁତ ଦିନକୁ ଦିନ ମୋବାଇଲ୍ ଓ ଇଣ୍ଟରନେଟ୍ ପ୍ରତି ଲୋକମାନଙ୍କର ଆଗ୍ରହ ବଢିବାରେ ଲାଗିଛି । ମହାମାରୀ କରୋନା ସମୟରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ଥିବା ବେଳେ ଶିକ୍ଷାର୍ଥୀମାନଙ୍କର ଏକମାତ୍ର ଭରସା ଥିଲା ଇଣ୍ଟରନେଟ୍ । ଲୋକମାନଙ୍କର ଆଶା ଓ ବିଶ୍ୱାସକୁ ଦେଖି ମୋବାଇଲ୍ ସେବା ଯୋଗାଣକାରୀ ସଂସ୍ଥାମାନେ ଲୋକମାନଙ୍କୁ ଧୋକା ଦେଇଚାଲିଥିବାର ନଗ୍ନ ନମୁନା ଦେଖିବାକୁ ମିଳିଛି ପାରାଦୀପରେ । ଦେଶର ସର୍ବାଧିକ ମୋବାଇଲ୍ ଇଣ୍ଟରନେଟ୍ ବ୍ୟବହାରକାରୀ ହେଉଛନ୍ତି ରିଲାୟନ୍ସ ଜିଓର । ଏହି କମ୍ପାନୀ ଦିନକୁ ଦିନ ତାର ଉପଭୋକ୍ତାଙ୍କ ସଂଖ୍ୟା ବଢେଇ ଚାଲିଥିବା ବେଳେ ଇଣ୍ଟନେଟ୍ ସ୍ପିଡ୍ ଜିରୋ । ପ୍ରତିଦିନ ମଧ୍ୟାହ୍ନରୁ ଜିଓର ସ୍ପିଡ୍ କମିଯାଉଥିବାରୁ ଉପଭୋକ୍ତାମାନେ ନାହିଁ ନଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି। ଏବେବି ଶିକ୍ଷାଦାନ ଇଣ୍ଟରନେଟ୍ ମାଧ୍ୟମରେ ହେଉଥିବା ବେଳେ ଶିକ୍ଷାର୍ଥୀମାନଙ୍କର ଶିକ୍ଷା ଗ୍ରହଣରେ ନାନା ଅସୁବିଧା ହେଉଛି । ସେବା ଯୋଗାଣକାରୀ ସଂସ୍ଥା ଏସବୁକୁ ଅଣଦେଖା କରିଚାଲିଛନ୍ତି । ସବୁଠୁ ବଡ ସମସ୍ୟା



ହେଉଛି ପାରାଦୀପ ବନ୍ଦର ବ୍ୟବହାରକାରୀ ସଂସ୍ଥାମାନଙ୍କର । ସେମାନଙ୍କର ସମସ୍ତ କାର୍ଯ୍ୟ ଇଣ୍ଟରନେଟ୍ ମାଧ୍ୟମରେ ହୋଇଥାଏ । ବିଶ୍ୱସ୍ତରୀୟ ଜାହାଜ ଚଳାଚଳ ସଂସ୍ଥାମାନଙ୍କ ସହିତ ପାରାଦୀପର ଜାହାଜ ଏଜେଣ୍ଟ, ଷ୍ଟିଭେଡୋର୍ସମାନେ ପ୍ରତିଦିନ ସବୁ ସମୟରେ ସେମାନଙ୍କର ଯୋଗାଯୋଗ ରହିଥାଏ । ଇଣ୍ଟରନେଟ୍ ସେବାରେ ବ୍ୟାଘାତ ଯୋଗୁଁ ସେମାନଙ୍କର ବ୍ୟବସାୟରେ ବ୍ୟାଘାତ ସୃଷ୍ଟି ହେଉଛି । ଆଗାମୀ ଦିନରେ ପାରାଦୀପ ବନ୍ଦର ବିଶ୍ୱସ୍ତରୀୟ ବନ୍ଦର ହେବାକୁ ଯାଉଥିବା ବେଳେ ଏଥିରେ ବାଧକ ସାଜୁଛି ବିପର୍ଯ୍ୟସ୍ତ ଇଣ୍ଟରନେଟ୍ ସେବା । ଏହି ବିପର୍ଯ୍ୟସ୍ତ ଇଣ୍ଟରନେଟ୍ ସେବାର ପ୍ରଭାବ ଦେଖିବାକୁ ମିଳୁଛି ବ୍ୟାଙ୍କ ସେବା କ୍ଷେତ୍ରରେ । ଇଣ୍ଟରନେଟ୍ ନଥିବା ଯୋଗୁଁ ବ୍ୟାଙ୍କ କାଉଣ୍ଟର ଓ ଏ.ଟି.ଏମ୍ ନିକଟରେ ଗ୍ରାହକମାନେ ଘଣ୍ଟା ଘଣ୍ଟା ଧରି ଧାଡିରେ ଠିଆ ହୋଇ ରହୁଥିବା ଦେଖିବାକୁ ମିଳୁଛି । ସେହିପରି ବି.ଏସ୍.ଏନ୍.ଏଲ୍. ଓ ଏୟାରଟେଲ୍ ର ମଧ୍ୟ ସମଦଶା । ଉପଭୋକ୍ତାମାନେ ପଇସା ଦେଇ ବି ସେବା ନପାଇ ହିନସ୍ତା ହେଉଛନ୍ତି । ଏହା ବିରୁଦ୍ଧରେ ଜନ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ଯାହାକି ଆଗାମୀ ଦିନରେ ଏହା ବିରୁଦ୍ଧରେ ଜନ ଆନ୍ଦୋଳନର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ ।

# କଟକ ମୋର ଅତି ନିଜର:ପୂର୍ବତନ ଡିସିପି ପ୍ରତୀକ

**କଟକ(ତପନ ମହାନ୍ତି):-** କଟକ ଥିଲା ମୋର ଅତି ନିଜର। ସହରବାସୀଙ୍କ ସହଯୋଗ ଓ ଭାଇଚାରା ଭାବେ ମୁଁ ଜୀବନରେ କେବେ ବି ଭୁଲିବି ନାହିଁ ବୋଲି ଭୁବନେଶ୍ୱର ଡିସିପି ଭାବେ ବଦଳି ହୋଇଥିବା ତଥା କଟକର ବିଦାୟୀ ଡିସିପି ପ୍ରତୀକ ସିଂହ ଦୃଢ଼ ଭାବେ କହିଛନ୍ତି। ମୁଁ ପୂର୍ବରୁ ଅନେକ ଜିଲ୍ଲା ଓ ସହରରେ କାର୍ଯ୍ୟ କରିଆସିଛି; କିନ୍ତୁ କଟକରୁ ମତେ ବହୁତ କିଛି ଶିଖିବାକୁ ମିଳିଥିଲା। ସହରରେ ଅପରାଧ ହ୍ରାସ ହେଉ କି ପର୍ବପର୍ବାଣି ହେଉ ସହରକାରୀ ସର୍ବଦା ସେମାନଙ୍କ ଜଣେ ସମ୍ପର୍କୀୟ ଭାବେ ଗ୍ରହଣ କରି ସହଯୋଗ କରିଥିବାରୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ସକ୍ଷମ ହୋଇପାରିଥିଲି। ୩ ବର୍ଷ ପୂର୍ବେ ଏଠାକୁ ଡିସିପିଭାବେ ବଦଳି ହୋଇ ଆସିବା ପରେ ପ୍ରଥମେ ଲୋକଙ୍କ ସହିତ ସମ୍ପର୍କକୁ ସୁଦୃଢ଼ କରିବାପାଇଁ ଉଦ୍ୟମ ଆରମ୍ଭ କରିଥିଲି। ପ୍ରଥମେ ପ୍ରଥମେ ସହରକୁ ଚିହ୍ନିବାରେ ମୋ ପାଇଁ କିଛିଟା ସମସ୍ୟା ରହିଥିଲା ସତ, ବରିଷ୍ଠ ନାଗରିକ ଏବଂ ବିଭାଗୀୟ ଅଫିସରଙ୍କ ସହଯୋଗ ଯୋଗୁଁ କିଛିଦିନ ଭିତରେ କଟକ ସହିତ ଅତି ଆପଣାର ହୋଇପାରିଥିଲି। କରୋନା କଟକଣା ସତ୍ତ୍ୱେ ସହରର ସାହିଭାଇ, ପୂଜା କମିଟି, ଶାନ୍ତିକମିଟିଓ ମୁରବିମାନେ ସହଯୋଗ କରିବାରୁ ସବୁକିଛି ଅତି ଶୃଙ୍ଖଳିତ ହୋଇପାରିଥିବା ସେ କହିଥିଲେ। ଆଗକୁ ମଧ୍ୟ ସହରକୁ ଆହୁରି ଶୃଙ୍ଖଳିତ କରିବାପାଇଁ ଯୋଜନା ଥିଲା, ବଦଳି ଯୋଗୁଁ କରିଥିବା ଯୋଜନାକୁ କାର୍ଯ୍ୟକାରୀ କରିପାରି ନ ଥିବାରୁ ମନରେ କିଛିଟା ଅବଶୋଷ ରହିଗଲା। ଏହାଛଡ଼ା ମା' କଟକ ଚଣ୍ଡୀଙ୍କ ଆଶୀର୍ବାଦ ସଙ୍ଗରେ ନେଇ ଏଠାରୁ ଯାଉଛି। ଭୁବନେଶ୍ୱର ଡିସିପି ଭାବେ ଦାୟିତ୍ୱ ନେବା ପରେ କଟକର ଅଭିଜ୍ଞତାକୁ ପାଥେୟ କରି ଅପରାଧ ମୂଳୋତ୍ପାଟ କରିବା ଦିଗରେ କାର୍ଯ୍ୟ ବ୍ୟବହୃତ ରଖିବି ବୋଲି ଡିସିପି ଶ୍ରୀ ସିଂହ କହିଛନ୍ତି।

# ଚୋରା ବନ୍ଧୁକ ଓ ନିଶାକୁ ରୋକିବା ମୂଳ ଲକ୍ଷ୍ୟ:ନୂଆ ଡିସିପି ପିନାକ

**କଟକ(ସଂପର୍କବାର୍ତ୍ତା):-** ଦୀର୍ଘ ବର୍ଷ ପରେ ଜଣେ ଓଡ଼ିଆ ଆଇପିଏସ ଅଫିସର ପିନାକ ମିଶ୍ର କଟକ ଡିସିପି ଭାବେ ଅବସ୍ଥାପିତ ହୋଇଛନ୍ତି। ପୂର୍ବରୁ ସେ ବ୍ରହ୍ମପୁର ଏସିପି ଭାବେ କାର୍ଯ୍ୟ କରୁଥିଲେ। ୨୦୧୧ ବ୍ୟାଚର ଆଇପିଏସ ଅଫିସର ପିନାକଙ୍କ ଜନ୍ମ କଳାହାଣ୍ଡି ଜିଲ୍ଲାରେ। କଟକ ଡିସିପି ଭାବେ କାର୍ଯ୍ୟ କରିବା ତାଙ୍କ ପାଇଁ ଗର୍ବର ବିଷୟ ହେବ ବୋଲି ସେ କହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା କି ବର୍ତ୍ତମାନର ପୁଲିସ କମିସନର ସୌମିନ୍ଦ୍ର ପ୍ରିୟଦର୍ଶୀ କଟକର ପ୍ରଥମ ଡିସିପି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ମାତ୍ର କିଛିମାସ କାର୍ଯ୍ୟ କରିବାପରେ ତାଙ୍କ ସ୍ଥାନରେ ବରିଷ୍ଠ ଆଇପିଏସ ଅଫିସର ଅମିତେନ୍ଦ୍ର ନାଥ ସିହ୍ନା, ପ୍ରବୀଣ କୁମାର, ସଞ୍ଜୀବ ଆରୋରା, ଅଖିଳେଶ୍ୱର ସିଂହ ଓ ପ୍ରତୀକ ସିଂହ ପ୍ରମୁଖ ଡିସିପି ଭାବେ ଦାୟିତ୍ୱ ତୁଲାଇଥିଲେ। ସହରର ଆଇନଶୃଙ୍ଖଳା ରକ୍ଷା ଦିଗରେ କାର୍ଯ୍ୟ କରିବା ସହିତ ଟ୍ରାଫିକ ସମସ୍ୟାରେ ସୁଧାର ଦିଗରେ ସେ ପଦକ୍ଷେପ ନେବେ ବୋଲି କହିଛନ୍ତି। କଟକରେ ଚୋରା ବନ୍ଧୁକ ଓ ଧଳାଜହର କାରବାର ରୋକିବା ଦିଗରେ ଯଥାସମ୍ଭବ ଉଦ୍ୟମ କରିବେ। କରୋନା କଟକଣା ଯୋଗୁଁ ୨ ବର୍ଷ ଧରି ବନ୍ଦ ରହିଥିବା ପର୍ବପର୍ବାଣି ଚଳିତବର୍ଷ ଶୃଙ୍ଖଳିତ ଭାବେ ତାହାକୁ ସମ୍ପନ୍ନ କରିବାପାଇଁ ସହରବାସୀଙ୍କ ସହଯୋଗ ନେଇ କାର୍ଯ୍ୟ କରିବେ ବୋଲି କହିଛନ୍ତି। ସେମାନଙ୍କ ମଧ୍ୟରେ ରହିଥିବା ଭିନ୍ନ ଧାରଣାକୁ ପରିବର୍ତ୍ତନ କରାଯିବା ସହିତ ବିନା ଭୟରେ ଯେପରି ସେମାନେ ଥାନାକୁ ଆସିପାରିବେ ସେ ଦିଗରେ ପଦକ୍ଷେପ ନେବେ ବୋଲି ଶ୍ରୀ ମିଶ୍ର କହିଛନ୍ତି।

# ପାଇପ୍ ଚୋରିର ମାଷ୍ଟର ଏମ୍‌ବିଏ ଛାତ୍ର, ୪ ଗିରଫ

ଗ୍ରାମ୍ୟ ଜଳ ଯୋଗାଣରେ ବ୍ୟବହୃତ ପାଣି ପାଇପ୍ ଲୁଟ ହେବାର ମାତ୍ର ୨୪ଘଣ୍ଟା ମଧ୍ୟରେ ଚୋର ସହ ପାଣିପାଇପ ଉଦ୍ଧାର କଲା ଟାଙ୍ଗି ପୋଲସ ଲୁଟ୍ ପାଣି ପାଇପ୍ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ଅନେକ ସାମଗ୍ରୀ ଜବତ କରିବା ସହ ଡକାୟତ ଦଳକୁ ଗିରଫ କରିଛି ଟାଙ୍ଗି ପୋଲିସ ଡକାୟତ ଦଳର ମାଷ୍ଟର ମାଇଣ୍ଡ ଜଣେ ଏମ୍‌ବିଏ ଡିଗ୍ରୀଧାରୀ ବୋଲି ଜଣା ପଡିଛି। ତାର ନାମ ସତ୍ୟକାମ ଚିଦାନନ୍ଦ ମହାନ୍ତି। ଘର କଟକ ଜଗତପୁର ବୋଲି ଜଣା ପଡିଛି । ଏବିଏ ଡିଗ୍ରୀ ଧାରୀ ଜଣକ କୋଲକାତାର ରଶ୍ମି ମେଟାଲିକ ଲିମିଟେଡର ଓଡିଶା ଶାଖା ମୁଖ୍ୟ ଭାବରେ କାର୍ଯ୍ୟରତ ଥିବାର ତଦନ୍ତ ବେଳେ ଜଣା ପଡିଛି। ଏହା ସହ ପୁରୀ ଜିଲ୍ଲାର ବାମଦେଇ ପୁର ଗ୍ରାମରୁ ୪୦ଚୋରା ପାଣି ପାଇପ୍ ଜବତ କରିଛି ଟାଙ୍ଗି ପୋଲିସ । ଏହା ସହ ଗୋଟିଏ ମାରୁତି ଡିଜାୟାର କାର୍ ,୨ଟି ରବର ଷ୍ଟାମ୍ପ, ୧୦ଟି ବନ୍ଦ ଲଫାପା, ଗୋଟିଏ ଟ୍ରାନସପୋର୍ଟି ସଂସ୍ଥାର କାଗଜ ପତ୍ର ,୫ଟା ମୋବାଇଲ ଫୋନ୍ ଗୋଟିଏ




ଲାପଟପ୍ ଓ ଗୋଟିଏ ପେନ୍ ଡ୍ରାଇଭ ଜବତ କରିଛି ଟାଙ୍ଗୀ ପୋଲିସ୍ ଗିରଫ ଡକାୟତଙ୍ଗ ମାଷ୍ଟର ମାଇଣ୍ଡ ସତ୍ୟକାମ ଚିଦାନନ୍ଦ ମହାନ୍ତି, ଘର ଜଗତ୍ ପୁର କଟକରେ ହୋଇଥିବା ବେଳେ ଶୁସାନ୍ତ କୁମାର ମହାରଣା ଘର ପୁରୀ ଜିଲ୍ଲାର କଣ୍ଟପୁର ହୋଇଥିବା ସୂଚନା ମିଳିଛି। ବିରେନ୍ କୁମାର ମହାନ୍ତି ଘର ହାସିନ୍ ପୁର ଜିଲ୍ଲା ପୁରୀ, ଶ୍ରୀନିବାସ ମହାରଣା , ସୂର୍ଯ୍ୟାକାନ୍ତ ମହାରଣା ଉଭୟଙ୍କ ଘର ପୁରୀ ଜିଲ୍ଲାର କଣାସ ବ୍ଲକ ଜଳିଆ ପଡା ବୋଲି ସୂଚନା ମିଳିଛି। ଟାଙ୍ଗୀ ଥାନା କେଶ୍ ନଂ ୨୦୭/୨୨ମାମଲା ରୁଜୁ କରାଯାଇଛି। ଗତ ୨ଦିନ ତଳେ ଟାଙ୍ଗୀ କଲେଜ୍ ପଡିଆରୁ ଓ ଦୀକ୍ଷିତପଡା ଗ୍ରାମରୁ ପାଣି ପାଇପ୍ ଲୁଟ୍ ହୋଇଥିଲା ଗ୍ରାମ୍ୟ ଜଳ ଯୋଗାଣ ପାଇଁ ମୋଟାରୁ ଲୁହାର ପାଇପ୍ ବ୍ୟବହାର କରାଯାଇଛି। ଯାହାକୁ ଚୋରି କରିନେଇଥିଲେ ଏହି ଲୁଟେରା ମାନେ । ଆଜିକୁ ମିଶାଇ ମୋଟ ୧୩ଜଣ ଙ୍କୁ ଗିରଫ କରିଛି ପୋଲିସ । ଏ ନେଇ ଟାଙ୍ଗୀ ଥାନାରେ ବାଲୁଗାଁ ସଡିପିଓ ମାନଓ ବାରିକ ପ୍ରେସ୍ ମିଟ୍ କରି ଡକାୟତି ଘଟଣାରେ ଖୁଲାସା କରିଛନ୍ତି।

# ଭୁବନେଶ୍ୱରରେ ଜାଲ୍ ନୋଟ୍

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ବ୍ୟାଙ୍କ୍‌ରୁ ମିଳିଲା ଜାଲ୍ ନୋଟ୍। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି। ଘଟଣା ଘଟିଛି ଏଚ୍‌ଡିଏଫ୍‌ସି ବ୍ୟାଙ୍କର ବାପୁଜୀନଗର ଶାଖାରେ। କ୍ୟାପିଟାଲ୍ ଥାନାରେ ବ୍ୟାଙ୍କ ଅଧିକାରୀ ମାନସ ରଞ୍ଜନ ମହାପାତ୍ରଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ବ୍ୟାଙ୍କରେ ଟଙ୍କା ରଖା ଯାଇଥିବା ଚେଷ୍ଟ ଯାଞ୍ଚ ସମୟରେ ୧୬ଟି ୫ ଶହ ଟଙ୍କିଆ ନୋଟ୍ ମିଳିଥିଲା। ବ୍ୟାଙ୍କ କର୍ତ୍ତୃପକ୍ଷ ଏ ନେଇ ଯାଞ୍ଚ କରିବା ପରେ ନୋଟ୍‌ଗୁଡିକ



ଜାଲ୍ ବୋଲି ଜଣାପଡିଥିଲା। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅବଗତ କରାଯାଇଥିଲା। ଏହାପରେ କ୍ୟାପିଟାଲ ଥାନାରେ ଗତକାଲି ଅଭିଯୋଗ ହୋଇଥିଲା।

ପୋଲିସ୍ କେସ୍ ନଂ-୨୫୦/୨୨ ଏବଂ ଆଇପିସି ଦଫା-୪୯୮(ବି)ରେ ମାମଲା ରୁଜୁ କରିଛି। ଏହି ନୋଟ୍ କେହି ଗ୍ରାହକ ଜମା କରିଥିବା ସନ୍ଦେହ କରାଯାଉଛି। କିଏ ଜମା କରିଛି ତାହା ଜାଣିବା ବ୍ୟାଙ୍କ ପକ୍ଷରୁ କଷ୍ଟକର ହୋଇପଡିଛି। ପୋଲିସ୍ ଘଟଣାର ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ପ୍ରାୟ ଦୁଇ ମାସ ତଳେ ଖାରବେଳନଗର ଥାନା ପୋଲିସ୍ ଏକ ବଡଧରଣର ଜାଲ୍ ନୋଟ୍ ର୍ୟାକେଟ୍ ଠାବ କରିଥିଲା। ସେମାନଙ୍କ ଠାରୁ ବିପୁଳ ପରିମାଣର ଟଙ୍କା ଜବତ କରାଯାଇଥିଲା।

# ମଧୁମେହ ରୋଗୀ ଖାଆନ୍ତୁ ଏହି ୫ଟି ଜିନିଷ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆଜିର ଜୀବନ ଚର୍ଯ୍ୟାରେ ଯୋଡି ହୋଇଥିବା ମଧୁମେହ ଗୋଟିଏ ଏପରି ରୋଗ ଯାହା କୁ ନେଇ ପ୍ରାୟ ସମସ୍ତେ ଚିନ୍ତିତ। ତେଣୁ ନିକଟରେ ଗବେଷକ ଙ୍କ ଦ୍ୱାରା ହୋଇଥିବା ଗୋଟିଏ ଅଧ୍ୟୟନ ଅନୁସାରେ ଏପରି କିଛି ଜୁସ ରହିଛି ଯାହାକୁ ସେବନ କରିବା ଦ୍ୱାରା ରକ୍ତ ଶର୍କରା ନିୟନ୍ତ୍ରିତ

## ହାର୍ଟ ରହିବ ସୁସ୍ଥ

ହୋଇଥାଏ। ମଧୁମେହ ରେ ସେହିସବୁ ଜିନିଷକୁ ଖାଇବା ଆବଶ୍ୟକ ଯାହାକୁ ଖାଲି ପେଟରେ ସେବନ କରିବା ଦ୍ୱାରା ରକ୍ତଶର୍କରା ଅଚାନକ ବୃଦ୍ଧି ପାଇ ନଥାଏ।

ଜାମୁକୋଳି ଜୁସ ; ଜାମୁକୋଳି ଜୁସ ସକାଳୁ ଖାଲି ପେଟରେ ସେବନ କରିବା ଖୁବ ହିତକର । ଜାମୁକୋଳି ଇନ୍ସୁଲିନ କୁ ବଢାଇ ରକ୍ତ ଶର୍କରା କୁ କମାଇବାରେ ସାହାଯ୍ୟ କରିଥାଏ। ଜାମୁକୋଳି ଜୁସ ଜାମୁକୋଳି ରୋ ଭରପୁର ହୋଇଥିବା କାରଣରୁ ମେଟାବୋଲିଯିମ ଦ୍ରୁତ କରିଥାଏ ଓ ମଧୁମେହ ରୋଗୀଙ୍କୁ ସୁସ୍ଥ ରଖିଥାଏ।



ଅଙ୍କୁରିତ ମେଥି ; ଅଙ୍କୁରିତ ମେଥି ସୁଗାର କୁ ନିୟନ୍ତ୍ରିତ କରିବାରେ ସାହାଯ୍ୟ କରିଥାଏ । ଅଙ୍କୁରିତ ମେଥିରେ ଫାଇବାର ବ୍ଲଡ ସୁଗାର ସ୍ତର କୁ ନିୟନ୍ତ୍ରିତ କରିବାରେ ସାହାଯ୍ୟ କରିଥାଏ । ସକାଳୁ କରିଥାଏ ସକାଳୁ ଆପଣ ଏହାକୁ ଖାଲିପେଟରେ ସେବନ କରି ପାରିବେ।

ଡାଲିଚୀନୀ ଚା ;ଡାଲିଚୀନୀ ଚାବ୍ଲଡ ସୁଗାର କୁ ନିୟନ୍ତ୍ରିତ କରିବାରେ ସାହାର୍ଯ୍ୟ କରିଥାଏ। ଡାଲିଚୀନୀ ରେ ପଲିଫିନାଲିକସ ରହିଥାଏ ଯାହା ବ୍ଲଡ ସୁଗାର କୁ କମ କରିବାରେ ସାହାଯ୍ୟ କରିଥାଏ ତା ସହିତ କୋଷ୍ଟ୍ରେଲ କୁ ମଧ୍ୟ ନିୟନ୍ତ୍ରିତ କରିଥାଏ।

ଛୁଆଁଗା ପାତ୍ରରେ ଥିବା ଅର୍କ ସୁଗାର ଲେବୁଲ କୁ ନିୟନ୍ତ୍ରିତ କରିଥାଏ । ଏହା ଇନ୍ସୁଲିନ କୁ ଆକ୍ଟିଭ କରି ଏହାର ପ୍ରଡକ୍ସନ କୁ ବୃଦ୍ଧି କରିଥାଏ ତେଣୁ ସକାଳୁ ଖାଲି ପେଟରେ କିଛିଟା ପତ୍ର ସେବନ କରିବା ଦ୍ୱାରା ମିଳିଥାଏ ଅଦ୍ଭୁତ ଲାଭ।

ଅମୃତ ଭଣ୍ଡା ; ଅମୃତଭଣ୍ଡା ପେଟ ପାଇଁ ଖୁବ ହିତକର । ଏଥିରେ ଫାଇବର ରହିଥାଏ । ତେଣୁ ପେଟ ସୁସ୍ଥ ରଖିବା ସହିତ ମେଟାବୋଲିଯିମ ସ୍ତରକୁ ବୃଦ୍ଧି କରିଥାଏ। ଯେତେବେଳେ ଆପଣଙ୍କ ପାଚନ କ୍ରିୟା ଠିକ ରହିଥାଏ ସେତେବେଳେ ଇନ୍ସୁଲିନ ସ୍ତର ମଧ୍ୟ ଠିକ ରହିଥାଏ।

# କଦଳୀ ଖାଇବାର ସଠିକ ସମୟ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-**କଦଳୀ ଖାଇବାର ସଠିକ ସମୟ ରହିଛି। ଏହାକୁ ଖାଲି ପେଟରେ ଖାଇବା ଆଦୌ ଉଚିତ ନୁହେଁ। ନଚେତ ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ ଜାଣନ୍ତୁ... ଅଧିକାଂଶ ଲୋକେ ରାତିରେ ଶୋଇବା ପୂର୍ବକୁ କଦଳୀ ଖାଇଥାଆନ୍ତି। ମାତ୍ର ରାତିରେ ଖାଇବା ଦ୍ୱାରା ଆପଣ ଅସୁସ୍ଥ ହେବା ସହ କାଶ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ। କଦଳୀରେ ପୋଟାସିୟମ, ଫାଇବର ଏବଂ ମାଗ୍ନେସିୟମ



ପ୍ରଚୁର ପରିମାଣରେ ରହିଛି। ମାତ୍ର ଏଥିରେ ଏସିଡିକ ଅମ୍ଳଯୁକ୍ତ ରହିଛି। ବିଶେଷଜ୍ଞଙ୍କ ମତରେ ଖାଲି ପେଟରେ ଅମ୍ଳଯୁକ୍ତ ଖାଦ୍ୟ ଖାଇବା ସସ୍ଥ୍ୟ ପାଇଁ କ୍ଷତିକାରକ ଏହା ହଜମ ପ୍ରକ୍ରିୟାରେ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଖାଲି ପେଟରେ କଦଳୀ ଖାଇବା ଉଚିତ ନୁହେଁ। କଦଳୀରେ ପୋଟାସିୟମ ଏବଂ ମାଗ୍ନେସିୟମ ଅଧିକ ମାତ୍ରାରେ ଥିବାରୁ ଏହାକୁ ଖାଲିପେଟରେ ଖାଇବା ଦ୍ୱାରା ରକ୍ତରେ ଉଭୟରେ ପୋଷକ ତତ୍ତ୍ୱ ଅଧିକ ହୋଇଥାଏ। ଯାହା ହୃଦୟ ପାଇଁ ସମସ୍ୟା ସୃଷ୍ଟି କରିଥାଏ । କଦଳୀ ଖାଇବା ଦ୍ୱାରା ସ୍ୱାସ୍ଥ୍ୟକୁ ଶକ୍ତି ମିଳିଥାଏ। ଖାଲି ପେଟରେ ଏହାକୁ ଖାଇବା ଦ୍ୱାରା ଅଳ୍ପ ସମୟ ମଧ୍ୟରେ ହାଲିଆ ଅନୁଭବ କରିବେ । ମାତ୍ର ଖାଦ୍ୟ ଖାଇବା ପରେ ଏହାର ସେବନ କରିବା ଦ୍ୱାରା ଦିନଯାକ ଥକ୍କାପଣ ଅନୁଭବ ହୋଇନଥାଏ।

# ଅକ୍ଷୟ ତୃତୀୟରେ କରନ୍ତୁନି ଏହି ଭୁଲ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଅକ୍ଷୟ ତୃତୀୟା ପର୍ବ ଚଳିତ ବର୍ଷ ମେ ୩ତାରିଖ ଦିନ ପାଳନ କରାଯିବ। ଏହି ପର୍ବ ବୈଶାଖ ମାସର ଶୁକ୍ଲା ପକ୍ଷର ତୃତୀୟରେ ପାଳନ କରାଯାଏ। ଏହି ଦିନ ବିବାହ , ଶୁଭ କାମ ସପିଂ ପାଇଁ ଏକ ଶୁଭ ସମୟ ଅଛି ଏହି ଦିନ କରାଯାଇଥିବା ଶୁଭ କାର୍ଯ୍ୟ ଜୀବନରେ ସୁଖ ଓ ସମୃଦ୍ଧତା ଆଣିଥାଏ ଏବଂ ଅନେକ ଲାଭ ଦେଇଥାଏ ତେଣୁ ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଅକ୍ଷୟ ତୃତୀୟା ଅତ୍ୟନ୍ତ ସତନ୍ତ୍ର ବୋଲି ବିବେଚନା କରାଯାଏ। ଏହା ସହିତ ଅକ୍ଷୟ ତୃତୀୟାରେ କିଛି କାମ କରିବାକୁ ମଧ୍ୟ ବାରଣ କରାଯାଇଛି।

ଅକ୍ଷୟ ତୃତୀୟାରେ ଏହି କାମ କରନ୍ତୁ ନାହିଁ ।ଏହି ଦିନ ବହୁତ ଶୁଭ ଦିନ ଭାବରେ ବିବେଚନା କରାଯାଏ , ତେଣୁ ଏହି ଦିନ ସେପରି କୌଣସି କାର୍ଯ୍ୟକରିବା ଉଚିତ ନୁହେଁ, ଯାହା ଅପ୍ରାକୃତିକ ଭାବରେ ବିବେଚନା କରାଯାଏ। ଏହି ଦିନ ଖାଲି ହାତରେ ଘରକୁ ଆସନ୍ତୁ ନାହିଁ। କିଛି କିଣିବାକୁ ଚେଷ୍ଟା କରନ୍ତୁ। ଯଦି ତୁମେ ସୁନା ଓ ରୂପା କିଣି ପାରିବ ନାହିଁ, ତେବେ ହେବାର ଆବଶ୍ୟକତା ନାହିଁ ଆପଣ ଏହି ଦିନ



ବାର୍ଲି ମାଟିପାତ୍ର, ପାରିବା ନାହିଁ। ତେବେ ନିରାଶ ହେବାର ଆବଶ୍ୟକତା ନାହିଁ ଆପଣ ଏହି ଦିନ ବାର୍ଲି ମାଟିପାତ୍ର ପିତ୍ତଳ ଇତ୍ୟାଦି କିଣି ପାରିବେ। ସେମାନଙ୍କର କ୍ରୟ ମଧ୍ୟ ବହୁତ ଶୁଭ ବୋଲି ବିବେଚନା କରାଯାଏ। ଅକ୍ଷୟ ତୃତୀୟ ଦିନ ମାତା ଲକ୍ଷୀ ଏବଂ ଭଗବାନ ବିଷ୍ଣୁଙ୍କୁ ପୂଜା କରାଯାଏ। ପୂଜାରେ ଭଗବାନ ବିଷ୍ଣୁଙ୍କୁ ତୁଳସୀ ଅର୍ପଣ କରନ୍ତୁ , କିନ୍ତୁ ମନେରଖନ୍ତୁ ଯେ ତୁଳସୀକୁ ନଖରେ ଭାଙ୍ଗନ୍ତୁ ନାହିଁ କିମ୍ବା ଗାଧୋଇବା ବିନା ସ୍ପର୍ଶକରନ୍ତୁ ନାହିଁ।

ଅକ୍ଷୟ ତୃତୀୟା ଦିନ ଦେବୀ ଲକ୍ଷ୍ମୀ ଏବଂ ଭଗବାନ ବିଷ୍ଣୁଙ୍କୁ ପୂଜା କରାଯାଏ। ପୂଜାରେ ଭଗବାନ କରିବାରେ ଭୁଲ କରନ୍ତୁ ନାହିଁ। ସେମାନଙ୍କୁ ଏକତ୍ର ପୂଜା କରା ନଚେତ ସେମାନଙ୍କର ଅସନ୍ତୋଷ ଜୀବନକୁ ନଷ୍ଟ କରିପାରେ । ଅକ୍ଷୟ ତୃତୀୟ ଦିନ ଆମିଷ ଖାଦ୍ୟ ଖାଆନ୍ତୁ ନାହିଁ, ନାହିଁ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତୁ । କାହା ପାଇଁ ଖରାପ ଚିନ୍ତାଧାରା ଆଣନ୍ତୁ ନାହିଁ। ଏହି ଦିନ ଦାନ କରନ୍ତୁ। ବିଶେଷକରି ଯଦି ଜଣେ ଗରିବ ଲୋକ କିଛି ଲୋକ କିଛି ମାଗନ୍ତି ତେବେ ତାଙ୍କୁ କିଛି ଖାଦ୍ୟ, ପୋଷାକ , ଟଙ୍କା ଦାନ କରନ୍ତୁ।

# ଗରମ ଦିନରେ ଖାଆନ୍ତୁ ଆମ୍ବ ଚଟଣୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବର୍ତ୍ତମାନ ଆମ୍ବର ଋତୁ ଚାଲିଛି। କଂଚା ଆମ୍ବ ହେଉ ଅବା ପାଚିଲା ଆମ୍ବ ପାଚିଲା ଆମ୍ବ , ଗରମ ଦିନ ଆରମ୍ଭ ହୋଇଗଲେ ପ୍ରତି ଘରେ ଆମ୍ବ ଦେଖିବାକୁ ମିଳିଥାଏ ଖାଦ୍ୟ ସହିତ ଆମ୍ବ ଚଟଣୀ ଖାଇବାକୁ ସ୍ୱାଦକୁ ବଢାଇଦେଇଥାଏ। ଆପଣ ଯଦି ଏହି ପ୍ରକାରରେ ଆମ୍ବ ଚଟଣୀ କରିବା ପାଇଁ ପ୍ରଥମେ କଢେଇରେ ତେଲ ଗରମ କରି ସେଥିରେ ସୋରିଷ, ଜିରା ପାନମଧୁରୀ , ମେଥି କଳାଜିରା ଏବଂ ଟିକେ ହେଙ୍ଗୁ ପକାଇ ଦିଅନ୍ତୁ। ଏହି ସବୁ ମସଲା ବାସ୍ନା ହେବା ପରେ ସେଥିରେ କଂଚା



ଆମ୍ବକୁ ପକାଇ ୨ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ । ଏବେ ସେଥିରେ ହଳଦୀ , ଲଙ୍କା , ଅଦା ଏବଂ ସ୍ୱାଦନୁସାରେ ଲୁଣ ପକାଇ ଗୋଟେ ମିନିଟ୍ ପର୍ଯ୍ୟନ୍ତ ଭଜନ୍ତୁ ଏବେ ଏଥିରେ ଏକ କପ ପାଣି ଦେଇ ଆମ୍ବ ନରମ୍ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଏଥିରେ ଗୁଡ ପକାଇ ୧୦ମିନିଟ୍ ପର୍ଯ୍ୟନ୍ତ ଆମ୍ବ ଚଟଣୀ କରିବା ପାଇଁ ପ୍ରଥମେ କଢେଇରେ ତେଲ ଗରମ କରି ସେଥିରେ ସୋରିଷ ଜିରା ପାନମଧୁରୀ ଏବଂ ଟିକେ ପକାଇ ଦିଅନ୍ତୁ । ଏହି ସବୁ ମସଲା ବାସ୍ନା ହେବା ପରେ ସେଥିରେ କଂଚା ଆମ୍ବକୁ ପକାଇ ୨ମିନିଟ ପର୍ଯ୍ୟନ୍ତ ଭାଜନ୍ତୁ ଏବେ ସେଥିରେ ହଳଦୀ, ଲଙ୍କା , ଅଦା ଏବଂ ସ୍ୱାଦନସାରେ ଲୁଣ ପକାଇ ଗୋଟେ ମିନିଟ ପର୍ଯ୍ୟନ୍ତୁ ଭାଜନ୍ତୁ। ଏବେ ଏଥିରେ ଏକ କପ ପାଣି ଦେଇ ଆମ୍ବ ନରମ ହେବା ପର୍ଯ୍ୟନ୍ତୁ ଅପେକ୍ଷା କରନ୍ତୁ। ଏଥିରେ ଗୁଡ ପକାଇ ୧୦ମିନିଟ୍ ପର୍ଯ୍ୟନ୍ତ ଆଂଚରେ ବସାଇଦିଅନ୍ତୁ । ଏବେ ଏହା ଗାଢା ହୋଇଗଲା ପରେ ସେଥିରେ ଗରମ ମସଲା ଚିଲି ଫ୍ଲେକ୍ ପକାଇ ଖାଇପାରିବେ।

# ଶ୍ରମିକ ପାଇବେ ପେନ୍‌ସନ୍

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କେନ୍ଦ୍ର ସରକାର ଏବେ ଶ୍ରମିକମାନଙ୍କୁ ପେନସନ୍ ସୁବିଧା ଯୋଗାଇବେ ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନା ଅସଂଗଠିତ କ୍ଷେତ୍ର ସହିତ ଜଡିତ ଲୋକଙ୍କୁ ସେମାନଙ୍କର ବୃଦ୍ଧାବସ୍ଥା ସୁରକ୍ଷିତ ରଖିବାରେ ସାହାଯ୍ୟ ମିଳିବ। ସରକାର ଏହି ଯୋଜନା

**ମୋଦୀ ସରକାରଙ୍କ ଯୋଜନା**

ଅଧନରେ ପେନସନର ଗ୍ୟାରେଣ୍ଟି ଦେଇଛନ୍ତି। ଏହି ଯୋଜନାରେ ଦିନକୁ ମାତ୍ର ୨ଟଙ୍କା ସଂଚୟ କରି ଆପଣ ବାର୍ଷିକ ୩୬୦୦୦ଟଙ୍କା ପେନସନ୍ ପାଇପାରିବେ ଏହି ଯୋଜନା ଆରମ୍ଭ କଲେ ଆପଣଙ୍କୁ ପ୍ରତି ମାସରେ ୫୫ଟଙ୍କା ଜମା କରିବାକୁ ପଡିବ। ଅର୍ଥାତ୍ ୧୮ବର୍ଷ ବୟସରୁ ଦିନକୁ ପ୍ରାୟ ୨ଟଙ୍କା ସଂଚୟ କରି ଆପଣ ବାର୍ଷିକ ୩୬୦୦୦ଟଙ୍କା ପେନସନ୍ ମିଳିବା ଆରମ୍ଭ ହେବ। ୬୦ବର୍ଷ ପରେ ଆପଣଙ୍କୁ ପ୍ରତି ମାସରେ ୩୦୦୦ଟଙ୍କା ଅର୍ଥାତ୍ ବର୍ଷକୁ ୩୬୦୦୦ଟଙ୍କା ପେନ୍‌ସନ୍ ମିଳିବ। ଏହି ଯୋଜନାର ଲାଭ ଉଠାଇବାକୁ ଆପଣଙ୍କ ପାଖରେ




ଏକ ସେଭିଂ ବ୍ୟାଙ୍କ ଆକାଉଣ୍ଟ ଓ ଆଧାର କାର୍ଡ ଥିବା ଆବଶ୍ୟକ। ବ୍ୟକ୍ତିର ବୟସ ୧୮ବର୍ଷରୁ ଅଧିକ ଓ ୪୦ବର୍ଷରୁ କମ୍ ହେବା ଆବଶ୍ୟକ। ଏହି ଯୋଜନା ପାଇଁ ଆବେଦନ କରୁଥିବା ବ୍ୟକ୍ତିଙ୍କ ପାଖରେ ଏକ ସେଭିଂ ବ୍ୟାଙ୍କ ଆକାଉଣ୍ଟ ଓ ଆଧାର କାର୍ଡ ଥିବା ଆବଶ୍ୟକ।ବ୍ୟକ୍ତି ର ବୟସ ୧୮ବର୍ଷରୁ ଅଧିକ ଓ ୪୦ବର୍ଷରୁ କମ୍ ହେବା ଆବଶ୍ୟକ। ଏହି ଯୋଜନା ପାଇଁ ଆବେଦନ କରୁଥିବା ବ୍ୟକ୍ତିଙ୍କ ମାସିକ ଆୟ ୧୫ହଜାର ଟଙ୍କାରୁ କମ୍ ହେବା ଉଚିତ୍ ଭିଜିଲାନ୍ସ ଜାଲରେ ପଡିଲେ ଏଏସଆଇ ଲାଂଚ ନେବା ଉଚ୍ଚଶିକ୍ଷିତ ସିରିଅଲ କିଲର ; ଓକିଲାତି ପାଠପଢି କିପରି କରିବେ ପଞ୍ଜିକରଣ ଏଥିପାଇଁ ଆପଣଙ୍କୁ ସାଧାରଣ ସେବା କେନ୍ଦ୍ର ରେ ଏହି ଯୋଜନା ପାଇଁ ପଞ୍ଜିକରଣ କରିବାକୁ ପଡିବ । **ଶ୍ରମିକମାନେ ସିଏସସି କେନ୍ଦ୍ରରେ ପୋର୍ଟାଲରେ ଶ୍ରମିକ ନିଜକୁ ପଞ୍ଜୀକୃତ କରିପାରିବେ।**

ସରକାର ଏହି ଯୋଜନା ପାଇଁ ଏକ ଓ୍ୱେବ୍ ପୋର୍ଟାଲ୍ କରିଛନ୍ତି।

ଏହି ସେଣ୍ଟର ମାଧ୍ୟମ ପାଇଁ ସରକାର ଶ୍ରମ ବିଭାଗ, ଏଲଆଇସି , ଇପିଏଫଓ କାର୍ଯ୍ୟାଳୟକୁ ଶ୍ରମିକ ସୁବିଧା କେନ୍ଦ୍ର ଭାବରେ ପରିଣତ କରିଛନ୍ତି। ଏଠାକୁ ଯାଇ ଶ୍ରମିକମାନେ ଏହି ଯୋଜନା ବିଷୟରେ ସୂଚନା ପାଇପାରିବେ। ଏହି ଯୋଜନା ପାଇଁ ସରକାର ଟୋଲ ଫ୍ରି ନମ୍ବର ୧୮୦୦୨୬୭୬୮୮୮ଜାରି କରିଛନ୍ତି। ଏହି ନମ୍ବରକୁ କଲ କରି ଆପଣ ଯୋଜନା ବିଷୟରେ ସୂଚନା ମଧ୍ୟ ପାଇପାରିବେ।

# ଏସ୍‌ସିବିରୁ ଯୁବତୀ ନିଖୋଜ

**ହାଟଡିହି(ସଂପର୍କବାର୍ତ୍ତା):-** ମା'କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ନେଇ ଯାଇଥିବା ଜଣେ ଯୁବତୀ ସେଠାରୁ ନିଖୋଜ ହୋଇଯାଇଛନ୍ତି। ଏ ନେଇ ଯୁବତୀଙ୍କ ବାପା କଟକ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ହାଟଡିହି ବ୍ଲକ୍ ସରମଙ୍ଗା ଗ୍ରାମର ବାବନ ଚରଣ ସେଠୀଙ୍କ ପତ୍ନୀ ରଙ୍ଗଲତା ସେଠୀଙ୍କ ଦେହ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ୨୫ ତାରିଖରେ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ସହ ସ୍ୱାମୀ ବାବନ ଓ ଝିଅ ସାବିତ୍ରୀ(୨୫) କଟକ ଯାଇଥିଲେ। ଝିଅ ସାବିତ୍ରୀ ମାନସିକ ନ୍ୟୁନ ହୋଇଥିବାରୁ ସେ ମା'ଙ୍କ ପାଖରେ ରହୁଥିଲେ। ବାପା ବାବନ ବାହାରକୁ ଯାଇ ଔଷଧପତ୍ର ଆଣୁଥିଲେ। ୨୬ ତାରିଖରେ ବାବନ ଡିଏମ୍‌ଏଫ୍




ସଞ୍ଜୀବନୀ ଅର୍ଥ ଆଣିବା ପାଇଁ ଆସି ଫେରିବାବେଳକୁ ସ୍ତ୍ରୀ ପାଖରେ ଝିଅକୁ ପାଇ ନ ଥିଲେ। ଅନେକ ଖୋଜାଖୋଜି କରିବା ପରେ ତାଙ୍କର କୌଣସି ସନ୍ଧାନ ନ ପାଇବାରୁ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି।

# କନ୍ଧମାଳରେ ପୋଲିସ୍‌ର ଜନ ସମ୍ପର୍କ



**ବାଲିଗୁଡା(ସଂପର୍କବାର୍ତ୍ତା):-** କନ୍ଧମାନ ଜିଲ୍ଲା ବାଲିଗୁଡା ଥାନା ଅଂଚଳ ବାରଖମା ଫାଣ୍ଡିର ସଲାଗୁଡା ପଂଚାୟତ ଏକ ମାଓ ଅଧୁଷିତ ଅଚଳ । ପୁଲିସ ଓ ସାଧାରଣ ଜନତା ସହ ସୁସମ୍ପର୍କ ସ୍ଥାପନ ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏହି ଶିବିରେ ଛୋଟ ଛୋଟ ସ୍କୁଲ ପଢା ପିଲାଙ୍କ ଠାରୁ ଆରମ୍ଭକରି ବୟସ୍କ ବୃଦ୍ଧା ବୃଦ୍ଧଙ୍କ ପାଇଁ ଓ ଗାଁର ଯୁବ ଗୋଷ୍ଠୀଙ୍କୁ ସ୍କୁଲ ବ୍ୟାଗ ପେନସିଲ , ରବର ମସୁଲି ଭଲିବଲ,ନେଟ ବାଦ୍ୟଯନ୍ତ୍ର ଇତ୍ୟାଦି ବଣ୍ଟନ

**ଅନ୍ୟ ଜିଲ୍ଲା ସବୁ ଶିଖନ୍ତୁ !**

କରାଯାଇଥିଲା ଏହି ଶିବିରରେ ବାଲିଗୁଡା ପୁଲିସ ଏସ୍, ଡି,ପିଓ ଜି ଆର, ରେଡି ଥାନା ଭାରପ୍ରାପ୍ତ ଅଧିକାରୀ ବାବା ଶଙ୍କର ସରାଫ୍ ଙ୍କ ସହ ଫାଣ୍ଡି ଅଧିକାରୀ ଲଳିତ ସାଗର ପ୍ରମୁଖ ଉପସ୍ଥିତ ଥିଲେ।

# ବଦଳିବ ପୁରୁଣା ଗାଡିର ନମ୍ବର ପ୍ଲେଟ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସମଗ୍ର ଦେଶରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍(ଏଚ୍‌ଏସ୍‌ଆର୍‌ପି) ଲଗାଇବାକୁ ରାଜ୍ୟଗୁଡିକୁ ପରାମର୍ଶ ଦେଇଛନ୍ତି। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୮ରେ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଓଡ଼ିଶାରେ ୨୦୧୯ ମେ ପହିଲାରୁ ନୂତନ ଗାଡିରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲାଗିବା ଆରମ୍ଭ ହୋଇଛି। ତେବେ ପୁରୁଣା ଗାଡିରେ ଏହି ନମ୍ବର ପ୍ଲେଟ ଲଗାଇବା ବ୍ୟବସ୍ଥା ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ଦେଶର ସୁରକ୍ଷା ସହ ଜଡିତ ଥିବାରୁ ସମସ୍ତ ଗାଡିରେ ଏଚ୍‌ଏସ୍‌ଆର୍‌ପି ଲଗାଇବାକୁ କେନ୍ଦ୍ର ସରକାର ରାଜ୍ୟଗୁଡିକୁ ଅନୁରୋଧ କରିଛନ୍ତି। ରାଜ୍ୟରେ ଖୁବ୍ ଶୀଘ୍ର ପୁରୁଣା ଗାଡିରେ ଏଚ୍‌ଏସ୍‌ଆର୍‌ପି ଲଗାଇବା ପାଇଁ ରାଜ୍ୟ ସରକାର ଏକ ନିର୍ଦ୍ଧାରିତ ଦର ଧାର୍ଯ୍ୟ କରିବେ। ଆସନ୍ତା ମେ ୬ ତାରିଖରେ ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ନେଇ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜଣାପଡିଛି। ଗାଡି କିଣିବା ସମୟରେ ଏଚ୍‌ଏସ୍‌ଆର୍‌ପି ଲାଗିକରି ଆସିବ। ବିନା ନମ୍ବରରେ କୌଣସି ନୂତନ ଯାନ ରାସ୍ତାରେ ଦୌଡିପାରିବ ନାହିଁ। ଏଥିପାଇଁ ଗାଡିମାଲିକଙ୍କୁ ଜୋରିମାନା ଦେବାକୁ ପଡିବ। ତେବେ ଏହି ଉଚ୍ଚ ସୁରକ୍ଷା ସଂପନ୍ନ ନମ୍ବର ପ୍ଲେଟକୁ କୌଣସି ପରିସ୍ଥିତିରେ ରଖାଯାଇପାରିବ ନାହିଁ। ଖୋଲିବା ମାତ୍ରେ ତାହା ନଷ୍ଟ ହୋଇଯିବ। ଏହା ଛଡା ଏହି ନମ୍ବର ପ୍ଲେଟ୍‌ରେ ଥିବା ବାର୍‌କୋଡ୍ ପରିବହନ କାର୍ଯ୍ୟାଳୟର 'ବାହାନ' ସଫ୍ଟଓ୍ୱେର ସହିତ ଯୋଡି ହୋଇ ରହିବ। ନମ୍ବର ପ୍ଲେଟ ପରିବର୍ତ୍ତନ କଲେ ନିକଟସ୍ଥ ପରିବହନ କାର୍ଯ୍ୟାଳୟକୁ ମାଲିକଙ୍କ ବିଷୟରେ ସମସ୍ତ ସୂଚନା ମିଳିପାରିବ। ଦେଶର ସୁରକ୍ଷା ଦୃଷ୍ଟିରୁ କେନ୍ଦ୍ର ସରକାର ସମଗ୍ର ଦେଶରେ ଏହି ବ୍ୟବସ୍ଥା ଲାଗୁ କରିଛନ୍ତି। କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ ରାସ୍ତା ଗବେଷଣା ପ୍ରତିଷ୍ଠାନ(ସିଆର୍‌ଆର୍‌ଆଇ) ଠାରୁ ସାର୍ଟିଫିକେଟ୍ ପାଇଥିବା ରାଜ୍ୟ ବାହାରର୨୧ଟି ଭେଣ୍ଡର ନୂତନ ନମ୍ବର ପ୍ଲେଟ ଯୋଗାଉଛନ୍ତି। ଶୋ'ରୁମ୍ ମାଲିକମାନେ ଗାଡି କିଣୁଥିବା ଲୋକଙ୍କଠାରୁ ନମ୍ବର ପ୍ଲେଟ୍ ବାବଦ ଅର୍ଥ ଅସୁଲ କରୁଛନ୍ତି। ବିନା ନମ୍ବର ପ୍ଲେଟ୍‌ରେ ନୂଆ ଗାଡି ଶୋ'ରୁମ୍ ବାହାରକୁ ନ ଛାଡିବାକୁ ଡିଲରମାନଙ୍କୁ କଡା ନିର୍ଦ୍ଦେଶ ଦିଆଯାଇଛି। ପୁରୁଣା ଗାଡି ମାଲିକ ପଞ୍ଜୀକୃତ ଭେଣ୍ଡରଙ୍କଠାରୁ ନୂଆ ନମ୍ବର ପ୍ଲେଟ ଲଗାଇବେ। ଯଦି ଗାଡିରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲାଗି ନଥିବ ତେବେ ମୋଟର ଯାନ ଆଇନ ଅନୁଯାୟୀ ଗାଡିମାଲିକଙ୍କ ଠାରୁ ଜରିମାନା ଆଦାୟ କରାଯିବ। ପୁରୁଣା ଗାଡିରେ ଲାଗିବାକୁ ଥିବା ନମ୍ବର ପ୍ଲେଟ ବାବଦରେ ଭେଣ୍ଡରମାନେ କେତେ ଟଙ୍କା ନେବେ ତାହା ଉକ୍ତ ବୈଠକରେ ସ୍ଥିର କରାଯିବ ବୋଲି ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କୌଣସି ଯାନବାହାନ ମାଲିକ ଗାଡିରେ ଫ୍ୟାନ୍ସି ନମ୍ବର ଲଗାଇ ପାରିବେ ନାହିଁ।

# ନିର୍ଲଜ ପୋଲିସ୍ ବାବୁ

**ସରହସା(ସଂପର୍କବାର୍ତ୍ତା):-** ବିହାରର ସରହସାରୁ ଏକ ଲଜ୍ୟାଜନକ ଘଟଣା ସାମନାକୁ ଆଣିଛି। ଜଣେ ସବ ଇନ୍ସପେକ୍ଟରଙ୍କ ପାଖକୁ ଗୁହାରୀ କରିବାକୁ ଆସିଥିବା ମହିଳାଙ୍କ ଦ୍ୱାରା ପୋଲିସ୍ ବାବୁ କରିଛନ୍ତି ନିଜର ମସାଜ୍। ମିଳିଥିବା ସୂଚନା ଅନୁସାରେ, ମହିଳା ଜଣକ ନିଜର ପୁଅ ଜେଲ୍ ଯିବା ଘଟଣାରେ ଖୁବ୍ ଚିନ୍ତିତ ହୋଇ ଥାନାକୁ ଗୁହାରୀ କରିବାକୁ ଆସିଥିଲେ। ହେଲେ ପୋଲିସ୍ ଇନ୍ସପେକ୍ଟର



ଏହା ବଦଳରେ ସାର୍ଟ ଖୋଲି ତାଙ୍କୁ ମସାଜ କରିବାକୁ ମହିଳା ଜଣଙ୍କୁ କହିଥିଲେ। ଏହି ଘଟଣାର ଭିଡିଓ ଖୁବ୍ ଜୋର୍‌ଦାର ଭାବରେ ଭାଇରାଲ୍ ହେଉଛି। ମାମଲା ଏକ ମାସ ପୁରୁଣା ବୋଲି କୁହାଯାଉଛି। ପୋଲିସ୍ ବାବୁ ଜଣକ ହେଲେ ସବ୍ ଇନ୍ସପେକ୍ଟର ଶଶି ଭୂଷଣ ସିହ୍ନା। ଘଟଣା ସମ୍ପର୍କରେ ଜଣାପଡିବା ପରେ ସହରସା ଜିଲ୍ଲା ଏସ୍‌ପି ଲିପି ସିଂହ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଏସ୍‌ଡିପିଓ ସନ୍ତୋଷ କୁମାରଙ୍କ ଦ୍ୱାରା ତଦନ୍ତ ରିପୋର୍ଟ ଦିଆଯିବା ପରେ ଥାନା ଅଧିକାରୀଙ୍କୁ ତୁରନ୍ତ ନିଲମ୍ବିତ କରାଯାଇଛି। ପୋଲିସ୍ ଏସ୍‌ପି କହିଛନ୍ତି ଆମେ ଏସ୍‌ଆଇଙ୍କ ବିରୋଧରେ ବିସ୍ତୃତ ରିପୋର୍ଟ ମାଗିଛୁ ଓ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡିବ। ଫଟୋରେ ଦେଖିପାରିବେ ନୌହଟ୍ଟାରେ ଦରହର ଥାନାର ତତ୍କାଳୀନ ଏସ୍‌ଆଇ ସିହ୍ନା ନିଜ ରୁମ୍‌ରେ ପସିଛନ୍ତି ଓ ମହିଳାଙ୍କ ଦ୍ୱାରା ମାଲିକ କରୁଛନ୍ତି। ଏସ୍‌ଆଇ ଗାମୁଛ ପିନ୍ଧି ଅର୍ଦ୍ଧନଗ୍ନ ଅବସ୍ଥାରେ ବସିଛନ୍ତି।

ଏସ୍‌ଆଇ ଫୋନ୍‌ରେ ଜଣେ ଓକିଲ ସହିତ କଥା ହେଉଥିବାର ଏହି ଭିଡିଓରେ ଦେଖିବାକୁ ମିଳିଛି। ଏହା ସହିତ ସେ କହୁଛନ୍ତି ମହିଳା ଜଣକ ଖୁବ୍ ଗରିବ ଓ ସେ କୌଣସି ମତେ ଜାମିନ୍ ପାଇଁ ୧୦ ହଜାର ଟଙ୍କା ବ୍ୟବସ୍ଥା କରିଛନ୍ତି। ସୋମବାର ଏଫ୍‌ଆଇଆର୍ କପି, କନଟ୍ରାକ୍ଟ ଡିଟେଲ୍ସ ଆଦି ପଠାଇ ଦିଆଯିବ ବୋଲି କହୁଥିବାର ଶୁଣିବାକୁ ମିଳୁଛି।

# ରାଜ୍ୟରେ ପ୍ରତିଷ୍ଠା ହେବ ୩୪ଟି ନୂଆ ଅଦାଲତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟରେ ୩୪ଟି ନୂଆ ଅଦାଲତ ପ୍ରତିଷ୍ଠା ପ୍ରସ୍ତାବକୁ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ମଞ୍ଜୁରୀ ପ୍ରଦାନ କରିଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧକ୍ଷତାରେ ବସିଥିବା ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଏହି ପ୍ରସ୍ତାବକୁ ଅନୁମୋଦନ ଦେଇଛି। ଏହିସବୁ ଅଦାଲତ ପ୍ରତିଷ୍ଠା ପାଇଁ ୨୧.୨୬ କୋଟି ଟଙ୍କାର ବଜେଟ୍‌କୁ ଅନୁମୋଦନ ମିଳିଛି। ଏହି ୩୪ଟି ଅଦାଲତ ମଧ୍ୟରେ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ଠାରେ ଏକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ସହ ଭୁବନେଶ୍ୱରରେ ୨ଟି, ବାଲେଶ୍ୱର ଜିଲ୍ଲାର ସୋରୋ, ଜଳେଶ୍ୱର, ଯାଜପୁର ଜିଲ୍ଲାର ଚଣ୍ଡିଖୋଲ, କୋରାପୁଟ ଏବଂ ଗତପତି ଜିଲ୍ଲାର ଆର ଉଦୟଗିରି ଠାରେ



ଜିଲ୍ଲା ଏବଂ ସେସନ କୋର୍ଟ ପ୍ରତିଷ୍ଠାକୁ ମଞ୍ଜୁରୀ ମିଳିଛି। ଏଥି ସହିତ ନୟାଗଡ ଜିଲ୍ଲାର ରଣପୁର, କଟକ ଜିଲ୍ଲାର ନରସିଂହପୁର ଏବଂ ବଡମ୍ବା, ଗଞ୍ଜାମ ଜିଲ୍ଲାର ସୋରଡା ଏବଂ ସୋନପୁର ଜିଲ୍ଲାର ରାମପୁର ଠାରେ ଗୋଟିଏ ଲେଖାଏଁ ସିଭିଲ ଜଜ କୋର୍ଟ(ସିନିଅର ଡିଭିଜନ୍) ପ୍ରତିଷ୍ଠା ହେବ।

ଅନ୍ୟପକ୍ଷରେ, ବଲାଙ୍ଗିରର ତୁଷରା, ଢେଙ୍କାନାଳ, ବାଲେଶ୍ୱର, ଯାଜପୁର ଚଣ୍ଡିଖୋଲ, ଦେବଗଡର ବାରକୋଟ, ଜଗତସିଂହପୁରର ନାଉଗାଁ ଏବଂ କନ୍ଧମାଳର କେ. ନୂଆଗାଁ ଏବଂ ଖଜୁରୀପଡାରେ ସିଭିଲ ଜଜ କୋର୍ଟ(ଜୁନିଅର ଡିଭିଜନ୍) ପ୍ରତିଷ୍ଠା ହେବ। କମିଟି ମଧ୍ୟ ୧୦ଟି ବାଣିଜ୍ୟିକ ଅଦାଲତ ପ୍ରତିଷ୍ଠା ପାଇଁ ମଞ୍ଜୁରୀ ଦେଇଛନ୍ତି। ଏଥିରେ କଟକ ସହର, ଭୁବନେଶ୍ୱର, ପୁରୀରେ ଦୁଇଟି ବାଲେଶ୍ୱର ସହର, ବଲାଙ୍ଗିର ସଦର, କେନ୍ଦ୍ରାପଡା ସଦର, ଜୟପୁର, ରାଉରକେଲାରେ ଗୋଟିଏ ଲେଖାଏଁ ଲିଭର ରିଜର୍ଭ ଅଦାଲତ ପ୍ରତିଷ୍ଠା ହେବ।

ସେହିପରି ଭୁବନେଶ୍ୱର, କଟକ, ସମ୍ବଲପୁର ଏବଂ ବ୍ରହ୍ମପୁର ଠାରେ ୪ଟି ବାଣିଜ୍ୟିକ ଅଦାଲତ ଓ ନୟାଗଡ ଜିଲ୍ଲାର ଓଡଗାଁ ଠାରେ ସିଭିଲ୍ ଜଜ କୋର୍ଟ(ସିନିଅର ଡିଭିଜନ୍) ପ୍ରତିଷ୍ଠାକୁ ଅନୁମୋଦନ ମିଳିଛି। ଅତିରିକ୍ତ ଜିଲ୍ଲା ଓ ସେସନ ଅଦାଲତ ପାଇଁ ୫.୨୦ କୋଟି ଟଙ୍କା, ସିଭିଲ ଜଜ ଅଦାଲତ ପାଇଁ ୩.୬୦ କୋଟି ଟଙ୍କା ମଞ୍ଜୁର ହୋଇଛି।

ଏହି ଉଚ୍ଚ କ୍ଷମତା ସମ୍ପନ୍ନ କମିଟିରେ ଆଇନ ମନ୍ତ୍ରୀ ପ୍ରତାପ ଜେନା, ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ ଏବଂ ଆଇନ ସଚିବ ପ୍ରତାପ କୁମାର ପାତ୍ର ଅଛନ୍ତି।

# ଦି'ବ୍ରେନ୍ ଅନୁଷ୍ଠାନର ବିଶ୍ୱ ମ୍ୟାଲେରିଆ ଦିବସ

**କଟକ(ସଂପର୍କବାର୍ତ୍ତା):-** ଓଡ଼ିଶାରୁ ଧିରେ ଧିରେ ମ୍ୟାଲେରିଆ ହ୍ରାସ ପାଉଛି। ୨୦୩୦ ସୁଦ୍ଧା ଦେଶକୁ ମ୍ୟାଲେରିଆ ମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ଓ ଆମ ରାଜ୍ୟରେ ମ୍ୟାଲେରିଆ ରାଜ୍ୟର ପ୍ରକୋପ, ରୋଗ ଗତିବିଧି, ନିରାକରଣ ପନ୍ଥା ଓ ଆଗାମୀ ଦିନରେ ଆମ ସମସ୍ତଙ୍କର ମିଳିତ ସହଯୋଗ ରହିଲେ ମ୍ୟାଲେରିଆମୁକ୍ତ ଓଡ଼ିଶା ହୋଇପାରିବ ବୋଲି ମତବ୍ୟକ୍ତ କରିଛନ୍ତି କଟକ ପୁରୀଘାଟ ରୋଡ଼ସ୍ଥିତ ସ୍ୱାସ୍ଥ୍ୟ ସମାଜ ସେବକ ସଂଗଠନ ଦି'ବ୍ରେନର ସଂଯୋଜନାରେ ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ତଥା ଯୁବ ମାନସିକ ରୋଗ ବିଶେଷଜ୍ଞ ସମାଜ ସେବକ ଡାକ୍ତର ସମ୍ରାଟ କର। ଓଡ଼ିଶାରେ ନିଜସ୍ୱ ତଥା ଅଭିନବ ଯୋଜନା 'ଦମନ' ଚବିଶ ଜିଲ୍ଲାର ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳରେ କାର୍ଯ୍ୟକାରୀ ହୋଇଛି। ଓଡ଼ିଶା ସରକାର ୨୦୨୦-୨୧ରେ ୧କୋଟି ୫୬ଲକ୍ଷ ଦୀର୍ଘସ୍ଥାୟୀ କୀଟନାଶକ




ଉପଚାରିତ ମଶାରୀ ମଧ୍ୟ ବଣ୍ଟନ କରିସାରିଛନ୍ତି। କାର୍ଯ୍ୟକ୍ରମକୁ ପୂର୍ବତନ ଭାରତୀୟ ମାନସିକ ଚିକିତ୍ସକ ସଂଘର ସଭାପତି ତଥା ପୂର୍ବତନ ଡିଏମଇଟି ଡାକ୍ତର ଗୋପାଳ ଚନ୍ଦ୍ର କର ଓ ଡକ୍ଟର ଗାୟତ୍ରୀ ଦେବୀ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଇଞ୍ଜିନିୟର ନୀଳାମ୍ବର ମିଶ୍ର, ସମାଜ ସେବିକା ଶାନ୍ତିଲତା ମିଶ୍ର, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡାକ୍ତର ଶୁଭଶ୍ରୀ ମିଶ୍ର, ଆଇନଜୀବୀ ସମ୍ବିତ କର, ରାଧାମୋହନ ସାହୁ, ନିରଞ୍ଜନ ଡାଲୁଆ, ବିକ୍ରମ ମଲ୍ଲିକ, ମିହିର କୁମାର ସ୍ୱାଇଁ, ସୁକାନ୍ତି ଲେଙ୍କା, ବଳରାମ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ କଟକର ସତୀଚଉରା ବସ୍ତୀ ଅଞ୍ଚଳ, ଡଗରପଡ଼ା, ପୁରୀଘାଟ ଓ ବାଦାମବାଡ଼ିର ଷାଠିଏ ଜଣ ଗରିବ ପରିବାରଙ୍କୁ ମାଗଣା ମଶାରୀ ସହିତ ସାନିଟାଇଜର, ମାକ୍ସ ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା।

# ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ନବ ଉତ୍କଳର ନିର୍ମାତା, ସାହିତ୍ୟାନୁରାଗୀ, ସୁଶାସକ ତଥା ପ୍ରଜାବତ୍ସଳ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କର ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ସକାଳେ ଭୁବନେଶ୍ୱର ଏ.ଜି. ଛକସ୍ଥିତ ପରିବହନ ଭବନ ସମ୍ମୁଖରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡଃ. ଲେନିନ୍ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ମାନସ ରଞ୍ଜନ ଖୁଣ୍ଟିଆ, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଓ ବିଭାଗର ଅନ୍ୟ ପଦାଧିକାରୀ, ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗର ଅନୁସଚିବ ଲକ୍ଷ୍ମୀଧର ବେହେରା, ଉତ୍କଳ ସମ୍ମିଳନୀ ଏବଂ ପାରଳା ଗଜପତି ବିକାଶ ମଂଚ,ଭୁବନେଶ୍ୱରର କର୍ମକର୍ତ୍ତା, ସହରର ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ଯୋଗଦେଇ ଏଠାରେ ପାରଳା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ପାରାଦୀପରେ କେନ୍ଦ୍ର ମତ୍ସ୍ୟ ସଚିବ

**ପାରାଦୀପ(ଶଶାଙ୍କ ଶେଖର ଆଚାର୍ଯ୍ୟ):-** କେନ୍ଦ୍ର ମତ୍ସ୍ୟ ମନ୍ତ୍ରଣାଳୟର ସଚିବ ଯତିନ୍ଦ୍ର ନାଥ ସ୍ୱାଇଁ ଶୁକ୍ରବାର ଦିନ ପାରାଦୀପ ଗସ୍ତରେ ଆସି ପାରାଦୀପ ମାଛଧରା ବନ୍ଦରର ଉନ୍ନୟନର ସମିକ୍ଷା କରିଥିଲେ । ଏହି ଅବସରରେ ପାରାଦୀପ ବନ୍ଦରର ଅଧ୍ୟକ୍ଷ ପି.ଏଲ. ହରନାଦ ସଚିବ ଶ୍ରୀ ସ୍ୱାଇଁଙ୍କୁ ସ୍ୱାଗତ କରିବା ସହ ବିଶ୍ୱ ସ୍ତରୀୟ ଆଧୁନିକ ଏହି ମାଛଧରା ବନ୍ଦରର ଉନ୍ନୟନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହାପରେ କେନ୍ଦ୍ର ମତ୍ସ୍ୟ ମନ୍ତ୍ରଣାଳୟର ସଚିବ ବନ୍ଦର ଅଧ୍ୟକ୍ଷଙ୍କ ସମେତ ବରିଷ୍ଠ ଅଧିକାରୀ ମାନେ ମାଛଧରା ବନ୍ଦର ବୁଲି ସମିକ୍ଷା କରିଥିଲେ। ଏହି ଅବସରରେ ଓମ୍ପା ସଭାପତି ଶ୍ରୀକାନ୍ତ ପରିଡା ଓ ସଂଘର ଉଚ୍ଚ ପଦାଧିକାରୀମାନେ ସଚିବ ଶ୍ରୀ ସ୍ୱାଇଁଙ୍କୁ ଭେଟି ମାଛଧରା ବନ୍ଦରର ଉନ୍ନୟନ ଉପରେ ଆଲୋଚନା କରି ଏକ ୬ ଦଫା ଦାବୀପତ୍ର ପ୍ରଦାନ କରିଥିଲେ। ମାଛଧରା ବନ୍ଦର ପ୍ରବେଶ ପଥ ସୁରକ୍ଷା ପାଇଁ କଂକ୍ରିଟ୍ ଓ୍ୱାଲ ନିର୍ମାଣ, ଯାନ୍ତ୍ରୀକ ଆଇସ୍ ପ୍ଲାଂଟ ନିର୍ମାଣ, ମୁହାଣ ଡ୍ରେଜିଙ୍ଗ, ଫିଙ୍ଗର ଜେଟୀ ନିର୍ମାଣ, ଦ୍ୱିତୀୟ ଅକ୍‌ସନ ହଲ, ମାର୍କେଟ କଂପ୍ଲେକ୍ସ, ସାଇକ୍ଲୋନ ସେଂଟର, ମତ୍ସ୍ୟଜୀବୀଙ୍କ ପାଇଁ ବିଶ୍ରାମାଗାର ଏବଂ ପାନୀୟ ଜଳ ସୁବିଧା ଉପଲବ୍ଧ କରାଇବା ସମେତ ମତ୍ସ୍ୟ ଶିଳ୍ପର ସୁରକ୍ଷା ନିମିତ ମାଛଧରା ବୋଟମାନଙ୍କୁ ଟିକସ ମୁକ୍ତ ଡିଜେଲ ଉପଲବ୍ଧ କରାଇବା ପାଇଁ ଓମ୍ପା ସଭାପତି ଶ୍ରୀ ପରିଡା ମତ୍ସ୍ୟ ମନ୍ତ୍ରଣାଳୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

www.samparkabarta.in

ODIA WEEKLY

ପୃଷ୍ଠା ୮



ADVERTISEMENT TARIFF

| | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |




## ‘ମୟୂର ଅଫ୍‌ସେଟ୍ ପ୍ରିଣ୍ଟର୍ସ ମାଲିକ ଭଞ୍ଜଙ୍କ ପ୍ରେସ୍ ଇସ୍ତାହାର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଭୁବନେଶ୍ୱରସ୍ଥ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ମୟୁର ଅଫ୍‌ସେଟ୍ ପ୍ରିଣ୍ଟର୍ସ ସଂସ୍ଥାର ସତ୍ତ୍ୱାଧିକାରୀ ଲଲାଟ କିଶୋର ଭଞ୍ଜଙ୍କ ନାମରେ ଉଠିଥିବା ଅଭିଯୋଗ ସଂପର୍କରେ ଏକ ସ୍ପଷ୍ଟିକରଣ ଜରିଆରେ ପ୍ରେସ୍ ରିଲିଜ୍ କରିଛନ୍ତି କର୍ତ୍ତୃପକ୍ଷ। ତାଙ୍କର କହିବା କଥା ମୁଁ ହେଉଛି ପ୍ରିଣ୍ଟିଂ ପ୍ରେସ୍‌ର ମାଲିକ। ମୋ ପାଖକୁ ଯାହା ଛାପିବା ପାଇଁ ଆସେ ତା’ର ପ୍ରାପ୍ୟ ନେଇ ମୁଁ ତାକୁ ଛାପି ହସ୍ତାନ୍ତର କରିଥାଏ। କିନ୍ତୁ ଏକ ନିର୍ଦ୍ଦିଷ୍ଟ ଖବରକାଗଜ ସଂସ୍ଥାର ମାଲିକ କେଉଁଭଳି ଆକାରରେ, କିଭଳି ଛଳନା କରି ନକଲି ବିଜ୍ଞାପନ ସଂଗ୍ରହ କରି ଏଭଳି କେଳଙ୍କାରି କରିଛନ୍ତି ତାହା ଜାଣିବା ମୋ ପକ୍ଷେ ସମ୍ଭବ ନୁହେଁ। ଶ୍ରୀ ଭଞ୍ଜ ତାଙ୍କ ପ୍ରେସ୍ ଇସ୍ତାହାରରେ ଯାହା ଉଲ୍ଲେଖ କରିଛନ୍ତି ୨୦୧୫ ମସିହାରେ **ମନୋଜ କୁମାର ସେଠ୍** ନାମକ ଜଣେ ବ୍ୟକ୍ତି ତାଙ୍କର “ସମାଜ ଆଇନା” ଦୈନିକ ସମ୍ବାଦପତ୍ର ଓ “ସ୍ୱିଡି ନ୍ୟୁଜ୍” ନାମକ ପତ୍ରିକା ଛପାଇବା ପାଇଁ ମୋ ପ୍ରେସ୍‌ର ନାମକୁ ବ୍ୟବହାର କରିଥିଲେ ଓ ୨୦୧୫-୧୬ ମସିହାରେ ଦୁଇବର୍ଷ ଧରି ମୋ ପ୍ରେସ୍‌ରେ ଛାପୁଥିଲେ। ଉଦୟନାଥ ସାହୁ ମଧ ତାଙ୍କର “ସିଂହାସନ” ଦୈନିକ ସମ୍ବାଦପତ୍ର ମୋ ପ୍ରେସ୍‌ରେ ଛପାଯାଉଥିଲା। ଛାପିବା ପାଇଁ ସ୍ଥିର ହୋଇଥିବା ଅର୍ଥରେ ଉଭୟ ରିହାତି ମାଗିବାରୁ ଆମେ ସେ ଦୁହିଁଙ୍କର କାଗଜଗୁଡିକୁ ଆଉ ଛାପିବା ବନ୍ଦ କରିଦେଲୁ।



ସାଂସଦ ଯୋଗୀ ଆଦିତ୍ୟନାଥଙ୍କର ଲେଟର ପ୍ୟାଡ୍ ଓ ଇ-ମେଲ୍ ଜାଲି କରି ସେମାନେ ବିଭିନ୍ନ ସଂସ୍ଥାରୁ କୋଟି

୨୦୧୬ ମସିହାରେ ମନୋଜ ତତ୍କାଳୀନ ଉତ୍ତର ପ୍ରଦେଶ ସାଂସଦ ଯୋଗୀ ଆଦିତ୍ୟନାଥଙ୍କର ଲେଟର ପ୍ୟାଡ୍ ଓ ଇ-ମେଲ୍ ଜାଲି କରି ସେମାନେ ବିଭିନ୍ନ ସଂସ୍ଥାରୁ କୋଟି କୋଟି ଟଙ୍କାର ବିଜ୍ଞାପନ ସଂଗ୍ରହ କରୁଥିବା ମାମଲାରେ ଛନ୍ଦି ହୋଇଥିଲେ। ଚଳିତବର୍ଷ ଜାନୁଆରୀ ମାସରେ ଦିଲ୍ଲୀ ପୋଲିସ୍ ଆସି ମନୋଜ ସେଠ୍‌କୁ ଓଡ଼ିଶାରୁ ଉଠାଇ ନେଇଥିଲା। ସେ ବର୍ତ୍ତମାନ ତିହାର ଜେଲ୍‌ରେ ଥିବା ଶୁଣିବାକୁ ମିଳୁଛି। ଆର୍‌ଏନ୍‌ଆଇ ଡାଟାବେସ୍‌ରେ ଆମ ପ୍ରେସ୍‌ର ନାମ ସେ ଦୁଇଜଣ ପରିବର୍ତ୍ତନ କରିନଥିବାରୁ ଆମ ପାଖକୁ ୧୨ ଫେବୃୟାରୀ ୨୦୨୨ରେ ଦିଲ୍ଲୀ ପୋଲିସ୍ ନୋଟିସ୍ ପଠାଇଥିଲା। ୧୪ ଫେବୃୟାରୀ ୨୦୨୨ରେ ସେ ନୋଟିସ୍‌ର ଉତ୍ତର ଦେଲୁ କି “ସମାଜ ଆଇନା” ଓ “ସ୍ୱିଡି ନ୍ୟୁଜ୍” ୨୦୧୫-୧୬ରେ ଛପାଯାଇଥିଲା। କିନ୍ତୁ ତା’ପରେ ଆମେ ଆଉ ତାହା ଛାପୁନଥିଲୁ। ଏହି କେସ୍‌ର ମୁଖ୍ୟ ଖବରକାଗଜ “ଟପ୍ ନ୍ୟୁଜ୍” ଆମ ପାଖରେ କେବେବି ଛପା ହୁଏନାହିଁ କି ସେ କାଗଜ ଛାପିବା ପାଇଁ ଆମେ କେବେ ଆମର ଏନ୍‌ଓସି. ଦେଇନାହୁଁ। ଏଠାରେ ମୁଁ ଉଲ୍ଲେଖ କରିବାକୁ ଚାହେଁ ଯେ, ମନୋଜ ସେଠ୍ ଓ ଉଦୟ କୁମାର ସାହୁ ମୋ ପ୍ରେସ୍‌ରୁ ସେହି ସମୟରେ ନିୟମିତ ଆସୁଥିଲେ ଓ ସେମାନଙ୍କ ପତ୍ରପତ୍ରିକା ଛାପୁଥିଲେ। ଗତ ୨୪ ତାରିଖରେ ସିବିଆଇ ଦିଲ୍ଲୀ ପୋଲିସ୍‌ର ଦୁଇଜଣ କର୍ମଚାରୀଙ୍କୁ ଲାଞ୍ଚ କାରବାର ମାମଲାରେ ଗିରଫ କରିଥିବା ବେଳେ ଏହି ମାମଲାରେ ଅଭିଯୋଗକାରୀ ଉଦୟ କୁମାର ସାହୁ ନିଜକୁ ଭଦ୍ରଲୋକ ଭାବେ ପରିଚିତ କରାଇବା ପାଇଁ ମିଡିଆ ଆଗରେ ଯେଉଁଭଳି ବୟାନ ଦେଲେ ତାହା ଆଶ୍ଚର୍ଯ୍ୟଜନକ। ସେ ଅଭିଯୋଗ କରିଛନ୍ତି ଓ ଦିଲ୍ଲୀ ପୋଲିସ୍‌ର ଦୁଇଜଣ କର୍ମଚାରୀ ଗିରଫ ହୋଇଛନ୍ତି ଏ କଥା ସତ୍ୟ; କିନ୍ତୁ ସେ ମିଡିଆ ଆଗରେ ମୁଁ ଫେରାର୍ ଥିବା କଥା କହି ମୋ ଉପରେ ତାଙ୍କର ଥିବା ପୁରୁଣା ରାଗ ସୁଝାଇବାକୁ ହୀନ ଉଦ୍ୟମ କରିଛନ୍ତି। ମୁଁ ସମାଜରେ ଜଣେ ପରିଚିତ ଓ ସମ୍ମାନସ୍ପଦ ବ୍ୟକ୍ତି। ତେଣୁ ମୋ ନାମରେ ଉଠିଥିବା ଗୁଜବ ତଥ୍ୟ ସବୁ ମିଥ୍ୟା ଓ କପୋଳକଳ୍ପିତ ବୋଲି ଶ୍ରୀ ଭଞ୍ଜ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

## ଓଡ଼ିଶା ସେମିଫାଇନାଲ୍ ମ୍ୟାଚ୍ ଖେଳିବ

**ଭୁବନେଶ୍ୱର/କଟକ(ପରମେଶ୍ୱର ଦାଶ):-** ବିସିସିଆଇ ଆନ୍ତଃରାଜ୍ୟ ବରିଷ୍ଠ ମହିଳା ୨୦-୨୦ ଟ୍ରଫି ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ଓଡ଼ିଶା ମହିଳା କ୍ରିକେଟ୍ ଦଳ ପ୍ରବେଶ କରିଛି। ଶନିବାର ଗୁଜୁରାଟର ସୁରଟଠାରେ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ସେଫାଳି ବର୍ମା ନେତୃତ୍ୱାଧିନ ହରିୟାଣାକୁ ୧୩ ରନ୍‌ରେ ଓଡ଼ିଶା ପରାସ୍ତ କରିଛି। ମାଧୁରୀ ମେହେଟାଙ୍କ ଦର୍ଶନୀୟ ଅର୍ଦ୍ଧଶତକ ଓ ପ୍ରଜ୍ଞା ପାରମିତା ମହାନ୍ତିଙ୍କ ଦ୍ରୁତ ୩୦ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୬ ଓ୍ୱିକେଟ୍‌ରେ ୧୫୧ ରନ୍ ରହିଥିଲା। ପରେ ସୁଜାତା ମଲ୍ଲିକ ଓ ରାସନ୍ନାରା ପରୱିନ୍‌ଙ୍କ ବୋଲିଂ ସଫଳତା ଯୋଗୁଁ ହରିୟାଣା ୨୦ ଓଭର ଶେଷରେ ୮ ଓ୍ୱିକେଟ୍‌ରେ ୧୩୮ ରନ୍ କରିପାରିଥିଲା। ଓଡ଼ିଶା ଲିଗ୍ ପର୍ଯ୍ୟାୟର ୫ଟି ଯାକ ମ୍ୟାଚ୍ ଜିତିଥିବା ବେଳେ ଏହା ଓଡ଼ିଶାର କ୍ରମାଗତ ୬ଷ୍ଠ ବିଜୟ। ସୋମବାର ରେଳବାଇ ବିପକ୍ଷରେ ଓଡ଼ିଶା ସେମିଫାଇନାଲ୍ ମ୍ୟାଚ୍ ଖେଳିବ।



ହରିୟାଣା ଟସ୍ ଜିତି ଫିଲ୍ଡିଂ ନେଇଥିଲା। ଓଡ଼ିଶାର ଓପନର୍ ଚକ୍ରାର ବ୍ୟାଟିଂ କରି ୬ଷ୍ଠ ଓଭରରେ ୩୩ ରନ୍‌ରେ ଭାଗିଦାରି କରିଥିଲେ। କାଜଲ ଜେନା ୨୦ ବଲ୍‌ରୁ ୪ଟି ଚୌକା ସହ ୨୨ ରନ୍ କରି ଆଉଟ୍ ହୋଇଥିଲେ। ସରିତା ମେହେର ଖାତା ଖୋଲିପାରିନଥିଲେ। ସୁଶ୍ରୀ ଦିବ୍ୟଦର୍ଶିନୀ ୧୪ ବଲ୍‌ରୁ ୨ଟି ଚୌକା ସହ ୧୬ ରନ୍ କରିଥିଲେ। ୪ର୍ଥ ଓ୍ୱିକେଟ୍ ପାଇଁ ମାଧୁରୀ ଓ ପାରମିତା ମହାନ୍ତି ୭ ଓଭରରେ ୬୫ ରନ୍ ଯୋଡିଥିଲେ। ପ୍ରଜ୍ଞା ୧୯ ବଲ୍‌ରୁ ୪ଟି ଚୌକା ସହ ୩୦ ରନ୍ କରିଥିଲେ। ୧୯ତମ ଓଭରରେ ଆଉଟ୍ ହୋଇଥିବା ମାଧୁରୀ ମେହେଟା ୫୦ ବଲ୍‌ରୁ ୮ଟି ଚୌକା ସହ ୬୬ ରନ୍ କରିଥିଲେ। ହରିୟାଣାର ଆନ୍ତଃର୍ଜାତିକ ବୋଲର ମାନସୀ ଜୋସି ଦୁଇଟି ଓ୍ୱିକେଟ୍ ନେଇଥିଲେ। ୧୫୨ ରନ୍ ଲକ୍ଷ୍ୟରେ ହରିୟାଣା ଅଧିନାୟିକା ତଥା ବିଶ୍ୱ ପ୍ରସିଦ୍ଧ ଓପନର୍ ସେଫାଳି ବର୍ମା ୨ ରନ୍ କରି ସୁଜାତଙ୍କ ବୋଲିଂର ଶୀକାର ହୋଇଥିଲେ। ରିମା ସିସୋଦିଆ ୧୮ ବଲ୍‌ରୁ ୫ଟି ଚୌକା ସହ ୨୭ ରନ୍ କରିଥିଲେ। ଶେଷ ଆଡକୁ ସୁମନ୍ ଗୁଲିଆ ୨୨ ବଲ୍‌ରୁ ୪ଟି ଚୌକା ସହ ଦ୍ରୁତ ୩୧ ରନ୍ କରିଥିଲେ। ସୋନିଆ ମେନ୍ଦିଆ ୧୭, ଶିଳତ ରାଣା ୧୬ ଓ ଭାବନା ଓହଲାନ୍ ୧୩ ରନ୍ କରିଥିଲେ। ସୁଜାତା ମଲ୍ଲିକ ଓ ରାସନ୍ନାରା ପରୱିନ୍ ୨ଟି ଲେଖାଏଁ ଓ୍ୱିକେଟ୍ ନେଇଥିଲେ।

## ବଢୁଛି କରୋନା ସଂକ୍ରମଣ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କରୋନା ସଂକ୍ରମଣ ଚିନ୍ତାଜନକ ଭାବେ ବୃଦ୍ଧି ପାଉଥିବାବେଳେ ଆଗାମୀ ୩ରୁ୪ସପ୍ତାହ ରାଜ୍ୟ ପାଇଁ ଗୁରୁତ୍ୱ ପୂର୍ଣ୍ଣ। ଏହି ସମୟ ମଧ୍ୟରେ ରାଜ୍ୟରେ ସଂକ୍ରମଣ ବୃଦ୍ଧି ପାଇବାରେ ଆଶଙ୍କା ରହିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି । କାରଣ ଦେଶରେ ସଂକ୍ରମଣ ବୃଦ୍ଧି ପାଇବାର ୩ରୁ ୪ସପ୍ତାହ ମଧ୍ୟରେ ସଂକ୍ରମଣ ବୃଦ୍ଧି ପାଉଥିବା ପରିଲକ୍ଷିତ ହୋଇଛି। କରୋନାର ତିନୋଟି ଲହରରେ ଏପରି ସ୍ଥିତି ଦେଖିବାକୁ ମିଳିଥିଲା ଦିଲ୍ଲୀରେ ସଂକ୍ରମଣ ବଢୁଥିବାରୁ ଆଗକୁ ବିପଦ ରହିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ସଂକ୍ରମଣ ବଢିଲେ ଏହାକୁ ନିୟନ୍ତ୍ରଣ କରିବାକୁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରସ୍ତୁତ ରହିଛି। ସବୁ ଜିଲାକୁ ସ୍ଥିତି ଉପରେ କଡା ନଜର ରଖିବାକୁ ନିର୍ଦ୍ଦେଶ ଦିଆ ଯାଇଛି । ଆମେ ଭଲ ସ୍ଥିତିରେ ଅଛୁ। ଶ୍ରୀ ମହାପାତ୍ର କହିଛନ୍ତି, ସଂକ୍ରମଣ ବଢିଲେ ଡାକ୍ତରଖାନା ତୁରନ୍ତ ଖୋଲାଯିବ। ଟିକାକରଣ ବଢାଯାଉଛି ସଂକ୍ରମଣ ରୋକିବାକୁ ସମସ୍ତଙ୍କୁ କଟକଣା ମାନିବାକୁ ପଡିବ ଭିଡ ସ୍ଥାନରେ ତୁଣ୍ଡି ପନ୍ଧିନ୍ତୁ। ସାମିଜିକ ଦୂରତା ଅବଲମ୍ବନ କରନ୍ତୁ ଦରକାର ନଥିଲେ ଘରୁ ବାହାରକୁ ଯାଆନ୍ତୁ ନାହିଁ ପୁରୀ ନୂଆପଡା ମୟୂରଭଞ୍ଜ, କେନ୍ଦୁଝର , ଢେଙ୍କାନାଳ ଜଗତସିଂହପୁର ଦେବଗଡ, ଝାରସୁଗୁଡା ସୁବର୍ଣ୍ଣପୁର ନୟାଗଡ, ଗଞ୍ଜାମ , ଗଜପତି , ରାୟଗଡା , ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲା ସଂକ୍ରମଣମୁକ୍ତ ରହିଛି।

### ପ୍ରଭାରୀ ବୁଝିଲେ...

## ଦିଲ୍ଲୀରେ ଛାମୁଆ ନେତାଙ୍କ ମେଳି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ରାଜ୍ୟ କଂଗ୍ରେସରେ ସାଙ୍ଗଠନିକ ପୁନର୍ବିନ୍ୟାସ ଖୁବ୍‌ଶୀଘ୍ର ହେବ। ପିସିସି ସଭାପତିଠାରୁ ଆରମ୍ଭ କରି କାର୍ଯ୍ୟକାରୀ ସଭାପତି, ଛାମୁଆ ସଙ୍ଗଠନର ରୂପରେଖ ବଦଳିବାର ସମ୍ଭାବନା ଅଧିକ ରହିଛି। କଂଗ୍ରେସ ପ୍ରଭାରୀ ଏ ଚେଲ୍ଲାକୁମାର ୨ ଦିନ ଧରି ଓଡ଼ିଶାରେ ରହି ନେତାମାନଙ୍କ ସହ ପର୍ଯ୍ୟାୟକ୍ରମେ ଆଲୋଚନା କରିବା ସତ୍ତ୍ୱେ ତାଙ୍କ ଉପରେ ସବୁ ନେତା ଭରଷା କରିପାରୁନାହାଁନ୍ତି। ଏଥିପାଇଁ ଦିଲ୍ଲୀରେ ହାଇକମାଣ୍ଡଙ୍କ ପାଖରେ ଲବି କରିବାକୁ କେତେଜଣ ନେତା ଡେରା ପକାଇଛନ୍ତି। ଚେଲ୍ଲାକୁମାର ଦୁଇଦିନ ଧରି ନେତାମାନଙ୍କ ସହ ମାରାଥନ୍ ଆଲୋଚନା କରି ଯିବା ପରେ କେତେଜଣ ନେତା ହାଇକମାଣ୍ଡଙ୍କ ପାଖରେ ସିଧାସଳଖ ମତାମତ ରଖିବାକୁ ଦିଲ୍ଲୀରେ ପହଞ୍ଚିବା ଘଟଣା ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱକୁ ଅଧିକ ଅଲୋଚନା ଭିତରକୁ ଆଣିଛି। ପ୍ରଥମ ଦିନରେ ବରିଷ୍ଠ ନେତା ଓ ବିଧାୟକଙ୍କ ସହ ପ୍ରଭାରୀ ଆଲୋଚନା କରିଥିବା ବେଳେ ୨ୟ ଦିନରେ ଜିଲ୍ଲା ସଭାପତିଙ୍କ ସହ ଓ୍ୱାନ୍ ଟୁ ଓ୍ୱାନ୍ ଆଲୋଚନା କରିଥିଲେ। ସମସ୍ତଙ୍କ ମତାମତ ନେବା ପରେ କଂଗ୍ରେସରେ ଆମୂଳଚୂଳ ପରିବର୍ତ୍ତନ ହେବ ବୋଲି ପ୍ରଭାରୀ କହିଥିଲେ।





ତେବେ ପ୍ରଭାରୀଙ୍କ ଉପରେ କେତେଜଣ ନେତା ଭରସା ଜୁଟାଇ ନ ପାରି କିଛି ଗୋଷ୍ଠୀ ହାଇକମାଣ୍ଡଙ୍କ ପାଖରେ ଲବି ଆରମ୍ଭ କରିଦେଇଛନ୍ତି। ପିସିସି ସଭାପତି ରେସ୍‌ରେ ୩ ଜଣଙ୍କ ନାମକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଏ ପର୍ଯ୍ୟନ୍ତ ଅଙ୍କ ଛିଡି ନଥିବା କୁହାଯାଉଛି। ଏହାରି ଭିତରେ ବିଭିନ୍ନ ଛାମୁଆ ସଂଗଠନ ଯଥା- ଛାତ୍ର, ଯୁବ ଓ ମହିଳା କଂଗ୍ରେସର ମୁଖିଆ ପଦ ହାତେଇବା ଲାଗି ହାଇକମାଣ୍ଡଙ୍କ ପାଖରେ ନିଜ ନିଜ ଦାବି ରଖିବେ। ଅନ୍ୟପକ୍ଷରେ, ବିଧାୟକ ଦଳ ନେତା ପଦରୁ ନରସିଂହ ମିଶ୍ର ଏବଂ ମୁଖ୍ୟ ସଚେତକ ପଦରୁ ତାରାପ୍ରସାଦ ବାହିନୀପତି ଇସ୍ତଫା ଦେଉଥିବା ଚର୍ଚ୍ଚା ହେଉଥିବାବେଳେ ଏ ନେଇ କିଛି ସ୍ପଷ୍ଟ କରୁନାହାଁନ୍ତି।

ଅନ୍ୟପକ୍ଷରେ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏ ବିଷୟରେ ଜାଣି ନ ଥିବା କହିଛନ୍ତି। କେବଳ ଯାହା ବିଷୟରେ ଆଲୋଚନା ଚାଲିଛି ସେମାନେ ହିଁ କହିପାରିବେ ବୋଲି ନିରଞ୍ଜନ କହିଛନ୍ତି। ସେ ଆହୁରି କହିଛନ୍ତି, ବ୍ୟକ୍ତିଗତ ଭାବେ ସେ ତାରା ଓ ନରସିଂହଙ୍କ ସହ ଅଲୋଚନା କରିନାହାଁନ୍ତି। ଦଳ ପାଇଁ ସେମାନେ ଯେଭଳି କାମ କରୁଛନ୍ତି ସେମିତି କାମ କରନ୍ତୁ। ଦଳର ନୀତି, ଆଦର୍ଶ ଯେମିତି ଥିଲା ସେମିତି ରହିଛି, ସେଥିରେ କିଛି ପରିବର୍ତ୍ତନ ହୋଇନାହିଁ। ଦଳ ଭିତରେ ଶୃଙ୍ଖଳା ଓ କଠିନ ପରିଶ୍ରମ ଆବଶ୍ୟକ ବୋଲି ସେ କହିଛନ୍ତି।

## ସମୟ ଆସିଲେ ନିଷ୍ପତ୍ତି-ନବୀନ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଆଗାମୀ ଲୋକସଭା ଓ ରାଷ୍ଟ୍ରପତି ନିର୍ବାଚନକୁ ନେଇ ବିଜେଡିର ଯୋଜନା ସମ୍ପର୍କରେ ଦଳ ସଭାପତି ତଥା ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାପିଚୁପି ମତ ରଖିଛନ୍ତି। ପ୍ରସ୍ତାବିତ ତୃତୀୟ ସାମ୍ମୁଖ୍ୟ ନେଇ ପ୍ରଶ୍ନ ହେବାରୁ ନିର୍ବାଚନ ବହୁତ ଡେରି ଅଛି, ସମୟ ଆସିଲେ ଆମେ ଏ ନେଇ ବିଚାର କରିବୁ ବୋଲି ନବୀନ କହିଥିଲେ। ତେବେ କୌଣସି ରାଜନୈତିକ ମେଣ୍ଟ ଗଠନଠାରୁ ତାଙ୍କ ଦଳ ସ୍ୱାଧୀନ ରହିବାକୁ ପସନ୍ଦ କରିବ ବୋଲି ସେ ମତ ରଖିଥିଲେ। ସେହପରି ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀଙ୍କୁ ଚାହିଁ ନିଷ୍ପତ୍ତି ନିଆଯିବ ବୋଲି ବିଜେଡି ସୁପ୍ରିମୋ କହିଛନ୍ତି। କାରଣ ପ୍ରାର୍ଥୀ ହେଉଛନ୍ତି ଅଧିକ ଗୁରୁତ୍ୱପୂର୍ଣ୍ଣ। ୨୦୧୭ ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ରାମନାଥ କୋବିନ୍ଦଙ୍କୁ ବିଜେଡି ସମର୍ଥନ ଦେଇଥିଲା। ଶାସକ ଏନ୍‌ଡିଏ ପାଖରେ ସଂଖ୍ୟାଗରିଷ୍ଠତା ଲାଗି ୧.୨ ପ୍ରତିଶତ କମ୍ ଭୋଟ ରହିଥିବାରୁ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ଜିତାଇବାକୁ ହେଲେ ବିଜେଡିର ସମର୍ଥନ ଗୁରୁତ୍ୱପୂର୍ଣ୍ଣ। ପାର୍ଲାମେଣ୍ଟର ଉଭୟ ଗୃହରେ ୨୧ ଏମ୍‌ପିଙ୍କ ସହ ନବୀନଙ୍କ ନିୟନ୍ତ୍ରଣରେ ୩.୨୨ ପ୍ରତିଶତ ଭୋଟ ରହିଥିବାରୁ ଜୁଲାଇରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ସହଜରେ ବିଜୟୀ କରାଇପାରିବ ବୋଲି କୁହାଯାଉଛି।



ଭାରତର ରାଷ୍ଟ୍ରପତିଙ୍କୁ ଇଲେକ୍ଟୋରାଲ କଲେଜ ନିର୍ବାଚିତ କରିଥାଏ। ଏଥିରେ ୭୭୬ ଏମ୍‌ପି ଏବଂ ୪୧୨୦ ବିଧାୟକ ସଦସ୍ୟ ଅଛନ୍ତି। ସରକାର ମେଣ୍ଟ ସହଯୋଗୀ ଦଳ ସମେତ ଓ୍ୱାଇଏସ୍‌ଆର୍ କଂଗ୍ରେସ ଏବଂ ବିଜେଡି ଭଳି ଦଳଗୁଡିକର ସମର୍ଥନ ପାଇଁ ଉଦ୍ୟମ ଚଳାଇଛନ୍ତି। ରାଷ୍ଟ୍ରପତି ନିର୍ବାଚନରେ ବିରୋଧୀ ଦଳ ମିଳିତ ପ୍ରାର୍ଥୀ ଦେବା ନେଇ ଚର୍ଚ୍ଚା ହେଉଥିଲାବେଳେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟ ଗୁରୁତ୍ୱପୂର୍ଣ୍ଣ। ମିଳିତ ବିରୋଧୀ ଦଳ ପ୍ରାର୍ଥୀ ଦେବା ନେଇ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ, ଏମ୍.କେ. ଷ୍ଟାଲିନ୍‌ଙ୍କ ଡିଏମ୍‌କେ, ଉଦ୍ଧବ ଠାକ୍‌ରେଙ୍କ ଶିବସେନା, କେ.ଚନ୍ଦ୍ରଶେଖର ରାଓଙ୍କ ତେଲଙ୍ଗାନା ରାଷ୍ଟ୍ର ସମିତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ଆଶା କରାଯାଉଛି। ସେହିପରି ୨୦୨୪ ସାଧାରଣ ନିର୍ବାଚନ ଭାଜପା ବିରୋଧୀ ତୃତୀୟ ସାମ୍ମୁଖ୍ୟ ଗଠନ ଲାଗି ଏହି ନେତାମାନେ ଉଦ୍ୟମ ଚଳାଇଥିଲେ।

## ଜଗତସିଂହପୁର ଜିଲ୍ଲା ହାଜତ ମୃତ୍ୟୁ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ପାରାଦ୍ୱୀପ ଅଭୟଚାନ୍ଦପୁର ଥାନାରେ ହାଜତ ମୃତ୍ୟୁ ଘଟଣାରେ ନିଜ ଆଡୁ ମାମଲା ରୁଜୁ କଲେ ଓଡ଼ିଶା ମାନବିକ ଅଧିକାର ଆୟୋଗ(OHRC) ଘଟଣାର ତଦନ୍ତ କରି ୨ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ। OHRC ଅତିରିକ୍ତ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କମିଶନ। ୨୦ ତାରୁଖ ପୂର୍ବରୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ। ଏହାସହ ଜଗତସିଂହପୁର ଏସ୍‌ପିଙ୍କୁ ମଧ ନୋଟିସ୍ ହୋଇଛି। ଏହାସହ ଶବ ବ୍ୟବଚ୍ଛେଦ ରିପୋର୍ଟ ବା ପଞ୍ଚନାମା ରିପୋର୍ଟ ସହ ଏସ୍‌ପିଙ୍କ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। କମିଶନଙ୍କ ଅଧକ୍ଷ ଜଷ୍ଟିସ୍ ପି.କେ. ପଟେଲ ଓ ସଦସ୍ୟ ଅସିମ୍ ଅମିତାବ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ମେ ୨୦ ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ବ୍ରାଉନ୍‌ସୁଗାର ମାମଲାରେ ହାଜତରେ ଥିଲେ ମନୋରଞ୍ଜନ ରେଡି। ତେବେ ପୋଲିସ୍ ତାଙ୍କୁ ବାଡେଇ ବାଡେଇ ମାରିଦେଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ।





## କଟକ ଡିସିପି ପ୍ରତୀକ ସିଂଙ୍କ ପ୍ରେସ୍‌ମିଟ୍

**କଟକ(ତପନ ମହାନ୍ତି):-** କଟକ ଚାଉଳିଆଗଞ୍ଜ ଥାନା ପୋଲିସ୍ ହାତରେ ଧରା ପଡିଲା ବାଇକ ଲୁଟେରା। ଦୀର୍ଘଦିନ ବାଇକ୍ ଲୁଟ୍ କରି ଆସୁଥିବା ଯାଜପୁରର ଚଗଲି ଜେନାକୁ ଗିରଫ କରିବା ସହ ଲୁଟ୍ କରିଥିବା ୧୫ଟି ଗାଡିକୁ ଜବତ କରାଯାଇଛି ।


ମିଳିଥିବା ସୂଚନା ଅନୁସାରେ, ଭୁବନେଶ୍ୱର ଝାରପଡା ଅଞ୍ଚଳର ମାନସ ରଂଜନ ମହାକୁଡ ତାଙ୍କ ବାଇକଟିକୁ ମହାନଦୀ ବିହାର ସେଲିବ୍ରେସନ ମଣ୍ଡପ ନିକଟରେ ରଖିଥିବା ବେଳେ କେହି ଦୁର୍ବୃତ୍ତ ଚୋରି କରି ନେଇଥିଲେ। ଏହା ପରେ ସେ ଏ ନେଇ ଚାଉଳିଆଗଞ୍ଜ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍‌ର ଅନୁସନ୍ଧାନ ସମୟରେ ମୁଖ୍ୟ ଅଭିଯୁକ୍ତ ଚଗଲି ଜେନାଙ୍କୁ ଗିରଫ କରାଯାଇଥିଲା ଏବଂ ତାର ଦୁଇ ସହଯୋଗୀ ସନ୍ତୋଷ ବେହେରା ଏବଂ କହ୍ନେଇ ତନ୍ତି ନାମକ ଦୁଇଜଣଙ୍କୁ ଗିରଫ କରିଛି ପୋଲିସ୍। ଏହି ସମୟରେ ତାଙ୍କ ନିକଟରୁ ୧୫ଟି ଚୋରି ବାଇକ୍ ଜବତ କରାଯାଇଛି ।



ଚଗଲି ଜଣେ ନିଶାସକ୍ତ ବ୍ୟକ୍ତି ହୋଇଥିବାରୁ ନିଜର ନିଶା ସେବନ କରିବା ଲାଗି ଗାଡି ଚୋରି କରିଥାଏ। ଖାଲି ସେତିକି ନୁହେଁ ଚଗଲିର ଗାଡି ଚୋରି କରିବା ପଦ୍ଧତି ଥିଲା ପୁରା ଭିନ୍ନ। ସେ ଯାଜପୁରରୁ ଆସି ଓଏମ୍‌ପିରେ ଓହ୍ଲାଇବା ପରେ ବିଭିନ୍ନ ଗାଡିରେ ଚାବି ପୁରାଇଥାଏ, ଚାବିରେ ଯେଉଁ ଗାଡି ଖୋଲିଥାଏ ତାହାକୁ ନେଇ ଫେରାର୍ ହୋଇଯାଏ। ଆଜି ମୁଖ୍ୟ ଅଭିଯୁକ୍ତ ଚଗଲି ସହ ଅନ୍ୟ ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## କଟକ ସାଇବର ପୋଲିସ୍‌କୁ ଧନ୍ୟବାଦ

**କଟକ(ସଂପର୍କବାର୍ତ୍ତା):-** କଟକ ସାଇବର ଥାନା ପୋଲିସ୍ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରିଛି। ଯୁବକ ଜଣକ ନାବାଳିକାମାନଙ୍କ ଫଟୋକୁ ଏଡିଟିଂ କରି ଅଶ୍ଳୀଳ ଫଟୋ ତିଆରି କରି ବ୍ଲାକ୍‌ମେଲ୍ କରୁଥିବା ଜଣାପଡିଛି। ଅଭିଯୁକ୍ତ ଯୁବକ ଜଣକ ସୋସିଆଲ୍ ମିଡିଆ ମାଧ୍ୟମରେ ନାବାଳିକାମାନଙ୍କୁ ଫ୍ରେଣ୍ଡ୍ ରିକ୍ୟୁଏଷ୍ଟ ପଠାଉଥିଲେ। ସଂପୃକ୍ତ ନାବାଳିକା ଫ୍ରେଣ୍ଡ୍ ରିକ୍ୟୁଏଷ୍ଟ ଗ୍ରହଣ କରିବା ପରେ ତାଙ୍କ ଆକାଉଣ୍ଟ୍‌ରେ ଥିବା ଫଟୋଗୁଡିକୁ ଡାଉନ୍‌ଲୋଡ୍ କରି ଏଡିଟିଂ ଜରିଆରେ ସେଗୁଡିକୁ ଅଶ୍ଳୀଳ ଫଟୋ ରୂପଦେଇ ଏକ ଫେକ ଆକାଉଣ୍ଟରୁ ସଂପୃକ୍ତ ନାବାଳିକାଙ୍କୁ ଫଟୋ ପଠାଉଥିଲେ। ପରେ ନାବାଳିକାଙ୍କୁ ଫେକ ଆକାଉଣ୍ଟ୍‌ରୁ ଭିଡିଓ କଲ୍ ଗ୍ରହଣ କରିବା ପାଇଁ ମେସେଜ କରୁଥିଲେ ଯୁବକ। ଭିଡିଓ କଲ ବେଳେ ନାବାଳିକାଙ୍କ ଭିଡିଓ ରେକର୍ଡିଂ କରି ବ୍ଲାକ୍‌ମେଲ୍ କରିବାକୁ ଚେଷ୍ଟା କରୁଥିଲେ। ଏହିଭଳି ପ୍ରାୟ ୪୫ଜଣ ନାବାଳିକାଙ୍କୁ ବ୍ଲାକ୍‌ମେଲ୍ କରିବା ପାଇଁ ଅଭିଯୁକ୍ତ ମାଷ୍ଟର ପ୍ଲାନ୍ କରିଥିବା ଡିସିପି କହିଛନ୍ତି।



ବରିଷ୍ଠ ନାଗରିକ ମଧ ଏହି ଜାଲ୍‌ରୁ ବାଦ୍ ପଡି ନାହାଁନ୍ତି। ସେପଟେ ଏହି ଘଟଣା ପରେ କୌଣସି ଅଜଣା ବ୍ୟକ୍ତିଙ୍କ ଫ୍ରେଣ୍ଡ୍ ରିକ୍ୟୁଏଷ୍ଟ ଗ୍ରହଣ କରିବା ପାଇଁ ସାଇବର ଥାନା ପକ୍ଷରୁ ପରାମର୍ଶ ଦିଆଯାଉଛି।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୮୬୩୭୨୨୪୧୮୯(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

ସଂପାଦକ : ରାମଚନ୍ଦ୍ର ମହାନ୍ତି

● Editor : Rama Chandra Mohanty

Mob- 9437023380, 7978875473 Email : samparkabarta1@gmail.com

News Editor: Akshaya Kumar Behera